# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 34 | ISSUE 202 ଭାଗ ୩୪ | ସଂଖ୍ୟା ୨୦୨ | Tuesday 13 October 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୧୩ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ରୁଷ ମଧ୍ୟ ଅସ୍ତ୍ରବିରତି ଚାହୁଁଛି କି?

ପୃଷ୍ଠା ୫

## ୬ ଓଡ଼ିଶା କ୍ୟାଡର୍ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୨।୧୦(ସଂଚାର ବ୍ୟୁରୋ): ଆଜି ୬ ଜଣ ଓଡ଼ିଶା କ୍ୟାଡର୍ ମାଓବାଦୀ ଆଜି ଛତିଶଗଡ଼ର ବିଜାପୁର ଥାନାଞ୍ଚଳରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଓଡ଼ିଶାରେ ସକ୍ରିୟ ଥିବା ବେଳେ ଅନ୍ୟ ଦୁଇ ଜଣ ଓଡ଼ିଶାରୁ ପଳାଇ ଯାଇ ପଶ୍ଚିମବଙ୍ଗର ବସ୍ତର ଡିଭିଜନ୍‌ରେ ସକ୍ରିୟ ଥିଲେ। ସେମାନଙ୍କ ମୁଣ୍ଡରେ ପ୍ରଶାସନ ପକ୍ଷରୁ ୩୫ ଲକ୍ଷ ଟଙ୍କାର ପୁରସ୍କାର ଧାର୍ଯ୍ୟ କରାଯାଇଥିଲା। ଆତ୍ମସମର୍ପଣ କରିଥିବା ୬ ଜଣ ମାଓବାଦୀଙ୍କ ମଧ୍ୟରୁ ୪ ଜଣ ପାର୍ଟି ପଲିଟିକାଲ୍ କ୍ୟାଡର୍ ମେମ୍ବର ଥିବା ବେଳେ ଅନ୍ୟ ଦୁଇ ଜଣ ପାର୍ଟି ମେମ୍ବର୍ ଥିଲେ। ସେମାନେ ହେଲେ ରାନୀ ସୋଢ଼ି ଓରଫ୍ ସନ୍ଧ୍ୟା (୩୦), ପାଣ୍ଡୋ ପୋଡିଅମ୍ ଓରଫ୍ ସସ୍ମିତା (୨୮), ସୁକୁ କୁଡିୟାମ୍ ଓରଫ୍ ସନ୍ତୋଷ (୨୭), ଗଣେଶ ଉଲ୍‌କା, କୋସା ମାଡଭୀ ଓରଫ୍ ସତୀଶ ଓ ଦେବେ ମାଡକାମ ଓରଫ୍ ଜାନି (୨୨)।

### ସୁପ୍ରିମ୍‌କୋର୍ଟ ଘେରିଲେ ଇଣ୍ଡିଆ ବ୍ଲକ୍ ଓ ଆନ୍ଦୋଳନକାରୀ

# ସରକାରଙ୍କ ହୃତ୍‌କମ୍ପନ ବଢ଼ାଇଲେ ରାହୁଲ୍

- ମୋଦିଙ୍କ ୨୦୦ ଅଫିସର ମୋ ସମ୍ପର୍କରେ ଅଛନ୍ତି: ରାହୁଲ୍
- ସିଇସି ମୋତେ ମେସେଜ୍ କରିଛନ୍ତି
- ଏସଆଇଆର ହେରଫେର ବିରୋଧରେ ନୂଆ ପିଟିସନ୍
- ଇଣ୍ଡି ମେଣ୍ଟ ଓ ଯୁବ ଆନ୍ଦୋଳନକାରୀଙ୍କ ରାସ୍ତା ଏକ



ନୂଆଦିଲ୍ଲୀ,୧୨।୧୦: ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶନିବାର ଓ ରବିବାର ଦୁଇ ଦିନ ଧରି କକ୍ରୋଚ ଜନତା ପାର୍ଟି (ସିଜେପି) ଦେଶର ଜାତୀୟ ରାଜଧାନୀକୁ ସରଗରମ କରି ରଖିଥିବା ବେଳେ ଆଜି କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ତାହାକୁ ପୁଣି ଦୋହରାଇଛି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଇଣ୍ଡି ମେଣ୍ଟ ସୋମବାର ଦିଲ୍ଲୀରେ ଏକ ବିଶାଳ ପଦଯାତ୍ରା କରିଛି। ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ରାଜ୍ୟସଭାରେ କଂଗ୍ରେସ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ୍ ଖଡ୍‌ଗେଙ୍କ ସମେତ ଇଣ୍ଡିଆ ବ୍ଲକର ସାଂସଦ ଓ ଏକାଧିକ ଛାତ୍ର ସଂଗଠନ ତଥା ସାମାଜିକ ସଂସ୍ଥାର କର୍ମୀମାନେ ଏଥିରେ ସାମିଲ ▷ପୃଷ୍ଠା-୬

### କେରଳମ୍ ବିଧାନସଭାର ଐତିହାସିକ ପଦକ୍ଷେପ
## ସିଇସିଙ୍କୁ ହଟାଇବାକୁ ସ୍ୱତନ୍ତ୍ର ପ୍ରସ୍ତାବ ପାରିତ

ଥିରୁବନନ୍ତପୁରମ: ଦେଶରେ ନିର୍ବାଚନ କମିଶନଙ୍କ କାର୍ଯ୍ୟକାରିତାକୁ ନେଇ ବିବାଦ ଥମିବାର ନାଁ ନେଉନଥିବା ବେଳେ କେରଳମ୍ ବିଧାନସଭା ଏକ ବଡ଼ ଓ ଐତିହାସିକ ପଦକ୍ଷେପ ଗ୍ରହଣ କରିଛି। ଇତିହାସରେ ପ୍ରଥମ ଥର ପାଇଁ ବିଧାନସଭାରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରସ୍ତାବ ପାରିତ ହୋଇଛି। ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ଓ ଯୋଗ୍ୟ ଭୋଟରଙ୍କୁ ବାଦ୍ ଦିଆଯିବା ଅଭିଯୋଗକୁ ନେଇ ଏହି ପ୍ରସ୍ତାବ ଅଣାଯାଇଥିଲା। ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଦେଶର ମୁଖ୍ୟ ବିଚାରପତି (ସିଜେଆଇ) ଙ୍କୁ ନେଇ ଏକ ▷ପୃଷ୍ଠା-୬

# ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଏସଆଇଆର୍ ଜରୁରୀ

- ସ୍ୱଚ୍ଛ ଭୋଟ ପାଇଁ ଭରସାଯୋଗ୍ୟ ନିର୍ବାଚନ ମାନଚିତ୍ର ଆବଶ୍ୟକ
- ବୈଧ ଭୋଟରଙ୍କୁ ସୁରକ୍ଷା ସହ ମୃତ ଓ ଦ୍ୱୈତ ଏଣ୍ଟ୍ରି ହଟାଯାଉଛି
- ପ୍ରତ୍ୟେକ ଭୋଟ୍‌ର ପବିତ୍ରତାକୁ ସୁନିଶ୍ଚିତ କରାଯାଉଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୧୦ (ସଂଚାର ବ୍ୟୁରୋ): ଦେଶର ଗଣତନ୍ତ୍ର ଭିତ୍ତିଭୂମୀକୁ ଅଧିକ ସୁଦୃଢ଼ କରିବା ସହ ସ୍ୱଚ୍ଛ ଓ ବିଶ୍ୱାସନୀୟ ନିର୍ବାଚନ ପାଇଁ ଏସଆଇଆର ଜରୁରୀ। ସାରା ଦେଶରେ ଏସଆଇଆର ଓ ମୁଖ୍ୟ ନିର୍ବାଚନ କମିଶନଙ୍କ ଇସ୍ତଫାକୁ ନେଇ ଆନ୍ଦୋଳନ ଜୋରଦାର ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ବାଚନୀ ପ୍ରକ୍ରିୟାର ଆବଶ୍ୟକତା ନେଇ ଲୋକଙ୍କୁ ଅବଗତ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରର ବିଶ୍ୱସନୀୟତା ମୁଖ୍ୟତଃ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ ଦେବାର ଅଧିକାର ସୁରକ୍ଷା ଉପରେ ନିର୍ଭର କରେ। ଏହି ବିଶ୍ୱାସର ମୂଳଦୁଆ ହେଉଛି ସ୍ୱଚ୍ଛ ଓ ସଠିକ୍ ନିର୍ବାଚନ ମାନଚିତ୍ର। ଭୋଟର ତାଲିକାରେ ଦୁଇଥର ନାମ ଥିବା, ପୁରୁଣା ରେକର୍ଡ ରହିବା କିମ୍ବା ମୃତ ବ୍ୟକ୍ତିଙ୍କ ନାମ ରହିଯିବା ପରି ତ୍ରୁଟି ନିର୍ବାଚନର ସଠିକତାକୁ ପ୍ରଭାବିତ କରିପାରେ। ତେଣୁ ଭରସାଯୋଗ୍ୟ ନିର୍ବାଚନ ମାନଚିତ୍ର ନିଶ୍ଚିତ କରିବା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ନିର୍ବାଚନୀ ସମଗ୍ରତା ଓ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସ ମଜବୁତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଏହି ପ୍ରକ୍ରିୟା ମାଧ୍ୟମରେ ଭୋଟର ତାଲିକାରେ ଥିବା ବିଭିନ୍ନ ପ୍ରକାରର ତ୍ରୁଟି ଚିହ୍ନଟ କରାଯାଏ, ଦୁଇଥର ନାମ ଥିବା ଏଣ୍ଟ୍ରି ହଟାଇ ଦିଆଯାଏ, ମୃତ୍ୟୁ କିମ୍ବା ▷ପୃଷ୍ଠା-୬

### ବଦଳିଲେ ଡ. କମ୍ଭମ୍‌ପାଟି
## ବ୍ରଜମୋହନ ରାମ ନୂଆ ରାଜ୍ୟପାଳ



**୬ ରାଜ୍ୟରେ ନୂଆ ନିଯୁକ୍ତି**

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଓଡ଼ିଶା ସମେତ ଆଜି ଦେଶର ୬ଟି ରାଜ୍ୟରେ ରାଜ୍ୟପାଳ ପଦବୀରେ ପରିବର୍ତ୍ତନ ହୋଇଛି। ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କୁ ନିଯୁକ୍ତି ମିଳିଛି। ସୋମବାର ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ଟି ରାଜ୍ୟର ରାଜ୍ୟପାଳ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ନବନିଯୁକ୍ତ ରାଜ୍ୟପାଳମାନେ ନିଜ ନିଜ ପଦବୀରେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ନିଯୁକ୍ତି କାର୍ଯ୍ୟକାରୀ ହେବ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓଡ଼ିଶା, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଉତ୍ତରାଖଣ୍ଡ ଓ ସିକ୍କିମ୍‌ରେ ନୂଆ ରାଜ୍ୟପାଳ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କ ନାଁ ଘୋଷଣା କରାଯାଇଛି। ଏପର୍ଯ୍ୟନ୍ତ ଡକ୍ଟର ହରିବାବୁ କମ୍ଭମପାଟି ଓଡ଼ିଶାର ରାଜ୍ୟପାଳ ଦାୟିତ୍ୱ ତୁଲାଉଥିଲେ। ଏବେ ବ୍ରଜମୋହନ ରାମ ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ହୋଇଥିବା ସୂଚନାନୁସାରେ, ସିକ୍କିମ୍‌ର ବର୍ତ୍ତମାନର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳର ▷ପୃଷ୍ଠା-୬

### ପୁରୀରେ 'ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହେଲେ ସାଂସଦ
## ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ ପାଇଁ ସଚେତନ କରିବା

- ସ୍ୱଚ୍ଛତାକୁ ଜନ-ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ



ପୁରୀ,୧୨।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସରୁ ଆରମ୍ଭ ହୋଇଥିବା 'ସେବା ସଂକଳ୍ପ ଅଭିଯାନ' ଅବସରରେ ଆଜି ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ସଚେତନତା ତିଆରି କରିବା ପାଇଁ ଜନସାଧାରଣମାନଙ୍କୁ ସେ ନିବେଦନ କରିଛନ୍ତି। ଆଜି ଶ୍ରୀ ପ୍ରଧାନ ପ୍ରଥମେ ପୁରୀ ବଡ଼ଦାଣ୍ଡ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ସ୍ୱଚ୍ଛତା ଅଭିଯାନ'ରେ ସାମିଲ ସାମିଲ ହୋଇଥିଲେ। ପରେ ମା' ପାଇଁ ଗଛଟିଏ ଅଭିଯାନରେ ସେଠାରେ ଚାରା ରୋପଣ କରିଥିଲେ। 'ସେବା ସଂକଳ୍ପ ଅଭିଯାନ' ଅବସରରେ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ୱଚ୍ଛ ସାଥୀଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ। ଏହି ଅବସରରେ ସେ କହିଛନ୍ତି ଯେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପରମ୍ପରାରେ ସ୍ୱଚ୍ଛତା ଓ ପବିତ୍ରତାକୁ ସର୍ବଦା ପ୍ରଥମ ସ୍ଥାନ ଦିଆଯାଇଛି। ମାର୍ଗଶୀର ଗୁରୁବାରର ମାଣବସା ଓଷା ଓ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ପ୍ରସଙ୍ଗଗୁଡ଼ିକ ଆମ ସଂସ୍କୃତିରେ ସ୍ୱଚ୍ଛତାର ମହତ୍ତ୍ୱକୁ ଦର୍ଶାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାତ୍ମା ଗାନ୍ଧିଙ୍କ ବିଚାରଧାରାକୁ ଆଧାର କରି 'ସ୍ୱଚ୍ଛତା'କୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର ଧାମକୁ ସ୍ୱଚ୍ଛ, ପରିଚ୍ଛନ୍ନ ଓ ସୁନ୍ଦର ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ପରିବେଶ ପ୍ରତି ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ ଚେତାବନୀ ଦେଇ ସେ କହିଛନ୍ତି ଯେ ପ୍ଲାଷ୍ଟିକ୍ ଏବଂ ଜରି ଆମ ▷ପୃଷ୍ଠା-୬

## ହାଲ୍ ଓ ଉଡ୍‌ଫର୍ଡଙ୍କୁ ଅର୍ଥନୀତି ନୋବେଲ୍



ରବର୍ଟ ଇ ହାଲ୍ (ବାମ) ଓ ମାଇକେଲ ଉଡ୍‌ଫର୍ଡ

ଷ୍ଟକହୋମ୍, ୧୨।୧୦: ପ୍ରସିଦ୍ଧ ଅର୍ଥନୀତିଜ୍ଞ ରବର୍ଟ ଇ ହାଲ୍ ଓ ମାଇକେଲ ଉଡ୍‌ଫର୍ଡଙ୍କୁ ଅର୍ଥଶାସ୍ତ୍ର (ଅର୍ଥନୀତି ବିଜ୍ଞାନ)ରେ ଉଲ୍ଲେଖନୀୟ ଗବେଷଣା ଲାଗି ଚଳିତ ବର୍ଷର ସମ୍ମାନଜନକ ନୋବେଲ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଛି। ସ୍ଥୂଳ ଅର୍ଥନୈତିକ ସ୍ଥିରୀକରଣର

### ସ୍ଥୂଳ ଅର୍ଥନୈତିକ ମଡେଲ୍‌କୁ ସ୍ୱୀକୃତି

ସୂକ୍ଷ୍ମ ଅର୍ଥନୈତିକ ଭିତ୍ତିଭୂମି ଉପରେ ସେମାନଙ୍କର କାର୍ଯ୍ୟ ଲାଗି ସେମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଦୁଇ ଅର୍ଥନୀତିଜ୍ଞ ଏକାଧିକ ନୂତନ ସ୍ଥୂଳ ଅର୍ଥନୈତିକ (ମାକ୍ରୋ-ଇକୋନୋମିକ୍) ମଡେଲ ବିକଶିତ କରିଛନ୍ତି ଯାହା ପ୍ରଭାବଶାଳୀ ସ୍ଥିରୀକରଣ ନୀତି ଡିଜାଇନ୍ କରିବାର କ୍ଷମତାରେ ବୃଦ୍ଧି ଘଟାଇଛି। ଏହି ମଡେଲଗୁଡ଼ିକ ତୀବ୍ର ଆର୍ଥିକ ପରିବର୍ତ୍ତନ (ଅର୍ଥନୈତିକ ଉତ୍ଥାନ ପତନ)ର ପ୍ରଭାବକୁ ହ୍ରାସ କରିବା କ୍ଷେତ୍ରରେ ଆର୍ଥିକ (ଫିସ୍କାଲ) ଓ ମୁଦ୍ରାଗତ ପଦକ୍ଷେପକୁ ଭଲଭାବରେ ବୁଝିବା ଲାଗି ନୀତି ନିର୍ମାତାଙ୍କ ପାଇଁ ସହାୟକ ହେବ। ସାମ୍ପ୍ରତିକ ବିଶ୍ୱର ଦେଶଗୁଡ଼ିକ ଆର୍ଥିକ ଅନିଶ୍ଚିତତା, ମାନ୍ଦାବସ୍ଥାର ଭୟ ଓ ମୁଦ୍ରାସ୍ଫୀତି ସହ ଲଢ଼ୁଥିବା ବେଳେ ରବର୍ଟ ଇ ହାଲ୍ ଓ ମାଇକେଲ ଉଡ୍‌ଫର୍ଡଙ୍କ ଦ୍ୱାରା ବିକଶିତ ଅର୍ଥନୈତିକ ମଡେଲ୍ ବିଶ୍ୱର ଆର୍ଥିକ ଗତିକୁ ସଠିକ୍ ଦିଗରେ ନେବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ପୁରସ୍କାର କମିଟି ମତବ୍ୟକ୍ତ କରିଛି। ଏହା ହେଉଛି ଚଳିତ ବର୍ଷର ଚୂଡ଼ାନ୍ତ ନୋବେଲ ପୁରସ୍କାର। ପୁରସ୍କାର ରାଶି ଭାବେ ଏହି ▷ପୃଷ୍ଠା-୬

# ବଦଳିବ ଶ୍ରୀକ୍ଷେତ୍ର ଶିରୀ

- ବ୍ରିଜ୍, ବେଳାଭୂମି ଓ ମନ୍ଦିର ସୌନ୍ଦର୍ଯ୍ୟକରଣର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ
- ବିମାନବନ୍ଦର ଓ ରଘୁନନ୍ଦନ ପାଠାଗାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ଶ୍ରୀକ୍ଷେତ୍ରର ସବୁ ବିକାଶ କାର୍ଯ୍ୟରେ ସେବାୟତ ଓ ନାଗରିକଙ୍କୁ ପ୍ରାଥମିକତା
- ଶ୍ରୀ ସେତୁ ନିକଟରେ ଥଇଥାନ ହେବେ ବଡ଼ଦାଣ୍ଡ ଉଠା ଦୋକାନୀ
- ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଓଡ଼ିଶାର ଅସ୍ମିତା ଓ ଜଗନ୍ନାଥପ୍ରେମୀଙ୍କ ଆସ୍ଥା
- ଲୋକଙ୍କ ଆବଶ୍ୟକତାର ସୁରକ୍ଷା ସହ ସବୁ ପ୍ରକଳ୍ପକୁ ବିଶ୍ୱସ୍ତରୀୟ କରିବାକୁ ପରାମର୍ଶ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଲୋକସେବା ଭବନଠାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଓ ସେବାୟତଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ଜଣାପଡିଛି।

ଏହି ସମୀକ୍ଷା ବୈଠକରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଓ ଶ୍ରୀ ଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତ ଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଶ୍ରୀ ଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀ ସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସାକ୍ଷୀଗୋପାଳର ▷ପୃଷ୍ଠା-୬

### ଆୟୁଷ୍ମାନ କାର୍ଡକୁ ନେଇ ସରକାରଙ୍କ କଡ଼ା ଆଭିମୁଖ୍ୟ
## ଆଇସିୟୁ ନ ଥିଲେ ସର୍ଜରୀ ମନା




- କାମ କରିବନି ଆୟୁଷ୍ମାନ ପୋର୍ଟାଲ
- ଆପତ୍ତି ଉଠାଇଲେ ଘରୋଇ ମେଡିକାଲ ସଂଘ

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଆୟୁଷ୍ମାନ କାର୍ଡକୁ ନେଇ ବାରମ୍ବାର ଅଭିଯୋଗ ପରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯେଉଁ ଘରୋଇ ହସ୍ପିଟାଲରେ ଆଇସିୟୁ ସହ ଭେଣ୍ଟିଲେଟର ନ ଥିବ, ସେଠାରେ ଆୟୁଷ୍ମାନ କାର୍ଡରେ ଅପରେସନ ହୋଇପାରିବ ନାହିଁ। ତେଣୁ ଚଳିତ ମାସ ଶେଷ ସୁଦ୍ଧା ଆଇସିୟୁ ବ୍ୟବସ୍ଥା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି, ନଚେତ ନଭେମ୍ବର ପହିଲାରୁ ଆହ୍ୱାନ ନିଆଯିବ ବୋଲି ଏକ ଚିଠିରେ ସ୍ୱାସ୍ଥ୍ୟ ବିଭାଗ ଚେତାଇ ଦେଇଛି।

ଆଇସିୟୁ ଓ ଭେଣ୍ଟିଲେଟର୍ ନ ଥିଲେ ଆୟୁଷ୍ମାନ ଅନୁଦାନରେ ହୋଇପାରିବନି ଅପରେସନ। ରାଜ୍ୟର ଘରୋଇ ମେଡ଼ିକାଲଗୁଡ଼ିକ ବିରୋଧରେ ଏବେ ଏଭଳି ଆହ୍ୱାନ ନେଇପାରନ୍ତି ସରକାର। ନା ମିଳିବ ଆୟୁଷ୍ମାନ ଯୋଜନା ଅଧୀନରେ ହେଉଥିବା ସର୍ଜରୀ ପାଇଁ ଆର୍ଥିକ ପ୍ୟାକେଜ୍, ନା କାର୍ଯ୍ୟକ୍ଷମ କରିବ ଆୟୁଷ୍ମାନ ପୋର୍ଟାଲ। ରାଜ୍ୟ ସରକାରଙ୍କ ଷ୍ଟେଟ ହେଲ୍‌ଥ ଆସ୍ୟୁରାନ୍ସ ସୋସାଇଟି (ଏସ୍‌ଏଚ୍‌ଏଏସ୍) ପକ୍ଷରୁ ସମସ୍ତ ତାଲିକାଭୁକ୍ତ ହସ୍ପିଟାଲକୁ ଚିଠି ଲେଖାଯାଇଛି। ଆୟୁଷ୍ମାନ ଭାରତ-ପିଏମଜେଏୱାଇ ଓ ଜିଜେଏୱାଇ ଯୋଜନାରେ ସର୍ଜରୀ କରୁଥିବା ହସ୍ପିଟାଲ ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଭଳି ▷ପୃଷ୍ଠା-୬

## ସୂର୍ଯ୍ୟ କାନ୍ତଙ୍କ ଇସ୍ତଫା ପୋଷ୍ଟକୁ ନେଇ ବିବାଦ

ନୂଆଦିଲ୍ଲୀ, ୧୨।୧୦: ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଇସ୍ତଫା ଦାବିକରି କଂଗ୍ରେସର କେରଳମ୍ ୟୁନିଟ୍ ପକ୍ଷରୁ କରାଯାଇଥିବା ଏକ ଟୁଇଟକୁ ନେଇ ବିବାଦ ସୃଷ୍ଟି ହୋଇଛି। ପୋଷ୍ଟ କରାଯିବାର ଖୁବ୍ ଅଳ୍ପ ସମୟ ମଧ୍ୟରେ ଏହି ଟୁଇଟ୍‌କୁ ଉଠାଇ ନିଆଯାଇଥିଲେ ମଧ୍ୟ ଏହାକୁ ନେଇ ବିଜେପି ପକ୍ଷରୁ ଦୃଢ଼ ଆପତ୍ତି କରାଯାଇଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ କଂଗ୍ରେସର କେରଳମ୍ ୟୁନିଟ୍ ପକ୍ଷରୁ ଉଲ୍ଲେଖ କରାଯାଇଥିଲା ଯେ, 'ଡିୟର ସୂର୍ଯ୍ୟ କାନ୍ତ, ଯଦି ଆଇନ୍ ଶୃଙ୍ଖଳା ଆପଣଙ୍କ ହାତରେ ନାହିଁ ତା'ହେଲେ ଆପଣ ଏବେ ଇସ୍ତଫା ଦେଇଦିଅନ୍ତୁ। ଆମେ ତୁମ ସ୍ଥାନରେ ଅନ୍ୟ କାହାକୁ ବସାଇବୁ ଯିଏ ଦେଶରେ ଆଇନ ଶୃଙ୍ଖଳା ରଖିବାରେ ସମର୍ଥ ହେବ।' ଏହାକୁ ବିରୋଧ କରିବା ସହ ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଏହାକୁ ଭାରତୀୟ ସମ୍ବିଧାନ ପ୍ରତି ଅପମାନ ବୋଲି କହିଥିଲେ।

## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୪ ପାକ୍ ଆତଙ୍କୀ ନିହତ

ପୁଞ୍ଛ,୧୨।୧୦: ଜମ୍ମୁ-କାଶ୍ମୀରର ପୁଞ୍ଛ ଜିଲ୍ଲାସ୍ଥିତ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଭାରତୀୟ ସୀମାକୁ ଅନୁପ୍ରବେଶ ଉଦ୍ୟମ କରି ପାକିସ୍ତାନୀ ଆତଙ୍କବାଦୀ ସମୂହ ସମ୍ପୂର୍ଣ୍ଣ ନିପାତ ହୋଇଛନ୍ତି। ସୋମବାର କୃଷ୍ଣାଘାଟି (କେଜି) ସେକ୍ଟରର ସତବାଲ-ନାକି ଅଞ୍ଚଳରେ ଅନୁପ୍ରବେଶ କରୁଥିବା ବେଳେ ଭାରତୀୟ ସେନା ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ୍ ସଂସ୍ପର୍ଶରେ ଆସିବାରୁ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ଏଥିରେ ଲସ୍କର-ଏ-ତୋଇବାର ଜଣେ କମାଣ୍ଡର ସମେତ ୪ ଜଣ ପାକିସ୍ତାନୀ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ମୃତ ଆତଙ୍କବାଦୀମାନେ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ପୁଞ୍ଛ ଜିଲ୍ଲା ହଜିରା ତହସିଲର ବାସିନ୍ଦା ବୋଲି ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ଲସ୍କର କମାଣ୍ଡର ମହମ୍ମଦ ଫୈଜାନ, ମହମ୍ମଦ ଇସ୍ତିୟାକ୍, ମହମ୍ମଦ ଭକାସ ଏବଂ ମହମ୍ମଦ ଅସୀମ।



### କାନ ଡେରିଆ

କ୍ୟାମ୍ପେନରେ ଏବେ କମ୍ପୁଛି
କ୍ୟାମ୍ପସ
ଚାଲିଛି ମିଳଣ ମେଳା
ଜିତିବା ପାଇଁକି ବାଜି ଲାଗିଅଛି
ଅଣଛାତ୍ର ଠିଆ ପାଲା
ନେତା ହେଲେଣି ଘାଇଲା...
ବିଜେପି ଭିଡୁଛି ବିଜେଡି ଟାଣୁଛି
କଂଗ୍ରେସ ପ୍ରାର୍ଥୀଟା ଢିଲା।

ଦେବାଶିଷ

# ଛାତ୍ରଙ୍କୁ ଆଗରେ ରଖି ତିନି ଦଳର ପତିଆରା ଲଢ଼େଇ




- ପଞ୍ଚାୟତ ଓ ପୌର ନିର୍ବାଚନକୁ ଲକ୍ଷ୍ୟ
- ସମସ୍ତେ ଦାବି କରିବେ ୮୦ ପ୍ରତିଶତ

ଭୁବନେଶ୍ୱର, ୧୨।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ଆଠ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେଉଥିବା ବେଳେ ଛାତ୍ରମାନଙ୍କୁ ଆଗରେ ରଖି ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ପତିଆରା ଲଢ଼େଇରେ ମାତିଛନ୍ତି। ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ କିଏ କାହାକୁ କେତେ ମାତ୍ ଦେବ ସେଥିପାଇଁ ସବୁ କାମ ଛାଡି ଛାତ୍ରସଂସଦ ନିର୍ବାଚନରେ ବଳ ଖଟାଉଛନ୍ତି।

ଛାତ୍ର ସଂସଦ ନିର୍ବାଚନ ଯଦିଓ ବିନା ଦଳୀୟ ଚିହ୍ନରେ ହେଉଛି, କିନ୍ତୁ ରାଜ୍ୟର ମନ୍ତ୍ରୀ, ବିଧାୟକ ଓ ଅନ୍ୟ ଦଳୀୟ ନେତାମାନେ ଯେ ଏଥିପାଇଁ ଦିନରାତି ଏକ କରିଦେଇଛନ୍ତି, ତାହା ଜଳ ଜଳ ହୋଇ ଦିଶୁଛି। କଲେଜଗୁଡ଼ିକରେ ନିଜ ନିଜ ଦଳର ସଙ୍କେତ ବହନ କରୁଥିବା ଗାମୁଛା ପକାଇ ପିଲାମାନେ ନିର୍ବାଚନରେ ମାତିଛନ୍ତି। ଯଦିଓ କଲେଜରେ ନିର୍ବାଚନୀ ପ୍ରଚାର ଜୋରଦାର ହେଉଥିବ। ଦେଖାଯାଉଛି, କିନ୍ତୁ ଅଧିକାଂଶ ସ୍ଥଳରେ ଶିକ୍ଷକ ଅଭାବ କିମ୍ବା ଶିକ୍ଷାନୁଷ୍ଠାନର ଅନ୍ୟାନ୍ୟ ସମସ୍ୟାକୁ ସେତେଟା ଗୁରୁତ୍ୱ ଦିଆଯାଉନାହିଁ।

ତେବେ ସବୁଠାରେ ଗୋଟିଏ କଥା ଆଲୋଚନା ହେଉଛି ଯେ କଲେଜ ନିର୍ବାଚନ ପାଇଁ ଏତେ ଟଙ୍କା ଆସୁଛୁ କୁଆଡୁ? ପ୍ରାର୍ଥୀ ପାଇଁ ସର୍ବାଧିକ ୫ ହଜାର ଟଙ୍କା ଖର୍ଚ୍ଚର ସୀମା ଥିବା ବେଳେ ଦୈନିକ ଭୋଜିରେ ଲକ୍ଷାଧିକ ଟଙ୍କା ଉଡୁଛି। ପୋଷ୍ଟର ବ୍ୟାନର ଖର୍ଚ୍ଚ ଅଲଗା। ତେଣୁ ରାଜନୈତିକ ଦଳଗୁଡ଼ିକ ଯେ ଏହି ନିର୍ବାଚନକୁ ପରିଚାଳନ କରୁଛନ୍ତି, ତାହା ଆଉ କାହା ପାଇଁ ଅବୁଝା ନାହିଁ। କାରଣ ଦୀର୍ଘଦିନ ପରେ ଯୁବ ଭୋଟରଙ୍କୁ ନିଜ ପାଖକୁ ଆଣିବା ପାଇଁ ଗୋଟେ ବଡ଼ ସୁଯୋଗ ଆସିଛି। ଆସନ୍ତା ବର୍ଷ ପଞ୍ଚାୟତ ଓ ପୌର ନିର୍ବାଚନ ହେବାକୁ ଯାଉଥିବାରୁ ଏମାନଙ୍କୁ ଯେମିତି ହେଲେ ନିଜ ପାଖରେ ରଖିବାକୁ ପଡ଼ିବ। କାରଣ ଏହା ପରେ ପରେ ସାଧାରଣ ନିର୍ବାଚନ ଆସିବ।

ଏଥିପାଇଁ ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସର ନେତାମାନେ ଲାଗି ପଡ଼ିଥିବା ବେଳେ ସମସ୍ତେ କିନ୍ତୁ ଏବେ ଅକ୍ଟୋବର ୧୫ ତାରିଖ ପାଇଁ ସଜବାଜ ହେଉଛନ୍ତି। ସେହିଦିନ ଛାତ୍ର ସଂସଦ ନିର୍ବାଚନ ହେବା ସହ ଫଳାଫଳ ପ୍ରକାଶ ପାଇବ। ତେଣୁ ଫଳ ପ୍ରକାଶ ପରେ ପରେ ତିନି ଦଳର ଛାତ୍ର ସଂଗଠନ ନିଜ ନିଜର ୮୦ ▷ପୃଷ୍ଠା-୬

## ଛାତ୍ର ସଂସଦ ନିର୍ବାଚନକୁ ନେଇ ଲକ୍ଷ୍ମୀବରାହ କଲେଜରେ ଉତ୍ତେଜନା

**ଛାତ୍ରଛାତ୍ରୀଙ୍କ ରାସ୍ତାରୋକ**



ଆଳି,୧୨।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନକୁ ନେଇ ଆଳିର ଲକ୍ଷ୍ମୀବରାହ କଲେଜରେ ପ୍ରବଳ ଉତ୍ତେଜନା ଲାଗିରହିଛି। ଫଳରେ ଫଳରେ ଆଜି କଲେଜର ଛାତ୍ରଛାତ୍ରୀମାନେ ରାସ୍ତା ରୋକ କରିଥିଲେ।

ସୂଚନା ଅନୁଯାଇ ନିର୍ବାଚନ ପାଇଁ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ୮ତାରିଖରେ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ମୋଟ ୧୮ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେଥିରୁ ଚାରି ଜଣ ସଭାପତି ଏବଂ ସମ୍ପାଦକ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ, ୧୦ ତାରିଖ ଦିନ ଦୁଇଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିଲେ। ଏହାକୁ ନେଇ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଛାତ୍ର ଛାତ୍ରୀ ମାନେ ଉତ୍ସୱ ବନାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଅନ୍ୟ ଗୋଷ୍ଠିର ଅଣଛାତ୍ରମାନେ ଲକ୍ଷ୍ମୀବରାହ ମହାବିଦ୍ୟାଳୟରେ ପହଂଚି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଅଧ୍ୟକ୍ଷଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।ଯାହାକୁ ନେଇ ଆଜି ଛାତ୍ର ଛାତ୍ରୀ ମାନେ ଅଧ୍ୟକ୍ଷଙ୍କୁ ନ୍ୟାୟ ଦାବିରେ କଲେଜ ସାମନା ଭୁଇଁପୁର କଳସପୁର ରାସ୍ତା ଅବରୋଧ କରି ଦୀର୍ଘ ସମୟ ଧାରଣା ରେ ବସିଥିଲେ।

ଖବର ପାଇ ଆଳି ତହସିଲଦାର ସୁମନ ଘୋଷ ଓ ଆଳିଥାନା ପୋଲିସ ଘଟଣା ସ୍ଥଳରେ ପହଁଞ୍ଚି ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇ ବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ତହସିଲଦାର ସୁମନ ଘୋଷଙ୍କୁ ଏକ ଲିଖିତ ଦାବିପତ୍ର ଛାତ୍ର ଛାତ୍ରୀ ପାଖରୁ ଦିଆ ଯାଇଥିଲା। ପରେ ଦୀର୍ଘ ସମୟ ଧରି ଅଟକି ରହିଥିବା ଯାନବାହାନ ଚଳାଚଳ ହୋଇଥିଲା।

**ଲୁଣାଘେରିବନ୍ଧ ସୁଦୃଢ଼ୀକରଣରେ ଅନିୟମିତତା ଅଭିଯୋଗ**

# ୪ କୋଟିର ପ୍ରକଳ୍ପରେ ନିମ୍ନମାନର ପଥର ପ୍ୟାକିଂ

### ନିର୍ଦ୍ଧାରିତ ମାନଦଣ୍ଡକୁ ଅଣଦେଖା କରି କାମ ହେଉଥିବା ଅଭିଯୋଗ

### ଦୁଇ ବର୍ଷରେ ସରିନି ୩୦ ପ୍ରତିଶତ କାମ



ମହାକାଳପଡ଼ା,୧୨।୧୦ (ସଂଚାର ବ୍ୟୁରୋ): ନଦୀକୂଳ ଖାଇଯିବା ଆଶଙ୍କାରୁ ବଟଗାର ପଞ୍ଚାୟତବାସୀଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଆରମ୍ଭ ହୋଇଥିଲା ଲୁଣାଘେରିବନ୍ଧ ସୁଦୃଢ଼ୀକରଣ ପ୍ରକଳ୍ପ। ହେଲେ ଏହି ଜରୁରୀ ପ୍ରକଳ୍ପରେ ନିମ୍ନମାନର ପଥର ବ୍ୟବହାର ଓ କାର୍ଯ୍ୟରେ ଅନିୟମିତତା ନେଇ ଏବେ ଉଠିଛି ସାଂଘାତିକ ଅଭିଯୋଗ। ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପରେ ନିର୍ଦ୍ଧାରିତ ଓଜନର ବଡ଼ ପଥର ବଦଳରେ ଅତି ଛୋଟ ଛୋଟ ପଥରରେ ପ୍ୟାକିଂ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ନଦୀର ଜଳସ୍ରୋତ ଓ ଜୁଆରକୁ ଏହି ବନ୍ଧ କେତେଦିନ ରୋକିପାରିବ, ତାହାକୁ ନେଇ ଚିନ୍ତା ବଢ଼ିଛି।

ମହାକାଳପଡ଼ା ବ୍ଲକର ବିଚ୍ଛିନ୍ନାଞ୍ଚଳ ଭାବେ ପରିଚିତ ବଟଗାର ପଞ୍ଚାୟତକୁ ଚାରିପଟୁ ମହାନଦୀ ଓ ଏହାର ଶାଖା ନଦୀ ଘେରି ରହିଛି। ଏହି ଅଞ୍ଚଳରେ ଖୋଲା ନଦୀର ପ୍ରଖର ସ୍ରୋତ ଯୋଗୁଁ ବିଭିନ୍ନ ସ୍ଥାନରେ କୂଳ କ୍ଷୟ ହେଉଥିବା ବେଳେ କେତେକ ସ୍ଥାନରେ ନଦୀ ଲୋକଙ୍କ ବାସସ୍ଥାନ ନିକଟରେ ପହଞ୍ଚିଛି। ଏଭଳି ସ୍ଥିତିରେ ପଞ୍ଚାୟତର ପ୍ରାୟ ୧୨ ହଜାର ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଲାଇନ୍ ବିଭାଗ ପକ୍ଷରୁ ଲୁଣାଘେରିବନ୍ଧ ସୁଦୃଢ଼ୀକରଣ କାମ ଆରମ୍ଭ କରାଯାଇଥିଲା। ଦୁଇ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି କାମ ଏଯାଏଁ ୩୦ ପ୍ରତିଶତ ମଧ୍ୟ ଶେଷ ହୋଇନଥିବା ଅଭିଯୋଗ ହୋଇଛି।

ପ୍ରକଳ୍ପର ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଖୋଲା ନଦୀର ପ୍ରାୟ ୯୦୦ ମିଟର ଅଞ୍ଚଳରେ ପଥର ଲଞ୍ଚିଂ, ଟୋପିଂ ଓ ପ୍ୟାକିଂ କରାଯିବା ସହ ବନ୍ଧର ସୁଦୃଢ଼ୀକରଣ କରାଯିବା କଥା। ଏଥିପାଇଁ ପ୍ରାୟ ୯ ଇଞ୍ଚରୁ ୧ ଫୁଟ ଆକାରର ଏବଂ ପ୍ରାୟ ୩୦ କିଲୋଗ୍ରାମ ଓଜନର ପଥର ବ୍ୟବହାର ହେବାର ପ୍ରାବଧାନ ଥିବା ଅଞ୍ଚଳବାସୀ କହିଛନ୍ତି। କିନ୍ତୁ ବାସ୍ତବରେ ୧୦୦ ଗ୍ରାମରୁ ୫ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଛୋଟ ପଥର ବ୍ୟବହାର କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ପ୍ରାୟ ୮୦ ପ୍ରତିଶତ କାମରେ ଛୋଟ ପଥର ବ୍ୟବହାର ହୋଇଥିବା ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଏପରିକି କେତେକ ସ୍ଥାନରେ ପାଣି ଆସିବା ପରେ ପଥର ପ୍ୟାକିଂ ଧସିପଡ଼ିଥିବା ଦେଖାଯାଇଛି। ଏହା ଯଦି ସତ୍ୟ ହୋଇଥାଏ, ତେବେ ଆଗାମୀ ଦିନରେ ଜୁଆର ଓ ନଦୀର ପ୍ରଖର ସ୍ରୋତ ସମୟରେ ବନ୍ଧର ସ୍ଥାୟିତ୍ୱ ନେଇ ବଡ଼ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅନ୍ୟପଟେ, ପ୍ରକଳ୍ପରେ ମାଟି କାମର ବ୍ୟବସ୍ଥା ଥିବା ସତ୍ତ୍ୱେ ତାହା ଠିକ୍ ଭାବେ କରାଯାଉନଥିବା ମଧ୍ୟ ଅଭିଯୋଗ ହୋଇଛି।

ଏହି ଅନିୟମିତତା ସମ୍ପର୍କରେ ଅଞ୍ଚଳବାସୀ ଏକାଧିକବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ସ୍ତରରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବା ସେମାନେ କହିଛନ୍ତି। ନଦୀଘେରା ଅଞ୍ଚଳ ହୋଇଥିବାରୁ ପ୍ରକଳ୍ପସ୍ଥଳକୁ ଯିବା ଆସିବା କଷ୍ଟକର। ଏହାର ସୁଯୋଗ ନେଇ ଠିକାଦାର ମନମୁଖୀ ଭାବେ କାମ କରୁଥିବା ଏବଂ ବିଭାଗୀୟ ଯନ୍ତ୍ରୀ ନିୟମିତ ଭାବେ କାମର ତଦାରଖ କରୁନଥିବା ନେଇ ଜଣେ ଅଞ୍ଚଳବାସୀ ନାମ ଗୋପନ ରଖିବା ସର୍ତ୍ତରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ପଥର ପ୍ୟାକିଂ ନାମରେ କେତେକ ସ୍ଥାନରେ ଲୋକଙ୍କ ଘର ସମ୍ମୁଖରୁ ମାଟି ମଧ୍ୟ କାଟି ନିଆଯାଇଛି। ଏହାଦ୍ୱାରା ନଦୀବନ୍ଧର ସୁରକ୍ଷା ସହିତ ସ୍ଥାନୀୟ ବାସିନ୍ଦାଙ୍କ ଘର ଓ ଜମି ମଧ୍ୟ ବିପଦରେ ପଡ଼ିବା ଆଶଙ୍କା ରହିଛି।

## ଅଧାପନ୍ତରିଆ ଥିବା ଦୋବନ୍ଧା କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ଦାବି

କେନ୍ଦ୍ରାପଡ଼ା,୧୨।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ କେନ୍ଦ୍ରାପଡା ବ୍ଲକ ଅଧିନ ଗାଙ୍ଗପଡା ପାୟତର ଦୋବନ୍ଧା ମୌଜା(ସୋବଲା) ଗ୍ରାମର ଅଧିବାସୀ ମାନେ ଗାଙ୍ଗପଡା ପାୟତର ଯୁବସମାଜସେବୀ ଅସିତବନ୍ଧୁ ଧଳଙ୍କ ନେତୃତ୍ୱରେ ଭେଟି ଦୋବନ୍ଧା ଗ୍ରାମରେ ଥିବା ଜଳସେଚନ ବିଭାଗର ଅସମ୍ପୂର୍ଣ୍ଣ କେନାଲକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଚାଷଜମିକୁ ଜଳସେଚିତ କରିବା ପାଇଁ ଦାବି କରିଛନ୍ତି ।

ସେମାନଙ୍କ ଦାବି ଅନୁଯାୟୀ ଦୋବନ୍ଧା ଗ୍ରାମର ପ୍ଲଟ ନଂ-୧୨୬୦ ରକବା ଏ୨.୭୩୮ଏକର ମଧ୍ୟରୁ ଏ୧.୧୦୮ ହେକ୍ଟର ଜମି ଚାଷୀଭାଇ ମାନେ କେନାଲ ପାଇଁ ପ୍ରଦାନ କରିଛନ୍ତି ଯାହା ନକ୍ସାରେ ସ୍ଥାନିତ ଅଛି । କିନ୍ତୁ ଯେଉଁ ଚାଷୀଭାଇ ମାନେ କେନାଲ ନିମନ୍ତେ ଜମି ପ୍ରଦାନ କରିଥିଲେ ସେମାନଙ୍କ ଚାଷଜମି ଜଳସେଚିତ ହୋଇପାରିନାହିଁ ।

ପ୍ରକାଶ ଥାଉକି ୨୦୧୭-୧୮ ମସିହାରେ ତତ୍କାଳୀନ ବିଧାୟକ କିଶୋର ଚନ୍ଦ୍ର ତରାଇ ଏବଂ ତତ୍କାଳୀନ କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ଦିବଂଗତ ଅନାମବନ୍ଧୁ ଧଳଙ୍କ ଆପ୍ରାଣ ଉଦ୍ୟମରେ ତଥା ଗ୍ରାମବାସିଙ୍କ ସହଯୋଗରେ ଜଳସେଚନ ବିଭାଗ ପକ୍ଷରୁ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଧା ରହିଥିବା କେନାଲ କାର୍ଯ୍ୟ ଆରମ୍ଭ କରାଯାଇଥିଲା । କିନ୍ତୁ ନକ୍ସା ହିସାବରେ ଯେପର୍ଯ୍ୟନ୍ତ ପହିବା କଥା ସେଠାରେ ପହି ପାରି ନାହିଁ ବରଂ ଅସମ୍ପୂର୍ଣ୍ଣ ହୋଇ ରହିଅଛି। ଗ୍ରାମବାସୀଙ୍କ ପକ୍ଷରୁ ଏସମ୍ପର୍କରେ ପୂର୍ବରୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଚାଷୀମାନଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ନିମନ୍ତେ ଦାବି କରାଯାଇଛି।

ବର୍ତ୍ତମାନ ରାଜ୍ୟ ସରକାର ଜଳସେଚନ ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଅଧାପନ୍ତରିଆ ରହିଥିବା କେନାଲକୁ ସମ୍ପୂର୍ଣ୍ଣ କରାଇ ଚାଷୀ ଭାଇମାନଙ୍କ କୃଷି କ୍ଷେତ୍ରକୁ ଜଳସେଚନର ସୁବ୍ୟବସ୍ଥା କରାଯିବାକୁ ଦାବି କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାନ୍ତ କୁମାର ପରିଡା, ସୌମେନ୍ଦୁ ପରିଡା, ଧରଣୀଧର ସାହୁ, ବିଭୂପ୍ରସାଦ ପରିଡା, ବାବାଜୀ ଚରଣ ସାହୁ, କୈଳାସ ଚନ୍ଦ୍ର ପରିଡା, ପ୍ରଦୀପ ପରିଡା, ଭଗବାନ ଧଳ, ବାବୁରାମ ରାଉତ, ଯୋଗେନ୍ଦ୍ର ସାହୁ, ଗଜେନ୍ଦ୍ର ସାହୁ, ଅମୁଲ୍ୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାୟକଙ୍କ ଜନ୍ମଦିନରେ ବରିଷ୍ଠ ନାଗରିକଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ



ମହାକାଳପଡ଼ା: ୧୨।୧୦ (ସଂଚାର ବ୍ୟୁରୋ): ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଦଳୀୟ ନେତା ଓ ଶୁଭେଚ୍ଛୁ। ଆଜି ଏହି ଅବସରରେ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଖରିନାଶିସ୍ଥିତ ବରିଷ୍ଠ ନାଗରିକ ନିବାସଠାରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ନିବାସରେ ରହୁଥିବା ସମସ୍ତ ଗୁରୁଜନ ଓ ମାଆମାନଙ୍କୁ ନୂତନ ବସ୍ତ୍ର ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଜନ୍ମଦିନକୁ ସେବା ଓ ମାନବିକତାର ଭାବନା ସହ ପାଳନ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ସରୋଜକାନ୍ତ ସାହୁ, କୁମାରକାନ୍ତ ମହାନ୍ତି ଓ ପ୍ରଶାନ୍ତ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କ ସହ ସମୟ ବିତାଇଥିଲେ।

**ଏଡିଏସର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା**

## ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ଛାତ୍ରଛାତ୍ରୀ ସଫଳତା ପାଇବେ:ବିଧାୟକ



ପଟ୍ଟାମୁଣ୍ଡାଇ,୧୨।୧୦(ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀମାନେ ନିଜ ଦୁର୍ବଳତାକୁ ପରଖି ଏହାକୁ ଶକ୍ତିରେ ପରିଣତ କଲେ ସାମ୍ପ୍ରତିକ ପ୍ରତିଯୋଗିତା ମୂଳକ ଦୁନିଆରେ ଜୀବନ ସବୁ କ୍ଷେତ୍ରରେ ସଫଳତା ହାସଲ କରି ପାରିବେ ବୋଲି ମତପ୍ରକାଶ କରିବା ସହିତ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ଅଧ୍ୟବସାୟ ଓ ପ୍ରତିବଦ୍ଧତା ବଜାୟ ରଖିବା ଓ ପିତା ମାତା ଗୁରୁ ଗୁରୁଜନଙ୍କୁ ଭକ୍ତି କରିବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ଏ ଡି ଏସ ଇନଷ୍ଟିଚ୍ୟୁଟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରାମର୍ଶ ଦେଇଛନ୍ତି ।

ଏଡିଏସ ଅଧ୍ୟକ୍ଷ ଇଂ କାମାକ୍ଷା ରଞ୍ଜନ ନାୟକଙ୍କ ପୌରହିତ୍ୟ ଓ ସଂଯୋଜନାରେ ମୁନିଫା ପରବିନଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ମୁଖ୍ୟବକ୍ତା ଓ ଶିକ୍ଷାବିତ ବିଶ୍ୱ ରଞ୍ଜନ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଉତ୍ତମ ଅଧ୍ୟୟନ କରି ଶ୍ରେଷ୍ଠ ସଫଳତା ହାସଲ କରିବା ସହିତ ଶିକ୍ଷାନୁଷ୍ଠାନ ଓ ଅଂଚଳର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ ।

ଏଇ ଅବସରରେଏହି ଅନୁଷ୍ଠାନର ଏନ ଆଇ ଟି ପାଇଥିବା ରାଜ କୁମାର ଦାଶ ଓ ଖଡ଼ଗପୁର ଆଇଆଇଟି ପାଇଥିବା ସୂର୍ଯ୍ୟକାନ୍ତ ମଣ୍ଡଳଙ୍କ ସମେତ ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଅନୁଷ୍ଠାନ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବିକଟ ଶବ୍ଦ କରୁଥିବା ୫୦ଟି ଗାଡ଼ିର ସାଇଲେନ୍ସର ପାଇପ୍ ଚେପା କଲା ପୁଲିସ



ଢେଙ୍କାନାଳ, ୧୨।୧୦ (ସଂଚାର ବ୍ୟୁରୋ): ଢେଙ୍କାନାଳ ସହରରେ ବିକଟ ଶବ୍ଦ ସୃଷ୍ଟି କରୁଥିବା ଗାଡ଼ି ଚାଳକଙ୍କ ବିରୋଧରେ ଢେଙ୍କାନାଳ ଟାଉନ ଥାନା ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇଛି। ଶବ୍ଦ ପ୍ରଦୂଷଣ ରୋକିବା ଏବଂ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ୫୦ଟି ଗାଡ଼ିର ସାଇଲେନ୍ସର ପାଇପ୍‌କୁ ରୋଲର ଚଢ଼ାଇ ଚେପା କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କୁ ପୁଲିସ ପକ୍ଷରୁ ଚେତାବନୀ ଦିଆଯାଇଛି।

ସହରର ବିଭିନ୍ନ ରାସ୍ତାରେ କେତେକ ଗାଡ଼ି ଚାଳକ ଅଧିକ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ବ୍ୟବହାର କରୁଥିବାରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଆସୁଥିଲା। ବିଶେଷକରି ଯୁବ ଗାଡ଼ି ଚାଳକଙ୍କ ମଧ୍ୟରେ କେତେକ ଏପରି ସାଇଲେନ୍ସର ବ୍ୟବହାର କରି ରାସ୍ତାରେ ଅଧିକ ଶବ୍ଦ ସୃଷ୍ଟି କରୁଥିବା ଦେଖାଯାଉଛି। ଏହାଦ୍ୱାରା ବୟସ୍କ ବ୍ୟକ୍ତି, ରୋଗୀ, ଶିଶୁ ଏବଂ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏଭଳି ଶବ୍ଦ ପ୍ରଦୂଷଣ ଉପରେ ରୋକ ଲଗାଇବା ପାଇଁ ଢେଙ୍କାନାଳ ଟାଉନ ଥାନା ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ ସହ ସାଇଲେନ୍ସର ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ୫୦ଟି ଗାଡ଼ିର ସାଇଲେନ୍ସର ପାଇପ୍‌କୁ ରୋଲର ଦ୍ୱାରା ଚେପା କରାଯାଇଛି।

## ୨ ଦେଶୀ ବନ୍ଧୁକ, ବିସ୍ଫୋରକ ଓ ଶିକାର ସରଞ୍ଜାମ ଜବତ, ଜଣେ ଗିରଫ



ନୀଳଗିରିଟ, ୧୨।୧୦ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡଥିବା କୁଲଡିହା ଅଭୟାରଣ୍ୟର କାର୍ଯ୍ୟରତ କର୍ମଚାରୀ ପ୍ରବେଶ ପଥରେ କାର୍ଯ୍ୟ କରୁଥିବା ସମୟରେ କଇମହୁଡି ବନ୍ୟପ୍ରାଣୀ ବିଟ କର୍ମଚାରୀ ମାନେ ଜୈନିକ ଶିକାରୀକୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଶିକାରୀମାନେ ଖସି ପଳାଇଯାଇଛି।

ସୂଚନା ଯୋଗ୍ୟ ଗତ ୧୧ତାରିଖ ରବିବାର ରାତ୍ରିରେବନ କର୍ମଚାରୀ ମାନେ ଡ୍ୟୁଟି କରୁ ଥିବା ସମୟରେ ରାତ୍ରି ପ୍ରାୟ ୧ଘଟିକା ,୧୫ମିନିଟ ସମୟରେ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଖୁଣ୍ଟାବିଲ (ଟାଙ୍ଗୀରିଆ) ଗ୍ରାମର ସ୍ୱର୍ଗତ ଧର୍ମ ହାଁସଦା ଙ୍କ ପୁଅ ବାହାଦୁର ହାଁସଦା (୫୨) ଶିକାର ପାଇଁ କୁଲଡିହା ଜଙ୍ଗଲକୁ ପ୍ରବେଶ କରିଥିବା ବେଳେ ବନ ବିଭାଗ ହାତରେ ଧରାପଡି ଗିରଫ ହୋଇଛନ୍ତି । ଅନ୍ୟ ଅଭିଯୁକ୍ତ ମାନେ ଅନ୍ଧାର କାରଣରୁ ଗୋଟିଏ ହାତତିଆରି ବନ୍ଧୁକ ଛାଡ଼ି ଖସି ପଳାଇଯାଇଛନ୍ତି। ବନ କର୍ମଚାରୀ ମାନେ ଘଟଣା ସ୍ଥଳରୁ ଦୁଇଟି ହାତ ତିଆରି ବନ୍ଧୁକ, ସୀସା କଟା ଖଣ୍ଡ, ଲୁହା ବଲ୍, କଳା ଏବଂ ହଳଦିଆ ବିସ୍ଫୋରକ ସାମଗ୍ରୀ ଏବଂ ଏକ ପ୍ଲାଷ୍ଟିକ୍ ବ୍ୟାଗ ଜବତ କରିବା ସହିତ ବାହାଦୁର କୁ ଗିରଫ କରି କୁଲଡିହା କାର୍ଯ୍ୟାଳୟ କୁ ଆଣିଥିଲେ। ଆଜି ଅଭିଯୁକ୍ତ କ ନାମରେ ଓ.ଆର. ମାମଲା ନଂ ୧୬କେ ୨୦୨୬-୨୭ ଏକ ମାମଲା ରୁଜୁ କରି ନୀଳଗିରି ମାନ୍ୟବର ସବ-ଡିଭିଜନାଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଙ୍କ କୋର୍ଟକୁ ପଠାଯାଇଥିଲା। ବେଲ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଅଲ୍ ଓଡିଶା ଅଙ୍ଗନବାଡ଼ି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବି ପ୍ରଦାନ



କେନ୍ଦ୍ରାପଡା,୧୨।୧୦(ସଂଚାର ବ୍ୟୁରୋ): ଓଡିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କସ୍ ଆସୋସିଏସନ୍ ବିଏମ୍ଏସ୍ ସଂଲଗ୍ନ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ଏକ ଦଶଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହିତ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ସଭା କରାଯାଇଛି ।

ଭାରତୀୟ ମଜଦୁର୍ ସଂଘର ଜିଲ୍ଲା ସଭାପତି ଶାନ୍ତନୁ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମ୍ଏସ୍‌ର ସମ୍ପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ଅଲ୍ ଓଡିଶା ଅଙ୍ଗନୱାଡୀ ୱାର୍କସ୍ ଆସୋସିଏସନ୍‌ର ସମ୍ପାଦିକା ପୁଷ୍ପାଞ୍ଜଳି ରଥ ଉପସଭାପତି ଅରୁନ୍ଧତୀ ଲେଙ୍କା, ସଭାପତି ସରୋଜିନୀ ବେହୁରା ପ୍ରମୁଖ ଉପସ୍ଥିତ ରହି ଅଙ୍ଗନୱାଡୀ କର୍ମୀ ଓ ସହାୟିକା କର୍ମଚାରୀ ଭାବରେ ମାନ୍ୟତା ପ୍ରଦାନ କରାଯିବା ସେହିପରି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯିବା, ଅଙ୍ଗନୱାଡୀ କର୍ମୀଙ୍କୁ ମାସିକ ୩୦ ହଜାର ଓ ସହାୟିକାଙ୍କୁ ୧୫ ହଜାର ଦରମା ପ୍ରଦାନ କରାଯିବା, ଗତ ୨୦୨୪ ମସିହା ନିର୍ବାଚନ ଇସ୍ତାହାର ଅନୁଯାୟୀ ଘୋଷଣା କରାଯାଇଥିବା ପାରିଶ୍ରମିକ ବୃଦ୍ଧି କରାଯିବା, ରାଜ୍ୟର ବିଭିନ୍ନ ଜିଲ୍ଲାରେ ୬୦ ବର୍ଷ ସେବା ପରେ କର୍ମୀଙ୍କୁ ଦୁଇ ବର୍ଷୀୟ ସଂପ୍ରସାରିତ ନିଯୁକ୍ତି କରାଯାଉନାହିଁ ଏ ସମସ୍ୟାର ତୁରନ୍ତ ସମସ୍ୟା ସମାଧାନ କରିବା, ଗତ ତିନି ବର୍ଷ ଧରି କର୍ମୀ ଓ ସହାୟିକାମାନଙ୍କ ବକେୟା ଥିବା ୟୁନିଫର୍ମ ରାଶି ତୁରନ୍ତ ପ୍ରଦାନ କରାଯିବା ସହ ମୋବାଇଲ୍ ରିଚାର୍ଜ ଓ ନେଟ୍ ପ୍ୟାକ୍ ପାଇଁ ନିୟମିତ ଭାବେ ଅର୍ଥ ପ୍ରଦାନ କରାଯିବା, ଚାକିରୀ କ୍ଷେତ୍ରରେ ୬୦ ବର୍ଷରୁ ୬୨ ବର୍ଷ ବୟସକୁ ବୃଦ୍ଧି କରାଯାଉ ଆଦି ଦାବିଗୁଡିକ ରହିଛି ।

ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ସୁକାନ୍ତି ସାମଲ ମେନକା ପାତ୍ର, ଲିଲି ତ୍ରିପାଠୀ, ସରୋଜିନୀ କର, ଲକ୍ଷ୍ମଣ ମଲ୍ଲିକ, ଫକୀର ବାରିକ, କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବାୟାବାବା ମହାବିଦ୍ୟାଳୟରେ ନିର୍ବାଚନୀ ହିଂସା



ମହାକାଳପଡା,୧୨।୧୦ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଶ୍ରୀ ଶ୍ରୀ ବାୟା ବାବା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି।

ଆଜି ମଧ୍ୟାହ୍ନରେ କଲେଜ ପରିସରରେ ଦୁଇ ଛାତ୍ର ଗୋଷ୍ଠୀ ଭୋଟ୍ ପ୍ରଚାର କରୁଥିବା ବେଳେ ନେଇ ଉଭୟ ବିଜୁ ଛାତ୍ର ଜନତା ଦଳ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାର୍ଥୀ ତଥା ସମର୍ଥକମାନେ ପରସ୍ପରର ମୁହାଁମୁହିଁ ହୋଇଥିଲେ। ଉଭୟ ଗୋଷ୍ଠୀର ଛାତ୍ର ଛାତ୍ରୀ ମାନେ ପରସ୍ପର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଯେଉଁଥି ପାଇଁ କିଛି ସମୟ ପର୍ଯ୍ୟନ୍ତ ହୋହାଲ୍ଲା ଓ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ପରିସ୍ଥିତି ଉତ୍ତେଜନମୂଳକ ହୋଇପଡ଼ିବାରୁ କଲେଜ ଅଧ୍ୟକ୍ଷ ରଞ୍ଜିତ କୁମାର ଦାସ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ମହାକାଳପଡ଼ା ଏବଂ ମାର୍ଶାଘାଇ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଛାତ୍ର ଗୋଷ୍ଠୀଙ୍କୁ ବୁଝାସୁଝା କରିବା ପରେ କଲେଜ ପରିସର ଶାନ୍ତ ପଡିଥିଲା।

**ଉମରକୋଟ ଛୁରାମାଡ଼ ଓ ଆକ୍ରମଣ ଘଟଣା**

## ଆଉ ୫ ଗିରଫ, ଗିରଫଦାରୀ ସଂଖ୍ୟା ୮କୁ ବୃଦ୍ଧି



ନବରଙ୍ଗପୁର, ଉମରକୋଟ, ୧୨।୧୦ (ସଂଚାର ବ୍ୟୁରୋ): ଉମରକୋଟ ଡିଏନ୍‌କେ ଅଞ୍ଚଳର ତ୍ରିନାଥ ମନ୍ଦିର ନିକଟରେ ଯୁବକ ଦୀପକମଲଙ୍କୁ ଦଳବଦ୍ଧ ଆକ୍ରମଣ ଓ ଛୁରାମାଡ଼ ଘଟଣାରେ ପୋଲିସ ତଦନ୍ତ ଜୋରଦାର ହୋଇଛି। ହତ୍ୟା ଉଦ୍ୟମ ସମେତ ବିଭିନ୍ନ ସଂଗିନ ଦଫାରେ ମାମଲା ରୁଜୁ କରାଯାଇ ତଦନ୍ତ ଆଗକୁ ବଢ଼ୁଥିବା ବେଳେ, ଏହି ମାମଲାରେ ସୋମବାର ଆଉ ୫ ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ଗିରଫ ହୋଇଥିବା ୩ ଜଣଙ୍କୁ ମିଶାଇ ଏଯାବତ୍ ମୋଟ ୮ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।ପୋଲିସ ସୂଚନା ଅନୁଯାୟୀ, ଗିରଫ ହୋଇଥିବା ନୂତନ ଅଭିଯୁକ୍ତମାନେ ହେଲେ— ଉମରକୋଟ କେନାଲ ସାହିର ସୀମାଞ୍ଚଳ ବାଘ (୨୮) ଚଢ଼େଇଗୁଡ଼ାର ପଙ୍କଜ କନ୍ଦପାନ (୨୯) ଚିକଲପଦର ଗ୍ରାମର ନୀଳାମ୍ବର ହରିଜନ ଓରଫ ଜିତୁ (୨୫) ମାଧବ ହରିଜନ (୧୯) ଉମରକୋଟ ଗାନ୍ଧୀଛକର ରାମ ହରିଜନ (୨ ଗିରଫ ପରେ ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

## କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଘେରିଲା ବିଜେପି ମହିଳା ମୋର୍ଚ୍ଚା

*୧୧ ଛାତ୍ରୀଙ୍କୁ ଅସଦାଚରଣ କରିଥିବା କଂଗ୍ରେସ ସାଂସଦଙ୍କ ବିରୋଧରେ ରାହୁଲ ଗାନ୍ଧୀ ନିରବ କାହିଁକି*



କେନ୍ଦ୍ରାପଡ଼ା, ୧୨।୧୦ (ସଂଚାର ବ୍ୟୁରୋ): ମଣିପୁର ଇନ୍ନର ସାଂସଦ ଅଙ୍ଗୋମଚାବିମଲ ଅକୋଇଜାମ ୧୧ ଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ବେଳେ ତାଙ୍କ ବିରୋଧରେ ଯିବାକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନିରବତାକୁ ନେଇ କେନ୍ଦ୍ରାପଡ଼ା ଜିଲା ବିଜେପି ମହିଳା ମୋର୍ଚ୍ଚା ପ୍ରଶ୍ନ ଉଠାଇଛି । ଏହା ସହ ଜିଲା କଂଗ୍ରେସ ଭବନକୁ କେନ୍ଦ୍ରାପଡ଼ା ଜିଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ଘେରାଉ କରାଯାଇଛି । ଏହାସହ ତିନିମୁହାଣୀ ଠାରେ ସାଂସଦ ଅଙ୍ଗୋମଚାବିମଲ ଅକୋଇଜାମଙ୍କ କୁଶପୁତ୍ତଳିକା ଦାହ କରାଯାଇଛି ।

ଏହି ଅବସରରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ. ଜେନା କହିଥିଲେ ଯେ ରାହୁଲ ଗାନ୍ଧୀ ମୋଦୀ ସରକାରଙ୍କୁ ସବୁବେଳେ ସମାଲୋଚନା କରୁଛନ୍ତି । ହେଲେ ନିଜ ଦଳରେ ଯେଉଁମାନେ ଭୁଲ କାମ କରୁଛନ୍ତି ତାଙ୍କୁ ସୁରକ୍ଷା ଦେଉଛନ୍ତି । ଜଣେ ସାଂସଦ ୧୧ ଜଣ ଛାତ୍ରୀଙ୍କୁ ଅସଦାଚରଣ କଲେ ହେଲେ ତାଙ୍କ ବିରୋଧରେ ରାହୁଲ ଗାନ୍ଧୀ ମୁହଁ ଖୋଲୁ ନାହାଁନ୍ତି । ତାଙ୍କୁ ଓଲଟା ସୁରକ୍ଷା ଦେଉଛନ୍ତି। ଯାହା ସମ୍ବିଧାନ ବିରୋଧୀ କାର୍ଯ୍ୟ ବୋଲି ସେ କହିଛନ୍ତି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ନାରୀ ନେତ୍ରୀ ଗୀତାଞ୍ଜଳୀ ସେଠୀ, ଜିଲା ଉପ ସଭାନେତ୍ରୀ ମନିଷା ପଣ୍ଡା, ରାଜ୍ୟ ମହିଳା ମୋର୍ଚ୍ଚା ସଂପାଦିକା ରାଜଲକ୍ଷ୍ମୀ ଦାସ, ଜିଲା କୃଷକ ମୋର୍ଚ୍ଚା ଉପ ସଭାନେତ୍ରୀ ବିଷ୍ଣୁପ୍ରିୟା ମହାପାତ୍ର, ମାନସୀ ସାହୁଙ୍କ ସମେତ ୩୦୦ରୁ ଉର୍ଦ୍ଧ୍ୱ ମହିଳା ମୋର୍ଚ୍ଚାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଶପୁତ୍ତଳିକା ଦାହ କରିଥିଲେ ।

## ଉର୍ଦ୍ଦୁ ଲାଇବ୍ରେରୀରେ ପାନୀୟ ଜଳ ଓ ବିଦ୍ୟୁତ୍ ସଂକଟ



କେନ୍ଦ୍ରାପଡା, ୧୨।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୧୩ ନମ୍ବର ୱାର୍ଡସ୍ଥିତ କୋର୍ଟ ସାମ୍ନାରେ ଥିବା ଉର୍ଦ୍ଦୁ ଲାଇବ୍ରେରୀରେ ଅବ୍ୟବସ୍ଥା ଲାଗି ରହିଛି। ପରିଚାଳନା କମିଟିର ସଦସ୍ୟମାନେ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଦୂର ଦୂରାନ୍ତରୁ ଆସୁଥିବା ଛାତ୍ର/ଛାତ୍ରୀମାନେ ପାଠ ପଢିନପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ମାସ ହେଲା ଲାଇବ୍ରେରୀ ପରିସରର ଗୋଟା ସାଇଡ୍‌ରେ ବିଦ୍ୟୁତ୍ ସଂକଟ ଥିବାବେଳେ ପାନୀୟ ଜଳ ପାଇଁ ଥିବା ଆକୁଆଗଡ୍ ଦୀର୍ଘ ମାସ ହେଲା ଅଚଳ ହୋଇ ପଡିଛି । ଛାତ୍ରଛାତ୍ରୀମାନେ ଅସହାୟ ଗରମରେ ବସୁଥିବାବେଳେ ପାନୀୟ ଜଳ ସଂକଟ ଥିବାରୁ ବହୁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଚାଳନା କମିଟିର ସଦସ୍ୟ ଓ ପୌର ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏମାନେ କୌଣସି ପଦକ୍ଷେପ ନ ନେବାରୁ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ସମସ୍ୟା ଗୁଡ଼ିକୁ ସମାଧାନ କରିବା ପାଇଁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

## ବାଙ୍କିମୁଣ୍ଡେଇ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି

ଡେରାବିଶ, ୧୨।୧୦ (ସଂଚାର ବ୍ୟୁରୋ): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ବାଙ୍କିମୁଣ୍ଡାଇ ଆଞ୍ଚଳିକ ସାଧନକେନ୍ଦ୍ରର ସୁରଭି କାର୍ଯ୍ୟକ୍ରମ ଆଜି ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲାଲବାହାଦୂର ଶାସ୍ତ୍ରୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷାଧିକାରୀ ମଦନ ମୋହନ କର ମୁଖ୍ୟ ଅତିଥିଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ ସଭାପତିତ୍ୱ କରିଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବରେ ଚାନ୍ଦୋଳ ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ମଳିକ, ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ, ମୁଖ୍ୟ ବକ୍ତା ଭାବରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ପାତ୍ର, ସମ୍ମାନିତ ଅତିଥିଭାବରେ ବିଆରସିସି ଦେବଦତ୍ତ ଶତପଥି, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଯୋଗଦେଇଥିଲେ।

ଏହି ଅବସରରେ କ୍ଲଷ୍ଟର ଅଧୀନ ୯ ଟି ବିଦ୍ୟାଳୟରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ୍, ଶ୍ରୁତ ଲିଖନ, ଚିତ୍ରାଙ୍କନ, ପିଏମ୍ ପୋଷଣର ଚିତ୍ର ଓ ପ୍ରକଳ୍ପ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ପୂର୍ବତନ ସିଆରସିସି ଶରତ କୁମାର ଆଚାର୍ଯ୍ୟ, ଲଲାଟ କିଶୋର ଭୂୟାଁ, ଅଜୟ କୁମାର ଦାସ, ସିଆରସିସି ନିର୍ମଳ କୁମାର ଜେନା, ବିଶ୍ୱଜିତ ମୁଦୁଲି ବିଚାରକ କାର୍ଯ୍ୟନିର୍ବାହ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ।



**AFFIDAVIT**

By virtue of an affidavit before Executive Magistrate Derabish dated 03-06-2026 I Gopal Chandra Behera father of Bidyashree Behera At/po-Indalo PS-Kendrapara Sadar Dist-Kendrapara-754210 declare that I have changed my daughter 's name from G. P Niharika Behera to Bidyashree Behera. Henceforth she will be known as Bidyashree Behera for all purposes.

### ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ

# ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୟୁନିଟ୍- ୧ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଛି

**ରାଜ୍ୟ ସ୍ତରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କଲେ ମନ୍ତ୍ରୀ**

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସେବା ସଂକଳ୍ପ ଅଭିଯାନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଂଶଗ୍ରହଣ ଓ ସହଭାଗିତାକୁ ପ୍ରଶଂସା କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ୱାର୍ଡ ନଂ.୪୦ର କର୍ପୋରେଟର୍ ଆସିୟା ବେଗମ୍, ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡଃ ଏନ୍. ତିରୁମାଲା ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସଙ୍ଗୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସେବା ସଂକଳ୍ପ ଅଭିଯାନରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସରକାର। ସ୍ୱଚ୍ଛତା, ସେବା ଓ ସଂକଳ୍ପକୁ ପାଥେୟ କରି ରାଜ୍ୟରେ ବିଭିନ୍ନ କାର୍ଯ୍ୟ କରାଯାଉଛି। ଏହି କ୍ରମରେ ୪୮ ହଜାରରୁ ଅଧିକ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅବସରରେ 'ମୋ ସ୍ୱପ୍ନର ଭାରତ' ବିଷୟ ବସ୍ତୁକୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏଥିରେ ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ। ବିକଶିତ ଭାରତ ଗଠନରେ ନିଜର ପରିକଳ୍ପନାକୁ ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଜୀବନ୍ତ କରିପାରିଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

### ରାଜ୍ୟ ବିଜେପି ନେତାଙ୍କୁ ସୌଦାନ ସିଂଙ୍କ ଚେତାବନୀ

# ସଂଗଠନ ସହ ଚାଲ, ସଂଗଠନକୁ ଗୁରୁତ୍ୱ ଦିଅ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଓଡ଼ିଶା ବିଜେପିର ସଂଗଠନ ସଜାଡ଼ିବେ ସୌଦାନ ସିଂ। ବିଜେପିର ରାଷ୍ଟ୍ରୀୟ ସହ ସଂଗଠନ ମହାମନ୍ତ୍ରୀ ଦାୟିତ୍ୱ ନେବା ପରେ ତିନିଦିନିଆ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଓ ଦଳୀୟ ନେତାଙ୍କୁ ଭେଟିଛନ୍ତି ସୌଦାନ ସିଂ। ମୁଖ୍ୟମନ୍ତ୍ରୀଙ୍କ ସହିତ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୌଦାନ ସିଂଙ୍କର ଦୀର୍ଘ ସାଙ୍ଗଠନିକ ଅଭିଜ୍ଞତା ଓ ମାର୍ଗଦର୍ଶନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଶକ୍ତି ଓ ଉତ୍ସାହ ପ୍ରଦାନ କରିବ। ସେପଟେ ସଂଗଠନକୁ କିପରି ମଜଭୁତ କରାଯିବ ଏବଂ ସରକାର ଓ ସଂଗଠନ ମଧ୍ୟରେ କିପରି ସମନ୍ୱୟ ରହିବ ତାଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଦଳର ନେତା ଓ କର୍ମୀଙ୍କ ସହ ଆଲୋଚନା ସମୟରେ ସେ ସିଧା ସଳଖ ଭାବେ କହିଛନ୍ତି, ସଂଗଠନ ସହ ଚାଲ, ସଂଗଠନକୁ ଗୁରୁତ୍ୱ ଦିଅ। ସଙ୍ଗଠନ ରହିଲେ ଦଳ ରହିବ। ସେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ରାଜ୍ୟର ସମସ୍ତ ମନ୍ତ୍ରୀ , ବିଧାୟକଙ୍କଠାରୁ ଆରମ୍ଭ କରି ସଂଗଠନର ନେତୃତ୍ୱଙ୍କୁ ଭେଟି ରାଜ୍ୟର ସାମ୍ପ୍ରତିକ ପରିସ୍ଥିତି, ଦଳର ସାଙ୍ଗଠନିକ ସ୍ଥିତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି ସୌଦାନ ସିଂ। ସୌଦାନ ସିଂଙ୍କର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ହୋଇଥିବାରୁ ତାଙ୍କ ଫୋକସରେ ରହିଛି ଓଡିଶା। ସୌଦାନଙ୍କ ପ୍ରଥମ ଗସ୍ତରେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରିଛନ୍ତି। ବୈଠକ ପରେ ମୁଖ୍ୟମନ୍ତ୍ରୀ ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟରେ ଲେଖିଛନ୍ତି, ରାଜ୍ୟରେ ସଂଗଠନକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା, ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଶେଷ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚାଇବା ତଥା ରାଜ୍ୟର ସାମଗ୍ରିକ ବିକାଶ ସମ୍ପର୍କରେ ସୌଦାନ ସିଂଙ୍କ ସହ ଫଳପ୍ରଦ ବିଚାରବିମର୍ଶ ହୋଇଛି। ତାଙ୍କର ଦୀର୍ଘ ସାଙ୍ଗଠନିକ ଅଭିଜ୍ଞତା ଓ ମାର୍ଗଦର୍ଶନ ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନୂତନ ଶକ୍ତି ଓ ଉତ୍ସାହ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି। ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏବେ ଦଳ ପାଇଁ ବଡ଼ ଆହ୍ୱାନ ହେଉଛି ସାଂଗଠନିକ ଶକ୍ତିକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା। ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଦଳୀୟ କର୍ମୀଙ୍କୁ ସକ୍ରିୟ ରଖିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଏସବୁ କାର୍ଯ୍ୟର ତଦାରଖ କରିବେ ସୌଦାନ ସିଂ। ଏଥିପାଇଁ ଜିଲ୍ଲାରୁ ମଣ୍ଡଳ ଏବଂ ମଣ୍ଡଳରୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସେ ସଂଗଠନର ସ୍ଥିତି ପରଖୁଛନ୍ତି। କେଉଁଠି ଦଳ ମଜଭୁତ ଅଛି, କେଉଁଠି ସଂଗଠନକୁ ଅଧିକ ସକ୍ରିୟ କରିବା ଆବଶ୍ୟକ ଏବଂ କର୍ମୀଙ୍କ ମଧ୍ୟରେ ସମନ୍ୱୟ କେତେ ରହିଛି, ସେସବୁ ଦିଗରେ ସାଂଗଠନିକ ସମୀକ୍ଷା କରୁଛନ୍ତି। ଆଗାମୀ ପୌର ଓ ପଂଚାୟତ ନିର୍ବାଚନ ପୂର୍ବରୁ ସୌଦାନ ସିଂଙ୍କ ପ୍ରମୁଖ ଲକ୍ଷ ରହିଛି ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା। ଏବଂ ଦଳୀୟ କର୍ମୀଙ୍କୁ ଏକାଠି କରି ନିର୍ବାଚନୀ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା। ସୌଦାନ ସିଂଙ୍କ ଗୋଟି ଚାଳନାରେ ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପି ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା। ସେତେବେଳେ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭାବେ ନିଜର ସ୍ଥିତିକୁ ମଜଭୁତ କରିପାରିଥିଲା ବିଜେପି। ଏଥର ୨୦୨୭ ପଂଚାୟତ ନିର୍ବାଚନ ପୂର୍ବରୁ ପୁଣି ସୌଦାନ ସିଂଙ୍କ ଉପରେ ଦାୟିତ୍ୱ ଥିବାରୁ ପଂଚାୟତ ଓ ପୌର ପରିଷଦ କବଜା କରିବାକୁ ଲକ୍ଷ୍ୟ ରଖିଛି ବିଜେପି।

### ■ ଇଂରାଜୀ ପିଜିଟି ଶିକ୍ଷକ ତାଲିମ୍ କର୍ମଶାଳା

## ତାଲିମ୍ ନେବେ ୧୧୨ ପିଜିଟି ଶିକ୍ଷକ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପ୍ରାୟ ୧୧୨ ଜଣ ଇଂରାଜୀ ବିଷୟର ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନେଇ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉଦଘାଟନୀ ଅଧିବେଶନରେ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଲି, ସ୍ନିଗ୍ଧା ମିଶ୍ର, ଓସେପା ଯୁଗ୍ମ ନିର୍ଦ୍ଦେଶକ ନିରଞ୍ଜନ ଭୂଷଣ ସମର୍ଥ, ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ସିଂହ ବିଜୟଲକ୍ଷ୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସେନାପତି ଶିକ୍ଷକତା କାର୍ଯ୍ୟକୁ ଗୁରୁତ୍ୱର ସହ ନେବାକୁ ଉପଦେଶ ଦେଇଥିଲେ। ୪୫ ମିନିଟ୍‌ର ଶ୍ରେଣୀଗୃହ ଶିକ୍ଷାଦାନ ପାଇଁ ଶିକ୍ଷକଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିଥାଏ ଓ ଏହି ତାଲିମ୍ କାର୍ଯ୍ୟକ୍ରମ ସେହି ପ୍ରସ୍ତୁତିକୁ ଉନ୍ନତ କରିଥାଏ ବୋଲି ସେ ମତ ଦେଇଛନ୍ତି। ସେହିପରି ଓସେପା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସମର୍ଥ ଶିକ୍ଷକମାନଙ୍କୁ ଦେଶର ଭବିଷ୍ୟତ ଗଠନର ରୂପକାର ବୋଲି ମତ ବ୍ୟକ୍ତ କରିଛନ୍ତି। ପ୍ରଯୁକ୍ତିବିଦ୍ୟାର ସଠିକ୍ ଉପଯୋଗ ସହ ସାମୁହିକ ସହଭାଗିତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

## ଶୁଭଶ୍ରୀ ମହାନ୍ତିଙ୍କ ଡକ୍ଟରେଟ୍ ଉପାଧି ଲାଭ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): କଟକ ଜିଲ୍ଲା ଚଣ୍ଡିପ୍ରସାଦ ଗ୍ରାମର ଝିଅ ଶୁଭଶ୍ରୀ ମହାନ୍ତି ଗବେଷଣା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ଡଃ ଶୁଭଶ୍ରୀ ମହାନ୍ତି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପ୍ରାପ୍ତ କରିଛନ୍ତି। ସେ ଏନସିଇଆରଟି, ଆରଆଇଇର ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ପଞ୍ଜାବ ସେଣ୍ଟ୍ରାଲ ୟୁନିଭର୍ସିଟିର ଶିକ୍ଷା ବିଭାଗର ଡ. ଶେଷଦେବ ପାଣି ଓ ନର୍ଥ-ଇଷ୍ଟର୍ଣ୍ଣ ହିଲ୍ ୟୁନିଭର୍ସିଟି (ଏନଇଏଚୟୁ), ଶିଲଂର ପ୍ରଫେସର ଶିବଚରଣ ସୁବୁଦ୍ଧିଙ୍କ ଦ୍ୱାରା ତାଙ୍କର ଗବେଷଣା ପ୍ରବନ୍ଧ ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଉକ୍ତ ଗବେଷଣାର ନିଷ୍କର୍ଷଗୁଡ଼ିକ ସ୍ୱତନ୍ତ୍ର ଶିକ୍ଷକ ଶିକ୍ଷାର ଗୁଣବତ୍ତା ବୃଦ୍ଧି ନିମନ୍ତେ ନୀତି ନିର୍ଦ୍ଧାରଣରେ ସହାୟକ ହେବ। ସେ କଟକ ଜିଲ୍ଲାର ଚଣ୍ଡିପ୍ରସାଦ ଗ୍ରାମର ଯୋଗେନ୍ଦ୍ର ମହାନ୍ତିଙ୍କ ଝିଅ। ସେ ଏବେ ରାଜଧାନୀ ମହାବିଦ୍ୟାଳୟରେ ଶିକ୍ଷା ବିଭାଗରେ ଅଧ୍ୟାପିକା ଭାବେ କାର୍ଯ୍ୟରତ ଅଛନ୍ତି। ଚଣ୍ଡିପ୍ରସାଦ ଗ୍ରାମର ପ୍ରଥମ ଡକ୍ଟରେଟ୍ ଡିଗ୍ରୀଧାରୀ ଭାବେ ଡଃ ମହାନ୍ତି ଆଜି ନିଜ ଗ୍ରାମ ପାଇଁ ଗୌରବର କାରଣ ହୋଇଛନ୍ତି। ତାଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ; ଏହା ଗ୍ରାମର ଯୁବପିଢ଼ି ପାଇଁ ପରିଶ୍ରମ, ଶିକ୍ଷା ଓ ସ୍ୱପ୍ନକୁ ସାକାର କରିବାର ଏକ ପ୍ରେରଣାର ଉତ୍ସ।

## 'ଭୋଟ୍ ଚୋରି'କୁ ବ୍ୟବସ୍ଥିତ କରୁଛନ୍ତି ଜ୍ଞାନେଶ କୁମାର: ଭକ୍ତ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଭୋଟର ତାଲିକାର ବିବାଦୀୟ 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସଆଇଆର)କୁ ସମର୍ଥନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ବୟାନର ଦୃଢ଼ ଜବାବ ଦେଇଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ। କଂଗ୍ରେସ ନେତୃତ୍ୱରେ ଆଜି ଦିଲ୍ଲୀରେ ହୋଇଥିବା ଇଣ୍ଡି ମେଣ୍ଟର ବିକ୍ଷୋଭଉତ୍ତାରକୁ ଏକ ପ୍ରେସ ବିବୃତିରେ ପିସିସି ସଭାପତି କହିଛନ୍ତି ଯେ ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତ କରାଯାଇଥିବା ଭୋଟର ତାଲିକାର ଏହି ହେରଫେରକୁ ବୈଧ ବୋଲି ଦର୍ଶାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଶାସକ ବିଜେପିର ଗଭୀର ଭୟ ଓ ଗଣତାନ୍ତ୍ରିକ ଭାବେ ତିଷ୍ଠି ରହିବା ପାଇଁ ପ୍ରଶାସନିକ ଅପବ୍ୟବହାର ଉପରେ ସେମାନଙ୍କର ନିର୍ଭରଶୀଳତାକୁ ସ୍ପଷ୍ଟ କରୁଛି।

ପିସିସି ସଭାପତି କହିଛନ୍ତି ଯେ ଲକ୍ଷ ଲକ୍ଷ ଯାଞ୍ଚ ହୋଇଥିବା ନାଗରିକଙ୍କୁ ଭୋଟର ତାଲିକାରୁ ବାଦ୍ ଦେଉଥିବା ଏଭଳି ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ ନିୟମିତ ଭଳି କିଛି ବି ନାହିଁ। ଏହା ଏକ ଯୋଜନାବଦ୍ଧ 'ଭୋଟ୍ ଚୋରି'। ପାରମ୍ପରିକ ବିରୋଧୀ ଗଡ଼ଗୁଡ଼ିକୁ ସଫା କରିବା ପାଇଁ ଏସଆଇଆରକୁ ଏକ ପ୍ରଶାସନିକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି। ଯେତେବେଳେ ରାହୁଲ ଗାନ୍ଧି ଓ 'ଇଣ୍ଡି' ମେଣ୍ଟର ନେତୃତ୍ୱରେ ସମଗ୍ର ଦେଶ ସିଇସି ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର ଓ ଗିରଫ ଦାବିରେ ସୁପ୍ରିମକୋର୍ଟ ଅଭିମୁଖେ ମାର୍ଚ୍ଚ କରୁଛି, ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ସାଳିସପୂର୍ଣ୍ଣ ନିର୍ବାଚନ ପ୍ୟାନେଲକୁ ସମର୍ଥନ କରିବା ହାସ୍ୟାସ୍ପଦ। ସିଇସି ଏକ ସାମ୍ବିଧାନିକ ଅନୁଷ୍ଠାନକୁ ଶାସକ ଦଳର ଏକ ଶାଖା ସଂସ୍ଥାରେ ପରିଣତ କରିଛନ୍ତି ବୋଲି ସେ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଚୋର ମୁହଁ ଟାଣ ପରି କିଛି ଲୋକ ଡିଜିଟାଲ ସୁରକ୍ଷା କଥା କହୁଛନ୍ତି। ଏହା ଏକ ସମ୍ପୂର୍ଣ୍ଣ ମନଗଢ଼ା କାହାଣୀ। ମନଇଚ୍ଛା ପରିଚାଳିତ ଇଭିଏମ୍‌ଠାରୁ ଆରମ୍ଭ କରି ଏସଆଇଆର ମାଧ୍ୟମରେ ନିର୍ଦ୍ଦିଷ୍ଟ ବର୍ଗକୁ ଭୋଟର ତାଲିକାରୁ ନାମ କାଟିବା ପର୍ଯ୍ୟନ୍ତ ଚୋରି କାମରେ ସିଇସି ଲିପ୍ତ। ଜନସାଧାରଣଙ୍କ ପ୍ରକୃତ ଜନମତକୁ ଏଡ଼ାଇବା ପାଇଁ ପ୍ରଯୁକ୍ତିବିଦ୍ୟାର ଅପବ୍ୟବହାର କରାଯାଉଛି।

## ଟେଣ୍ଡର ଜାଲିଆତି ଅଭିଯୋଗରେ ଓକାକ୍‌କୁ ଘେରିଲା କଳିଙ୍ଗସେନା

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ଦ୍ୱାରା ହୋଇଥିବା ସିସିଟିଭି ଟେଣ୍ଡରରେ ଜାଲିଆତି ଅଭିଯୋଗ ଆଣି ଆଜି ଓକାକ୍ ଦପ୍ତର ଘେରାଉ କରିଛି କଳିଙ୍ଗ ସେନା। ସେନାର ଶତାଧିକ ସୈନିକ ଆଜି ସୁପ୍ରିମୋ ହେମନ୍ତ ରଥଙ୍କ ନେତୃତ୍ୱରେ ଏହି ଘେରାଉ କରିବା ସହ ଟେଣ୍ଡର ଜାଲିଆତିରେ ଜଡ଼ିତ ବାବୁଙ୍କୁ ଗିରଫ କରିବା ସକାଶେ ଦାବି କରିଥିଲେ। ଘେରାଉ ସଂଗ୍ରାମରେ ସୁପ୍ରିମୋ ଦେବ ଶ୍ରୀ ରଥ କହିଛନ୍ତି ଯେ ରାଜ୍ୟର ୪ ବିଶ୍ୱବିଦ୍ୟାଳୟ ବାଣୀବିହାର, ରମାଦେବୀ, ମାଣିକେଶ୍ୱରୀ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ସିସିଟିଭି ଲଗାଇବା ପାଇଁ ଓକାକ ଯେଉଁ ଟେଣ୍ଡର ଜାରି କରିଥିଲା ସେଥିରେ ବାବୁମାନେ ବଡ଼ ଧରଣର ଦୁର୍ନୀତି କରିଛନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ ଏହାର ଦରକୁ ପାଖାପାଖି ଦୁଇ ଗୁଣ ବୃଦ୍ଧି କରିଦିଆଯାଇଛି। ଓକାକ ସମେତ ଆଇଟି ବିଭାଗର ବଡ଼ବାବୁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି।

## ୯ ଦିନ ଗଡ଼ିବ ମା' ବିରଜାଙ୍କ ବିଜୟା ରଥ



ଯାଜପୁର,୧୨।୧୦(ସଂଚାର ବ୍ୟୁରୋ): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା। ଶ୍ରୀକ୍ଷେତ୍ର ପରେ ବିରଜା କ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୁଏ। ଜଗତର ନାଥ ଜଗନ୍ନାଥଙ୍କ ରଥଯାତ୍ରା ଆଷାଢ଼ ମାସରେ ୯ ଦିନ ଧରି ହେଉଥିବା ବେଳେ ମା' ବିରଜାଙ୍କ ରଥଯାତ୍ରା ଆଶ୍ୱିନ ମାସରେ ଅନୁଷ୍ଠିତ ହୁଏ। ଏକମାତ୍ର ଦେବୀପୀଠ ବିରଜା କ୍ଷେତ୍ରରେ ରଥଯାତ୍ରା ହୁଏ। ମା' ବିରଜା ବିଜୟା ରଥରେ ବସି ବିଶ୍ୱର ମଙ୍ଗଳ ପାଇଁ ମନ୍ଦିର ଚାରିପାଖେ ୯ ଦିନ ଧରି ପରିକ୍ରମା କରନ୍ତି। ମା'ଙ୍କ ରଥଯାତ୍ରାକୁ ନେଇ ଏବେ ଚଳଚଞ୍ଚଳ ହୋଇଉଠିଛି ବିରଜା କ୍ଷେତ୍ର। ଦେଶର ୫୧ଟି ଶକ୍ତି ପୀଠ ମଧ୍ୟରୁ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଦଶହରା ସମୟରେ ମା'ଙ୍କ ରଥଯାତ୍ରା ୯ ଦିନ ବ୍ୟାପୀ ଅନୁଷ୍ଠିତ ହୁଏ। ମନ୍ଦିରବେଢ଼ା ଚତୁଃପାର୍ଶ୍ୱରେ ବିଜୟା ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥାନ୍ତି। ପ୍ରତିବର୍ଷ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ରଥଯାତ୍ରାରେ ସାମିଲ ହୋଇ ରଥରେ ମା'ଙ୍କୁ ଦର୍ଶନ କରିଥାନ୍ତି। ରଥର ସାରଥି ହେଉଛନ୍ତି ସ୍ୱୟଂ ବ୍ରହ୍ମା। ରଥରେ ନବଗ୍ରହ, ଦଶଦିଗପାଳ ରହିଛନ୍ତି। ମା' ବିରଜାଙ୍କ ଏହି ପ୍ରସିଦ୍ଧ ବିଜୟା ରଥଯାତ୍ରାକୁ ନେଇ ଭକ୍ତଙ୍କ ମଧ୍ୟରେ ରହିଛି ଅପାର ଶ୍ରଦ୍ଧା ଓ ଉତ୍କଣ୍ଠା।

ପ୍ରତିପଦଠାରୁ ମା' ବିରଜାଙ୍କ ରଥଯାତ୍ରା ଆରମ୍ଭ ହୋଇ ନବମୀ ଯାଏ ରଥ ବେଢ଼ା ପରିକ୍ରମା କରେ। ପାରମ୍ପରିକ ରୀତିନୀତି ଅନୁଯାୟୀ ରଥ ପୂଜା ଆରମ୍ଭ କରିବା ପରେ ରଥ ପ୍ରତିଷ୍ଠା କରାଯାଇ ପ୍ରତିମାଙ୍କୁ ରଥାରୂଢ଼ କରାଯାଇ ରଥା ଟଣାଯାଏ।

### ■ ଡାଲି ଉତ୍ପାଦନରେ ଓଡ଼ିଶାର ବଡ଼ ସଫଳତା

## ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଫଳପ୍ରଦ ହୋଇଛି



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଭାରତ ଆଜି ଡାଲି ଜାତୀୟ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡ଼କୁ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ଏହି ପ୍ରକ୍ରିୟାରେ ଓଡ଼ିଶା ଏକ ପ୍ରମୁଖ ରାଜ୍ୟ ଭାବେ ଉଭା ହୋଇଛି। ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ କୃଷି ଓ କୃଷକଙ୍କ ବିକାଶ ପାଇଁ ନିଆଯାଇଥିବା ଯୁଗାନ୍ତକାରୀ ପଦକ୍ଷେପ ଓ ଦୂରଦୃଷ୍ଟିସମ୍ପନ୍ନ ନୀତି କାରଣରୁ ଏହି ସଫଳତା ହାସଲ ହୋଇପାରିଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେଭି ସିଂହଦେଓ ଓ ରାଜ୍ୟ ସରକାରଙ୍କୁ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଡାଲି ଉତ୍ପାଦନ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆତ୍ମନିର୍ଭର ମିଶନ' ଆଜି ଏକ ବର୍ଷ ପୂରଣ ହୋଇଛି। ଡାଲି ଆମଦାନୀ ଉପରେ ନିର୍ଭରତା କମାଇବା ସହ ଚାଷୀଙ୍କ ଆୟ ବଢ଼ାଇବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ପାରମ୍ପରିକ ଧାନ ଚାଷ ବ୍ୟତୀତ ଡାଲି ଜାତୀୟ ଖାଦ୍ୟଶସ୍ୟର ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ବିଶେଷ ପ୍ରଚେଷ୍ଟା ଓ ଯୋଜନାବଦ୍ଧ ସହାୟତା ଏବେ ଫଳପ୍ରଦ ହୋଇଛି। ଚାଷୀମାନଙ୍କୁ ଉନ୍ନତ ମାନର ବିହନ ଯୋଗାଣ, ଆଧୁନିକ କୃଷି ଜ୍ଞାନକୌଶଳର ପ୍ରସାର ଏବଂ ଜଳସେଚନ ଓ ବଜାର ସଂଯୋଗୀକରଣରେ ସୁଧାର ଆଣିବା ଫଳରେ ରାଜ୍ୟରେ ଡାଲି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ଓ ଉତ୍ପାଦନ ବହୁଗୁଣିତ ହୋଇଛି।

## ଡ୍ରୋନ୍ ଆଧାରିତ ନିରୀକ୍ଷଣରେ ଅଗ୍ରଣୀ ପୂର୍ବତଟ ରେଳପଥ

### ■ ୨,୭୦୮ କିମି ରେଳପଥ ଓ ୨୮୪ ଷ୍ଟେସନରେ ୧୧ ଡ୍ରୋନ୍‌ର ନିରୀକ୍ଷଣ



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଡ୍ରୋନ୍ ଆଧାରିତ ନିରୀକ୍ଷଣ କ୍ଷେତ୍ରରେ ପୂର୍ବତଟ ରେଳପଥ ଭାରତୀୟ ରେଳପଥ ମଧ୍ୟରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ବର୍ତ୍ତମାନ ଏହାର ତିନୋଟି ମଣ୍ଡଳରେ ୧୧ଟି ଡ୍ରୋନ୍ ନିୟୋଜିତ ହୋଇଥିବା ବେଳେ ମାର୍ଚ୍ଚ ୨୦୨୭ ସୁଦ୍ଧା ଏହି ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଯୋଜନା ରହିଛି। ଏହି ପଦକ୍ଷେପ ରେଳପଥର ସୁରକ୍ଷା, ଯାତ୍ରୀଙ୍କ ନିରାପତ୍ତା ଓ ରେଳ ସମ୍ପତ୍ତିର ସୁରକ୍ଷାକୁ ଅଧିକ ସୁଦୃଢ଼ କରୁଛି।

'ଡ୍ରୋଆକ୍ ଆଇ- ଅବଜର୍ଭେସନ୍, ଡିଟେକ୍ସନ୍, ପ୍ରିଭେନସନ୍' ନାମରେ ପରିଚାଳିତ ଏହି ବ୍ୟବସ୍ଥା ରେଳ ସୁରକ୍ଷା ବଳ (ଆରପିଏଫ)କୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ନଜର ରଖିବା, ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା ଓ ଅପରାଧ ନିବାରଣ କରିବାରେ ସହାୟତା କରୁଛି। ଏହି ୧୧ଟି ଡ୍ରୋନ୍ ମଧ୍ୟରୁ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୪ଟି, ସମ୍ବଲପୁର ମଣ୍ଡଳରେ ୬ଟି ଓ ରାୟଗଡ଼ା ମଣ୍ଡଳରେ ଗୋଟିଏ ଡ୍ରୋନ୍ ନିୟୋଜିତ ହୋଇଛି। ଏହାର ପରିଚାଳନାରେ ଡିଜିସିଏ ପ୍ରମାଣପତ୍ରପ୍ରାପ୍ତ ୧୬୦ ଜଣ ଡ୍ରୋନ୍ ପାଇଲଟ୍ ସହଯୋଗ କରୁଛନ୍ତି। ଏହି ନେଟୱର୍କ ୩୧ଟି ରେଳ ସୁରକ୍ଷା ବଳ ପୋଷ୍ଟ ଅଧୀନରେ ୨୮୪ଟି ଷ୍ଟେସନ, ୨,୭୦୮ ରୁଟ୍ କିମି ଓ ୬,୦୭୨ ଟ୍ରାକ୍ କିମି ରେଳପଥକୁ ଆଚ୍ଛାଦିତ କରୁଛି।

## ଶୀଘ୍ର ଚିହ୍ନଟ, ସଠିକ୍ ଚିକିତ୍ସା ଆର୍ଥ୍ରାଇଟିସ୍ ମୁକାବିଲାର ମନ୍ତ୍ର




ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଆର୍ଥ୍ରାଇଟିସ୍‌କୁ ଡରିବା ନାହିଁ, ସଚେତନ ହୋଇ ମୁକାବିଲା କରିବା। ଏହି ବାର୍ତ୍ତା ନେଇ ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ଅବସରରେ ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ର୍ୟୁମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଏଠାରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଆର୍ଥ୍ରାଇଟିସ୍ ଓ ଅନ୍ୟାନ୍ୟ ବାତଜନିତ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଓ ରୋଗର ପ୍ରାରମ୍ଭିକ ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା ଗ୍ରହଣ କରିବାର ଆବଶ୍ୟକତାକୁ ଉଜାଗର କରିବା ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ପଦଯାତ୍ରା ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ର୍ୟୁମାଟୋଲୋଜି ସେଣ୍ଟର ପରିସରରୁ ଆରମ୍ଭ ହୋଇ ରୁପାଲି ଛକ, ଭୁବନେଶ୍ୱର ପର୍ଯ୍ୟନ୍ତ ଯାଇଥିଲା। ପଦଯାତ୍ରା ମାଧ୍ୟମରେ ଗଣ୍ଠିର ସ୍ୱାସ୍ଥ୍ୟର ସୁରକ୍ଷା, ବାତଜନିତ ରୋଗର ଲକ୍ଷଣକୁ ଅଣଦେଖା ନ କରିବା ଓ ସମୟୋଚିତ ଡାକ୍ତରୀ ପରାମର୍ଶ ନେବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ର୍ୟୁମାଟୋଲୋଜି ଆସୋସିଏସନ୍‌ର ପୃଷ୍ଠପୋଷକ ଡା. ବିଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଭୟ ଅତିଥି ପଦଯାତ୍ରାର ଶୁଭାରମ୍ଭ କରି ଆର୍ଥ୍ରାଇଟିସ୍ ସଚେତନତାର ଏହି ଅଭିଯାନକୁ ଉତ୍ସାହିତ କରିଥିଲେ।

ପଦଯାତ୍ରାକୁ ସମ୍ବୋଧିତ କରି ଡାଇରେକ୍ଟର ପ୍ରଫେସର ଡା. ଜ୍ୟୋତି ରଞ୍ଜନ ପରିଡ଼ା କହିଥିଲେ ଯେ ଆର୍ଥ୍ରାଇଟିସ୍‌ର ସଫଳ ପରିଚାଳନା ପାଇଁ ଶୀଘ୍ର ରୋଗ ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ଅତ୍ୟନ୍ତ ଜରୁରୀ।

# ଛାତ୍ର ସଂସଦ ନିର୍ବାଚନ: ଉଡୁଛି ଟଙ୍କା, ଜମୁଛି ଭୋଜିଭାତ



ଭୁବନେଶ୍ୱର,୧୨।୧୦: ଦୀର୍ଘ ୮ବର୍ଷ ପରେ ସମ୍ପ୍ରତି ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ଛାତ୍ର ସଂସଦ ନିର୍ବାଚନରେ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି ଓ ଭୋଟ ଦେବେ, ସେମାନେ ପୂର୍ବରୁ କେବେ ଏହି ନିର୍ବାଚନ ଦେଖିନାହାନ୍ତି। ଅଭିଜ୍ଞତା ନ ଥିବାରୁ ସଂଖ୍ୟାଧିକ ପ୍ରାର୍ଥୀ ରାଜନୈତିକ ଦଳମାନଙ୍କର ହାତବାରିସୀ ସାଜି ଯେଭଳି ବିପୁଳ ଅର୍ଥ ବ୍ୟୟ କରୁଛନ୍ତି, ସେଥିରୁ ଲିଙ୍ଗ୍‌ଡୋ କମିଶନଙ୍କ ସୁପାରିସ ଆଧାରରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ବୋଲି ଯେଉଁ ସୀମା ଧାର୍ଯ୍ୟ କରାଯାଇଛି, ତାହାର ଖୋଲା ଉଲ୍ଲଂଘନ ହେଉଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟର ସଂଖ୍ୟାଧିକ ବିଶ୍ୱବିଦ୍ୟାଳୟ ଓ କଲେଜ୍ କ୍ୟାମ୍ପସ୍‌ରେ ଭୋଜିଭାତର ଆସର ଜମୁଛି। ନିର୍ବାଚନ ହେବ ବୋଲି ଜଣାପଡିବା ପରଠାରୁ କିଏ ବିରିୟାନୀ ବାଣ୍ଟୁଛି ତ ଆଉ କିଏ ମଟନ, ଚିକେନ୍ ଆଦି ପିଲାଙ୍କୁ ଖାଇବାକୁ ଦେଉଛି। କେବଳ ସେତିକି ନୁହେଁ, ଆଇସକ୍ରିମ୍, ଗୁପଚୁପ୍, ସିଝା ଅଣ୍ଡା, ବିଭିନ୍ନ କିସମର ମିଠା, ମିକ୍ସର ପୁଡ଼ିଆ ଆଦି ମଧ୍ୟ ଖୋଲାଖୋଲି ଭାବେ ବଣ୍ଟାଯାଉଛି। ଏମିତିକି ରାଜଧାନୀ ସମେତ କେତେକ ସ୍ଥାନରେ କଲେଜ୍ କ୍ୟାଣ୍ଟିନ୍‌ରେ ବି କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ ମଟନ୍, ଚିକେନ୍ ରନ୍ଧାଯାଇ ପ୍ରାର୍ଥୀଙ୍କ ସପକ୍ଷରେ ବଣ୍ଟା ହେଉଛି।

ହାତଲେଖା ପ୍ରଚାର ସାମଗ୍ରୀ ବ୍ୟବହାର କରାଯିବ ବୋଲି ଯେଉଁ ନିୟମାବଳୀ ରହିଛି ତା'ର ଖୋଲା ଉଲ୍ଲଂଘନ କରି ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ଆକର୍ଷଣୀୟ ଫ୍ଲେକ୍ସ, ହୋର୍ଡିଂ ଆଦି ପ୍ରଦର୍ଶିତ ହେଉଛି। ନିର୍ବାଚନ ପ୍ରଚାର ପାଇଁ ଯେତେ କଟକଣା ରହିଛି ସେ ସବୁର ଖୋଲା ଉଲ୍ଲଂଘନ କରାଯାଉଥିଲେ ମଧ୍ୟ ତାକୁ ନିୟନ୍ତ୍ରଣ କରାଯାଉନାହିଁ। ଭୋଜିଭାତର ଆସର ଭିତରେ ବିଭିନ୍ନ ସ୍ଥାନରେ ବି ହିଂସାକାଣ୍ଡମାନ ଘଟି କେତେକ ପ୍ରାର୍ଥୀ ଗୁରୁତର ଆହତ ହୋଇଥିବା ଖବର ପ୍ରକାଶ ପାଉଛି। ଏମିତିକି ଏ ସଂକ୍ରାନ୍ତରେ ଆହତମାନଙ୍କ ପକ୍ଷରୁ ଥାନାରେ ଏତଲା ବି ଦିଆଗଲାଣି। କେତେକ ସ୍ଥାନରେ ବିଧାୟକଙ୍କ ସମେତ ବିଭିନ୍ନ ଦଳର ସ୍ଥାନୀୟ ନେତାମାନେ ଖୋଲାଖୋଲି ଭାବେ ନିଜ ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବାରେ ମାତିଛନ୍ତି। ଏହାଛଡ଼ା ପ୍ରତିପକ୍ଷର ପ୍ରାର୍ଥୀ ଓ ସମର୍ଥକଙ୍କୁ ନିଜ ପକ୍ଷକୁ ଆଣିବା ପାଇଁ ପ୍ରଲୋଭନଠାରୁ ଧମକଚମକ ପର୍ଯ୍ୟନ୍ତ ଦିଆଯାଉଥିବାର ଖୋଲା ଅଭିଯୋଗ ଆସୁଛି। ପୂର୍ବରୁ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନରେ କୌଣସି ପ୍ରାର୍ଥୀ ଦଳୀୟ ପରିଚିତି ଖୋଲାଖୋଲି ଭାବେ ଦେଉ ନ ଥିଲେ। ଫଳରେ ନିର୍ବାଚନ ଶେଷ ହେବା ପରେ ଅର୍ଥବଳ, ବାହୁବଳ ପ୍ରୟୋଗ କରି ବିଭିନ୍ନ ସଂଗଠନ ବିଜୟୀ ପ୍ରାର୍ଥୀମାନଙ୍କୁ ନିଜର ବୋଲି ଘୋଷଣା କରୁଥିଲେ। ଏଥର କିନ୍ତୁ ୩ଟି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ଦଳର ରଙ୍ଗ ସୂଚାଉଥିବା ଗାମୁଛାମାନ କାନ୍ଧରେ ପକାଇ ଖୋଲାଖୋଲି ଭାବେ ସମର୍ଥକଙ୍କ ଗହଣରେ ମଇଦାନକୁ ଓହ୍ଲାଇଛନ୍ତି।

ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ୍ କ୍ୟାମ୍ପସ୍‌ରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ୧୪ ତାରିଖରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ଶୀର୍ଷକରେ ପ୍ରାର୍ଥୀମାନେ ବକ୍ତବ୍ୟ ରଖିବେ ଓ ୧୫ ତାରିଖରେ ଭୋଟ ଗ୍ରହଣ କରାଯାଇ ସେହିଦିନ ଗଣତି ସହ ବିଜୟୀ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ ଓ ପରଦିନ ଅର୍ଥାତ୍ ୧୬ ତାରିଖରେ ବିଜିତ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ। ୧୭ ତାରିଖରୁ ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍‌ଗୁଡ଼ିକ ପୂଜା ଛୁଟି ପାଇଁ ବନ୍ଦ ରହିବ। ଇତିମଧ୍ୟରେ ହିଂସାକାଣ୍ଡ ଯୋଗୁଁ କେତେକ ଶିକ୍ଷାନୁଷ୍ଠାନରେ ନିର୍ବାଚନ ବାତିଲ ସହ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। (ତଥ୍ୟ)

## କାକଟମଙ୍ଗଳା କ୍ଲଷ୍ଟରସ୍ତରୀୟ 'ସୁରଭି-୨୦୨୬'

### ■ ଛାତ୍ରଛାତ୍ରୀଙ୍କ ପ୍ରତିଭା ବିକାଶ ଓ କଳା-ସଂସ୍କୃତିର ପ୍ରସାର ପାଇଁ ଅଭିନବ ପ୍ରୟାସ



କେନ୍ଦ୍ରାପଡ଼ା,୧୨।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ୍‌ର କାକଟମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ କେନ୍ଦ୍ରାପଡ଼ାସ୍ଥିତ ଫ୍ରେଜର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ 'ସୁରଭି-୨୦୨୬' ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅତିଥିମାନେ ଯୋଗଦେଇ ଶିକ୍ଷା ସହ କଳା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ଏକ ସୁନ୍ଦର ପରିବେଶ ସୃଷ୍ଟି କରିଥିଲେ।

ଉଦ୍‌ଘାଟନୀ ସମାରୋହରେ ୱାର୍ଡ ନଂ-୧୦ର କାଉନସିଲର ରଶ୍ମିତା ସିଂହ ଓ କ୍ଲଷ୍ଟର ସିଆରସିସି ସଦାଶିବ ସାହୁ ଉଦ୍‌ଘାଟକ ଭାବେ ଯୋଗଦେଇଥିବା ବେଳେ ଫ୍ରେଜର ବାଳିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସବ୍ୟସାଚୀ ବେହେରା ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପୀତବାସ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ 'ସୁରଭି'ର ଉଦ୍ଦେଶ୍ୟ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଏହାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବରେ ସଙ୍ଗୀତ, ବିତର୍କ, ବକ୍ତୃତା, କୁଇଜ୍, ସୁଲେଖନ ଓ ପିଏମ୍ ପୋଷଣ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସହ ହସ୍ତଶିଳ୍ପ ଓ କଳାକୃତି ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିସହ କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ ଓ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ନିଜ ନିଜର ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ମଙ୍ଗଳବାର ୧୩ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Tuesday 13 October 2026, Bhubaneswar

# ଯୁଦ୍ଧବିରତି ନା କୂଟନୈତିକ ବାହାଦୁରୀ?

ଯୁଦ୍ଧ ବନ୍ଦ କରିବାର ଘୋଷଣା କରିବା ସହଜ, କିନ୍ତୁ ଯୁଦ୍ଧର ନିଆଁ ଲିଭାଇବା ଏତେ ସହଜ ନୁହେଁ। ରୁଷ ଓ ୟୁକ୍ରେନ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ରକ୍ତକ୍ଷୟୀ ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ମଧ୍ୟସ୍ଥତାର ଦାବି କରୁଛନ୍ତି। ନିକଟରେ ଦୁଇ ଦେଶ ମଧ୍ୟରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବା ନେଇ ଯୁଦ୍ଧବିରତି ଘୋଷଣା କରି ଟ୍ରମ୍ପ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। କିନ୍ତୁ ପ୍ରଶ୍ନ ହେଉଛି, ଏହି ଘୋଷଣା କ'ଣ ପ୍ରକୃତ ଶାନ୍ତିର ଆରମ୍ଭ, ନା ବିଶ୍ୱ ରାଜନୀତିରେ ନିଜର କୂଟନୈତିକ ସଫଳତାର ପ୍ରଚାର ମାତ୍ର?

୧୧ ଅକ୍ଟୋବର ୨୦୨୬ରେ ଟ୍ରମ୍ପଙ୍କ ଘୋଷଣା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବା ପ୍ରସ୍ତାବକୁ ସମର୍ଥନ କରିଥିଲେ। ମାତ୍ର ଏଥିପାଇଁ ରୁଷର ସମାନ ଆଭିମୁଖ୍ୟ ଓ ଆମେରିକା ପକ୍ଷରୁ ସ୍ପଷ୍ଟ ବିବରଣୀ ଆବଶ୍ୟକ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ, ରୁଷ ପକ୍ଷରୁ ଏହି ଯୁଦ୍ଧବିରତିର ସ୍ପଷ୍ଟ ସମ୍ମତି ମିଳି ନଥିବା ବେଳେ ୟୁକ୍ରେନର ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ ଜାରି ରହିଥିବା ଖବର ଆସିଛି। ତେଣୁ ଏହାକୁ ଏକ ସଫଳ ଯୁଦ୍ଧବିରତି ବୋଲି ଘୋଷଣା କରିହେବ ନାହିଁ।

ଟ୍ରମ୍ପଙ୍କ ରାଜନୈତିକ ଶୈଳୀର ଏକ ବିଶେଷତ୍ୱ ହେଉଛି ବଡ଼ ବଡ଼ ଦାବି ଓ ଶୀଘ୍ର ଫଳାଫଳର ପ୍ରତିଶ୍ରୁତି। ଯୁଦ୍ଧ ବନ୍ଦ କରିବା ନେଇ ତାଙ୍କର ଉଦ୍ୟମକୁ ଅସ୍ୱୀକାର କରାଯାଇପାରିବ ନାହିଁ। ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ରାଷ୍ଟ୍ର ଭାବେ ଆମେରିକାର ଅର୍ଥନୈତିକ, ସାମରିକ ଓ କୂଟନୈତିକ ଶକ୍ତି ଉଭୟ ଦେଶ ଉପରେ ପ୍ରଭାବ ପକାଇପାରେ। କିନ୍ତୁ ଏହି ଶକ୍ତିର ଅର୍ଥ ଏ ନୁହେଁ ଯେ ମସ୍କୋ ଓ କିଭ୍‌ର ସମସ୍ତ ନିଷ୍ପତ୍ତି ୱାଶିଂଟନର ଇଚ୍ଛା ଅନୁସାରେ ହେବ। ଆଜିର ବାସ୍ତବତା ହେଉଛି, ରୁଷ ଓ ୟୁକ୍ରେନ ମଧ୍ୟରେ ଅଞ୍ଚଳ ଅଧିକାର, ଜାତୀୟ ସାର୍ବଭୌମତ୍ୱ ଓ ଭବିଷ୍ୟତର ସୁରକ୍ଷା ବ୍ୟବସ୍ଥାକୁ ନେଇ ଗଭୀର ମତଭେଦ ରହିଛି। ଆମେରିକାର ମଧ୍ୟସ୍ଥତାରେ ଆଲୋଚନା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ଯୁଦ୍ଧବିରତି ହୋଇପାରିନାହିଁ। ତେଣୁ ଟ୍ରମ୍ପଙ୍କ ସଫଳତାର ମାପକାଠି ହେବ ତାଙ୍କର ଘୋଷଣା ନୁହେଁ, ବରଂ ଯୁଦ୍ଧକ୍ଷେତ୍ରରେ ବନ୍ଦ ହେଉଥିବା ଗୁଳି, ବଞ୍ଚୁଥିବା ଜୀବନ ଓ ଦୁଇ ଦେଶ ମଧ୍ୟରେ ପ୍ରତିଷ୍ଠିତ ବିଶ୍ୱାସ। ରୁଷର ପ୍ରମୁଖ ଦାବି ହେଉଛି ୟୁକ୍ରେନର ଭବିଷ୍ୟତ ସୁରକ୍ଷା ବ୍ୟବସ୍ଥା ଓ ନାଟୋ ସହ ଏହାର ସମ୍ପର୍କ ଉପରେ ନିଜର ଚିନ୍ତାକୁ ଗୁରୁତ୍ୱ ଦିଆଯାଉ। ଏହା ସହ ଅଧିକୃତ ଅଞ୍ଚଳଗୁଡ଼ିକୁ ନେଇ ମସ୍କୋ ନିଜର ଦାବି ଛାଡ଼ିବାକୁ ଚାହୁଁନାହିଁ। ଅନ୍ୟପଟେ, ୟୁକ୍ରେନ ନିଜର ଭୌଗୋଳିକ ଅଖଣ୍ଡତା, ସାର୍ବଭୌମତ୍ୱ ଓ ଭବିଷ୍ୟତରେ ରୁଷର ଆକ୍ରମଣରୁ ସୁରକ୍ଷା ପାଇଁ ନିଶ୍ଚିତ ଗ୍ୟାରେଣ୍ଟି ଚାହୁଁଛି।

ଏଠାରେ ଉଭୟ ପକ୍ଷଙ୍କୁ କିଛି ନା କିଛି ସାଲିସ କରିବାକୁ ପଡ଼ିବ। କିନ୍ତୁ ସାଲିସର ଅର୍ଥ ହେଉଛି ନାହିଁ ଯେ ୟୁକ୍ରେନ ନିଜର ସାର୍ବଭୌମତ୍ୱକୁ ତ୍ୟାଗ କରିବ କିମ୍ବା ରୁଷକୁ ସମସ୍ତ ଦାବିରେ ସଫଳ ହେବାକୁ ଦିଆଯିବ। ଶକ୍ତି ବଳରେ ଅଞ୍ଚଳ ଦଖଲକୁ ଆଇନଗତ ସ୍ୱୀକୃତି ଦେବା ଭବିଷ୍ୟତରେ ଅନ୍ୟ ରାଷ୍ଟ୍ରଙ୍କୁ ମଧ୍ୟ ସମାନ ପଥ ଅନୁସରଣ କରିବାକୁ ଉତ୍ସାହିତ କରିପାରେ। ସେହିପରି ରୁଷର ସୁରକ୍ଷା ସମ୍ପର୍କିତ ଚିନ୍ତାକୁ ସମ୍ପୂର୍ଣ୍ଣ ଅଣଦେଖା କରି ମଧ୍ୟ ସ୍ଥାୟୀ ଶାନ୍ତି ସମ୍ଭବ ନୁହେଁ।

ଯୁଦ୍ଧବିରତି ଓ ମିତ୍ରତା ଦୁଇଟି ଭିନ୍ନ କଥା। ଯୁଦ୍ଧବିରତି ଏକ ଚୁକ୍ତି ଦ୍ୱାରା ସମ୍ଭବ ହୋଇପାରେ, କିନ୍ତୁ ମିତ୍ରତା ପାଇଁ ବିଶ୍ୱାସ, ସହଯୋଗ ଓ ଦୀର୍ଘକାଳୀନ ସଦିଚ୍ଛା ଆବଶ୍ୟକ। ପ୍ରଥମେ ଉଭୟ ଦେଶକୁ ଶକ୍ତି କେନ୍ଦ୍ର, ହସ୍ପିଟାଲ, ଆବାସିକ ଅଞ୍ଚଳ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବାକୁ ପଡ଼ିବ। ଏଥିପାଇଁ ଏକ ସ୍ପଷ୍ଟ ଲିଖିତ ଚୁକ୍ତି, ନିରପେକ୍ଷ ନିରୀକ୍ଷଣ ବ୍ୟବସ୍ଥା ଓ ଚୁକ୍ତି ଉଲ୍ଲଂଘନ ହେଲେ ତ୍ୱରିତ ତଦନ୍ତର ବ୍ୟବସ୍ଥା ରହିବା ଦରକାର। ଦ୍ୱିତୀୟତଃ, ଆମେରିକା ସହ ୟୁରୋପୀୟ ରାଷ୍ଟ୍ର, ଜାତିସଂଘ ଓ ଅନ୍ୟ ନିରପେକ୍ଷ ଦେଶଗୁଡ଼ିକୁ ଆଲୋଚନାରେ ସାମିଲ କରିବା ଆବଶ୍ୟକ। ଯୁଦ୍ଧବନ୍ଦୀଙ୍କ ଆଦାନପ୍ରଦାନ, ବିସ୍ଥାପିତ ଲୋକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ, କୃଷି ଉତ୍ପାଦ ଓ ଶକ୍ତି ଯୋଗାଣର ସ୍ୱାଭାବିକତା ଏବଂ ଯୁଦ୍ଧରେ ନଷ୍ଟ ହୋଇଥିବା ଭିତ୍ତିଭୂମିର ପୁନର୍ନିର୍ମାଣ ମଧ୍ୟ ଆଲୋଚନାର ଅଂଶ ହେବା ଉଚିତ।

ଟ୍ରମ୍ପଙ୍କ ପାଇଁ ଏହା କେବଳ ଏକ ଯୁଦ୍ଧ ବନ୍ଦ କରିବାର ସୁଯୋଗ ନୁହେଁ, ବରଂ ନିଜକୁ ବିଶ୍ୱର ଜଣେ ପ୍ରଭାବଶାଳୀ ଶାନ୍ତି ପ୍ରତିଷ୍ଠାତା ଭାବେ ପ୍ରମାଣିତ କରିବାର ଏକ ବଡ଼ ପରୀକ୍ଷା। କିନ୍ତୁ ନିଜର ରାଜନୈତିକ ପ୍ରତିଷ୍ଠା, ଆମେରିକାର ଅର୍ଥନୈତିକ ସ୍ୱାର୍ଥ କିମ୍ବା ଇନ୍ଧନ ବଜାରର ଚାପ ଅପେକ୍ଷା ମାନବ ଜୀବନ ଓ ନ୍ୟାୟସଙ୍ଗତ ଶାନ୍ତିକୁ ଅଧିକ ଗୁରୁତ୍ୱ ଦେବାକୁ ହେବ। ଯୁଦ୍ଧରେ କେହି ପ୍ରକୃତ ବିଜେତା ନୁହନ୍ତି। ରୁଷର ସାଧାରଣ ନାଗରିକ ହୁଅନ୍ତୁ କି ୟୁକ୍ରେନର ନିରୀହ ଲୋକ, ଉଭୟଙ୍କୁ ଯୁଦ୍ଧର ମୂଲ୍ୟ ଦେବାକୁ ପଡୁଛି। ତେଣୁ ଟ୍ରମ୍ପଙ୍କ ଘୋଷଣାକୁ ସଫଳତା ବୋଲି ମାନିବା ପୂର୍ବରୁ ରୁଷର ସ୍ପଷ୍ଟ ସମ୍ମତି, ଯୁଦ୍ଧବିରତିର ବାସ୍ତବ କାର୍ଯ୍ୟକାରିତା ଓ ଦୀର୍ଘସ୍ଥାୟୀ ଶାନ୍ତି ପାଇଁ ଠୋସ୍ ପଦକ୍ଷେପ ଦେଖିବା ଆବଶ୍ୟକ।

ଶାନ୍ତି କୌଣସି ଗୋଟିଏ ନେତାଙ୍କ ବାହାଦୁରୀର ପ୍ରମାଣପତ୍ର ନୁହେଁ; ଏହା ସମଗ୍ର ମାନବ ସମାଜର ଆବଶ୍ୟକତା। ଟ୍ରମ୍ପ ଯଦି ଉଭୟ ଦେଶକୁ ଏକ ନ୍ୟାୟସଙ୍ଗତ ଚୁକ୍ତିରେ ପହଞ୍ଚାଇ ପାରନ୍ତି, ତେବେ ତାହା ନିଶ୍ଚିତ ଭାବେ ଐତିହାସିକ ସଫଳତା ହେବ। ଅନ୍ୟଥା, ଯୁଦ୍ଧବିରତିର ଘୋଷଣା ଆଉ ଏକ କୂଟନୈତିକ ଦାବି ହୋଇ ରହିଯିବ ଏବଂ ଯୁଦ୍ଧର ନିଆଁରେ ପୁଣି ଜଳିବ ବିଶ୍ୱ ଶାନ୍ତିର ସ୍ୱପ୍ନ।

# ଜୈବିକ ଘଡ଼ି

**ପ୍ରଫେସର ଡାକ୍ତର ଉମେଶ ପାତ୍ର**



ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ଯାଏଁ ସନ୍ଧ୍ୟାରୁ ରାତି ପାହିବା ଯାଏଁ ଶରୀର ବିଭିନ୍ନ ଅବସ୍ଥା ଦେଇ ଗତି କରେ। କେତେବେଳେ କର୍ମ ଚଞ୍ଚଳ ରହେ, କେତେବେଳେ ନିଦ୍ରା ଯାଏ, ଏମିତି ନିତିଦିନିଆ କାର୍ଯ୍ୟ ଜାରି ରଖେ। ପ୍ରକୃତିରୁ ପରିବର୍ତ୍ତନକୁ ଦେଖି ଶରୀରର ପରିବର୍ତ୍ତନ ଘଟେ। ପ୍ରତ୍ୟେକ ଜୀବଙ୍କର ଦୈନିକ କ୍ରିୟା ଏହି ଜୈବିକ ଘଡ଼ି ମୁତାବକ ଚାଲେ। ଶରୀର ଏହି ଘଡ଼ି ମୁତାବକ ନ ଚାଲିଲେ ଶରୀର ଏବଂ ମନରେ ବିପରୀତ ପ୍ରଭାବ ପଡ଼ିଥାଏ। ପୃଥିବୀରେ ଯେତେ ଜୀବଜନ୍ତୁ ରହୁଛନ୍ତି ପ୍ରତ୍ୟେକଙ୍କ ଜୈବିକ ଘଡି ପ୍ରାୟତଃ ଏକ ପ୍ରକାରର। ଲକ୍ଷ ଲକ୍ଷ ବର୍ଷ ଧରି ଏମିତି ରହି ଆସିଛି। ଗବେଷଣା ମୁତାବକ ଏହି ଜୈବିକ ଘଡ଼ି ଆମର ମସ୍ତିଷ୍କରେ ରହିଛି। ମସ୍ତିଷ୍କ ହିଁ ଆମକୁ ଜାଗ୍ରତ କରେ ପୁଣି ନିଦ୍ରାଭିଭୂତ କରେ। ଆମର ଦିନ ଚର୍ଯ୍ୟାର ସମସ୍ତ କାର୍ଯ୍ୟର ସଞ୍ଚାଳନ ମସ୍ତିଷ୍କରେ ଥିବା ଏହି ଘଡ଼ିଟି କରିଥାଏ। ଏହି ଘଡ଼ିର କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଲେ ମୁଣ୍ଡବିନ୍ଧା, ଥଣ୍ଡା କିମ୍ବା କ୍ୟାନସର ପରି ଭୟଙ୍କର ରୋଗକୁ ଡାକି ଆଣିଥାଏ। ଅବସାଦ ଏବଂ ଅନିଦ୍ରା ପରି ମାନସିକ ରୋଗ ପୁଣି ମୂତ୍ର ସମ୍ବନ୍ଧିତ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦମହୁଳତା ଏବଂ ହୃଦରୋଗର କାରଣ ମଧ ଏହା ପାଲଟିଥାଏ। ଆହୁରି ମଧ ଏହି ଜୈବିକ ଘଡ଼ିରେ ସମସ୍ୟା ଦେଖାଦେଲେ ଶରୀରର ରୋଗ ପ୍ରତିରୋଧକ କ୍ଷମତା ହ୍ରାସ ପାଇଥାଏ। ଏବେ ଜାଣନ୍ତୁ ଜୈବିକ ଘଡ଼ି ମୁତାବକ କେଉଁ କେଉଁ ଅଙ୍ଗ କେଉଁ ସମୟରେ ସକ୍ରିୟ ରହିଥାଏ।



ପ୍ରାୟତଃ ତିନିଟାରୁ ପାଞ୍ଚାଟା ଏହି ସମୟରେ ଆମର ଫୁସଫୁସ ବେଶ ସକ୍ରିୟ ରହେ। ତେଣୁ ଏହି ସମୟରେ ନଖ ଉଷୁମ ପାଣି ପିଇ ଟିକେ ଖୋଲାରେ ବୁଲାବୁଲି କଲେ ବିଶୁଦ୍ଧ ବାୟୁ ପାଇ ଏହାର କାର୍ଯ୍ୟ କ୍ଷମତା ବୃଦ୍ଧି ପାଇଥାଏ। ପାଞ୍ଚଟାରୁ ସାତଟା ଏହି ସମୟରେ ବୃହଦନ୍ତ୍ର ସକ୍ରିୟ ରହିଥିବାରୁ ଶୌଚ କାର୍ଯ୍ୟ ଶେଷ କରିବା ଦରକାର। ଏହି ସମୟ ଗଡ଼ିଗଲେ କୋଷ୍ଠ କାଠିନ୍ୟ ହୁଏ। ଏହା ଅନେକ ରୋଗକୁ ଡାକି ଆଣିଥାଏ। ସାତଟାରୁ ଏଗାରଟା ସକାଳ ସାତଟାରୁ ନଅଟା ଆମାଶୟ କ୍ରିୟାଶୀଳ ଥାଏ ଏବଂ ନଅଟାରୁ ଏଗାରଟା ଅଗ୍ନାଶୟ ଏବଂ ପ୍ଲୀହା ସକ୍ରିୟ ଥାଏ। ଏହି ସମୟରେ ଯଥେଷ୍ଟ ପାଚକ ରସ ଝରୁଥିବାରୁ ନଅଟାରୁ ଏଗାରଟା ହିଁ ଭୋଜନର ଉପଯୁକ୍ତ ସମୟ। ଦ୍ୱିପ୍ରହର ଏଗାରଟାରୁ ଗୋଟେ ଏହି ସମୟରେ ଶକ୍ତିର ପ୍ରବାହ ହୃଦୟ ଆଡ଼କୁ ହୋଇଥାଏ। ତେଣୁ ଏ ସମୟରେ ହୃଦୟ କ୍ରିୟାଶୀଳ ରହେ। ଗୋଟେରୁ ତିନିଟା ଏହି ସମୟରେ ଯୁଦ୍ରାନ୍ତ୍ର ସକ୍ରିୟ ରହେ। ଏହି ସମୟରେ ଭୋଜନରୁ ପୋଷକତତ୍ତ୍ୱର ଅବଶୋଷଣ ସହ ଅନାବଶ୍ୟକ ପଦାର୍ଥକୁ ବୃହତନ୍ତ୍ରକୁ ଠେଲି ପଠାଇ ଦେଇଥାଏ। ଏହି ସମୟରେ ପାଣି ପିଇବା ଲାଭଦାୟକ ହୋଇଥାଏ। ଏହି ସମୟରେ ଭୋଜନ, ଶୋଇବା, ଚା ପିଇବା ଶରୀର ପାଇଁ ଲାଭଦାୟକ ନୁହେଁ। ସନ୍ଧ୍ୟା ପାଞ୍ଚଟାରୁ ସାତଟା ସକାଳେ ଗ୍ରହଣ କରିଥିବା ଖାଦ୍ୟ ଏତେବେଳକୁ ସମ୍ପୂର୍ଣ୍ଣ ହଜମ ହୋଇ ସାରିଥାଏ। ଏହି ସମୟରେ ହାଲକା ଭୋଜନ କରିନେବା ଦରକାର। ସୂର୍ଯ୍ୟାସ୍ତର ୪୦ ମିନିଟ ପୂର୍ବରୁ ଏବଂ ୧୦ ମିନିଟ ପରେ ଅର୍ଥାତ୍ ସନ୍ଧ୍ୟା ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ ନୁହେଁ। ରାତି ସାତଟାରୁ ନଅଟା ଏହି ସମୟରେ ଅଗ୍ନାଶୟ ସକ୍ରିୟ ରହିଥାଏ। ମସ୍ତିଷ୍କ ମଧ ବିଶେଷ ଭାବେ କ୍ରୀୟାଶୀଳ ରହେ। ତେଣୁ ଏହି ସମୟରେ ପ୍ରାତଃ ସମୟ ପରି ପଢ଼ାପଢ଼ି ବେଶ ଲାଭଦାୟକ ହୋଇଥାଏ। ନଅରୁ ଏଗାର ଏହି ସମୟରେ ଗ୍ରହଣ କରିଥିବା ଖାଦ୍ୟ ସକାଳ ପର୍ଯ୍ୟନ୍ତ ମଧ ଭଲ ଭାବେ ହଜମ ହୋଇନଥାଏ। ଏହା ଅମ୍ଳ ସୃଷ୍ଟି ସହ ଅନ୍ୟ ରୋଗର ମଧ କାରଣ ହୋଇଥାଏ। ତେଣୁ ଏହି ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। ଏଗାରଟାରୁ ଗୋଟେ ଏହି ସମୟରେ ଯକୃତ ଏବଂ ପିତ୍ତଶୟ ସକ୍ରିୟ ରହିଥାଏ। ଏ ସମୟରେ ଅନିଦ୍ରା ରହିଲେ ପିତ୍ତ ବଢ଼େ। ଏହାଦ୍ୱାରା ଅନିଦ୍ରା, ମୁଣ୍ଡବିନ୍ଧା ଏବଂ ଚକ୍ଷୁରୋଗ ହୋଇଥାଏ। ରାତି ୧୨ଟା ପରେ ଦିନରେ କରାଯାଇଥିବା ଭୋଜନ ଦ୍ୱାରା କ୍ଷତିଗ୍ରସ୍ତ କୋଷଗୁଡ଼ିକ ବଦଳରେ ନୂତନ କୋଷ ନିର୍ମିତ ହୋଇଥାଏ। ଏହି ସମୟରେ ଅନିଦ୍ରା ରହୁଥିବା ବ୍ୟକ୍ତିକୁ ଖୁବଶୀଘ୍ର ବାର୍ଦ୍ଧକ୍ୟ ଗ୍ରାସ କରିଥାଏ। ଗୋଟାଏରୁ ତିନିଟା ଏହି ସମୟରେ ଲିଭର ସକ୍ରିୟ ରହୁଥିବାରୁ ଗ୍ରହଣ କରିଥିବା ଖାଦ୍ୟର ସୂକ୍ଷ୍ମ ପାଚନ ଘଟିଥାଏ। ଏ ସମୟରେ ଗାଢ଼ ନିଦର ଆବଶ୍ୟକତା ରହିଛି। ଏପରିକି ଆମର ଔଷଧ ସେବନ ଜୈବିକ ଘଡି ଦ୍ୱାରା ପ୍ରଭାବିତ ହୋଇଥାଏ। ଉପଯୁକ୍ତ ସମୟରେ ଗ୍ରହଣ କରାଯାଇଥିବା ଔଷଧ ଲାଭଦାୟକ ହୋଇଥିବା ବେଳେ ଭୁଲ ସମୟରେ ଔଷଧ ସେବନ କ୍ଷତିକାରକ ହୋଇଥାଏ। ତେଣୁ ଏହି ଜୈବିକ ଘଡ଼ି ଦ୍ୱାରା ନିୟନ୍ତ୍ରିତ ବ୍ୟକ୍ତି ସୁସ୍ଥ ତଥା ନିରାମୟ ଜୀବନଯାପନ କରିଥାଏ।

**ପ୍ରତିରକ୍ଷିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ଆଗାମୀ ଭବିଷ୍ୟତ : ଛାତ୍ର ରାଜନୀତି !

**ବିକ୍ରମ କେଶରୀ ବିଶ୍ୱାଳ**



ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ଅଧୀନସ୍ଥ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ନାମାଙ୍କନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତ ନିର୍ବାଚନ ପାଇଁ ରାଜ୍ୟର ୩୪୮ଟି କଲେଜରେ ମୋଟ ୮୩୨୫ଟି ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ପାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହେବାପରେ ଏଥିମଧ୍ୟରୁ ୧୧୫୬ଟି ନାମାଙ୍କନ ଖାରଜ ହୋଇଛି ଫଳରେ ବର୍ତ୍ତମାନ ସୁଦ୍ଧା ୭୧୬୯ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଚଳିତ ବର୍ଷ ରାଜ୍ୟର ୩୪୧ଟି ଉଚ୍ଚଶିକ୍ଷାନୁଷ୍ଠାନରେ ପ୍ରତ୍ୟକ୍ଷ ନିର୍ବାଚନ ହେଉଛି। ସେଥିମଧ୍ୟରୁ ୧୩ଟି ବିଶ୍ୱବିଦ୍ୟାଳୟ, ୩୪୮ଟି କଲେଜ ରହିଛି। ସେହିପରି ୨୦୫ଟି ଅନୁଷ୍ଠାନରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ପ୍ରତିନିଧି ମାନଙ୍କୁ ବଛାଯିବାର ବ୍ୟବସ୍ଥା ରହିଛି। ଆସନ୍ତା ଅକ୍ଟୋବର ୧୫ ତାରିଖ ଦିନ ମତଦାନ ଗ୍ରହଣ କରାଯିବ ଓ ୧୬ ତାରିଖ ଦିନ ବିଜୟୀ ପ୍ରାର୍ଥୀମାନେ ବିଧିବଦ୍ଧ ଭାବେ ଶପଥ ଗ୍ରହଣ କରିବେ।

ବିଜ୍ଞ ଲୋକମାନେ କହିଥାନ୍ତି ଯେ ଛାତ୍ରମାନେ ହିଁ ଦେଶର ଭବିଷ୍ୟତ। ବାଲ୍ୟକାଳ ଠାରୁ ଶିକ୍ଷା ସମାପ୍ତ ପର୍ଯ୍ୟନ୍ତ ସେମାନଙ୍କର ଏଇ ଦୀର୍ଘ ରୋମାଞ୍ଚକର ଯାତ୍ରା ହିଁ ଶିକ୍ଷା ଓ ସାଧନାର ସମୟ। ଏଇ ସମୟର ଶୃଙ୍ଖଳା, ଜୀବନଶୈଳୀ ଏବଂ ଲକ୍ଷ୍ୟଭେଦ କରିବାର ସଂକଳ୍ପ ସେମାନଙ୍କର ଭବିଷ୍ୟତକୁ ନିର୍ମାଣ କରିଥାଏ। ପୂର୍ବତନ ରାଷ୍ଟ୍ରପତି ଡ.କଲାମ କହିଥିଲେ ଯେ ଏହି ସମୟରେ ପିତାମାତା ଓ ଶିକ୍ଷକମାନଙ୍କର ଗହଣରେ ସେମାନେ ଦୈନିକ ଦୁଇ ତୃତୀୟାଂଶ ସମୟ ନିର୍ବାହ କରିଥାନ୍ତି। ଏହି ସମୟରେ ସେମାନେ ଯାହା ଦେଖନ୍ତି ଓ ଶିଖନ୍ତି ତାହା ସମଗ୍ର ଜୀବନର ଏକ ଅଭୁଲା ଅଂଶ ହୋଇ ରହିଯାଏ। ଅନେକ ପୃଥିବୀ ବିଖ୍ୟାତ ଜ୍ଞାନୀଗୁଣି, ବୈଜ୍ଞାନିକ, ଶିଳ୍ପୀ, ଲେଖକଙ୍କ ଜୀବନ ଏହି ସମୟରୁ ହିଁ ଗଠିତ ହୋଇଥାଏ। ସ୍ୱାଧୀନତାର ଅର୍ଥ ହେଉଛି ନିଜକୁ ନିଜେ ନିୟନ୍ତ୍ରଣ କରିବା। କୈଶୋର ପରେ ଆଦ୍ୟ ଯୌବନଠାରୁ ପ୍ରାୟ ଦଶବର୍ଷ କାଳ ଛାତ୍ରମାନେ ନିଜର ଭବିଷ୍ୟତ ଜୀବନକୁ ଗଠନ କରିବା ପାଇଁ ଅଧ୍ୟବସାୟ କରିଥାନ୍ତି। ଅଠର ବର୍ଷରୁ ସେମାନେ ସାବାଳକ ହୁଅନ୍ତି ଏବଂ ସେତେବେଳକୁ ସେମାନେ ଉଚ୍ଚ ମହାବିଦ୍ୟାଳୟର ଛାତ୍ର ହୋଇଯାଇଥାନ୍ତି। ଗତ କିଛି ବର୍ଷ ହେଲା ଛାତ୍ରମାନଙ୍କୁ ଭବିଷ୍ୟତ ନାଗରିକ ଭାବେ ଗଢ଼ିବା ପାଇଁ ସେମାନଙ୍କୁ ବିଭିନ୍ନ ସୁଯୋଗ ଦିଆଯାଇଥାଏ। ସେଥିମଧ୍ୟରୁ ଗୋଟିଏ ବଡ଼ ସୁଯୋଗ ହେଉଛି ଯେ ଛାତ୍ର ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ନାମଲେଖା ପର୍ବ ଅଗଷ୍ଟ ସୁଦ୍ଧା ଶେଷ ହୋଇଯାଇଥାଏ। ଏହାପରେ ଛାତ୍ରମାନଙ୍କ ମଧ୍ୟରେ ଗୋଟିଏ ନୂତନ ଶିହରଣ ଓ ଉତ୍ତରଣର ଭାବନା ସୃଷ୍ଟି ହୁଏ। ସେମାନେ ସାବାଳକ ହୋଇଥିବାରୁ, ସାବାଳକର କର୍ତ୍ତବ୍ୟ ଓ ଦାୟିତ୍ୱ ଜାଣିବା ସହିତ ଅଧିକାର ସାବ୍ୟସ୍ତ କରିବା ଦିଗରେ ସେତିକି ସଚେତନ ହୁଅନ୍ତି। ସେମାନଙ୍କୁ ପ୍ରଭାବିତ କରିବା ପାଇଁ ଏ ସମୟରୁ ବିଭିନ୍ନ ଦଳର ରାଜନୈତିକ ନେତାମାନେ ଉଦ୍ୟମ କରିଥାନ୍ତି। ସାବାଳକମାନଙ୍କୁ ନିର୍ବାଚନରେ ଭୋଟ ଦେବା ପାଇଁ ଅଧିକାର ମିଳିବା ପରେ ସେମାନଙ୍କୁ ପ୍ରଭାବିତ ଓ ନିୟନ୍ତ୍ରିତ କରିବା ପାଇଁ ନେତାମାନେ ବହୁ ପ୍ରଲୋଭନ ଦେଖାଇଥାନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ଫୁର୍ତ୍ତି କରିବା ପାଇଁ ଅର୍ଥ ଓ ସୁଯୋଗ ଯୋଗାଇ ଦିଅନ୍ତି। ଏଇ ସମୟରୁ ସେମାନଙ୍କ ପାଦ ଖସିବା ସମୟ ଆରମ୍ଭ ହୁଏ।

ଓଡ଼ିଶାର ପ୍ରମୁଖ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ ହେଉଥିବା ଛାତ୍ର ନିର୍ବାଚନରେ ଯେଉଁ ଛାତ୍ରମାନେ ଜିତିବେ ସେମାନଙ୍କୁ ଦଳର ଭବିଷ୍ୟତ ନେତା କରିବା ପାଇଁ ସୁଯୋଗ ମିଳିବ ଏଇ ଧାରଣା ନେଇ ନେତାମାନେ ଛାତ୍ର ନେତାମାନଙ୍କୁ ଯେନତେନ ପ୍ରକାରେଣ ନିର୍ବାଚନରେ ବିଜୟୀ ହେବାପାଇଁ ଶିକ୍ଷା ଦିଅନ୍ତି। ଏଥିପାଇଁ ରାଜନେତାମାନେ ଅର୍ଥ ଯୋଗାଇ ଦିଅନ୍ତି ଏବଂ ଏଇ ମିଳାମିଶାରୁ ଅନେକ ଶୃଙ୍ଖଳା ଭାଙ୍ଗି ବିପଥଗାମୀ ହେବାର ଉଲ୍ଲାସରେ ମାତିଥାଆନ୍ତି। ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ନିର୍ବାହ କରିବା ପାଇଁ ଅଧକ୍ଷ ଓ ଅଧାପକମାନେ ପ୍ରବର୍ତ୍ତାଉଥିଲେ ମଧ ଏବର୍ଷ ଅନେକ ବର୍ଷ ପରେ ରାଜ୍ୟର ପ୍ରମୁଖ କଲେଜମାନଙ୍କରେ ନେତା ହେବା ପାଇଁ ପ୍ରତିଯୋଗିତା ଲାଗିଛି। କେତେକ କ୍ଷେତ୍ରରେ ଦେଖାଯାଏ ସାମାଜିକ ଜୀବନ ବା ରାଜନୀତିର ପ୍ରତିଷ୍ଠା ଅର୍ଜନ କରିଥିବା ନେତାମାନେ ଛାତ୍ରମାନଙ୍କୁ ଭଲବାଟ ଦେଖାଇବା ନାମରେ ଭୁଲ ବାଟରେ ନେଉଥିବାରୁ ଛାତ୍ର ନିର୍ବାଚନରେ ଶାନ୍ତି ଓ ଶୃଙ୍ଖଳା ଭଙ୍ଗ ହେଉଛି। ଅଭିଯୋଗ ଉଠେ ଛାତ୍ର ନିର୍ବାଚନ ସମୟରେ ପ୍ରଚାର ପ୍ରସାର ନାମରେ ସାଧାରଣ ନିର୍ବାଚନ ପରି ପ୍ରାର୍ଥୀମାନେ ଅନେକ ଅର୍ଥ ବ୍ୟୟ କରିଥାନ୍ତି। ଏ ଅର୍ଥ ତାଙ୍କ ପରିବାରୁ ଆସେ ନାହିଁ। ସେମାନଙ୍କୁ ଆୟତ୍ତରେ ରଖିବା ପାଇଁ ରାଜନେତାମାନେ ହିଁ ଆବଶ୍ୟକ ଅର୍ଥ ଦେଇଥାନ୍ତି ବୋଲି ଚର୍ଚ୍ଚା ଉଠେ। ନୂତନ କଲେଜ ଜୀବନ ଆରମ୍ଭ କରୁଥିବା ତରୁଣମାନେ ନିଜର ବୌଦ୍ଧିକ ଜୀବନକୁ ସୁନିୟନ୍ତ୍ରିତ କରିବା ପାଇଁ ସୁଯୋଗ ଥିଲାବେଳେ ସେମାନଙ୍କୁ ବାଟବଣା କରିବାରେ ଅନେକ ରାଜନେତାମାନେ ସାହାଯ୍ୟ କରନ୍ତି। ନେତାମାନେ ନିଜ ନିଜ ଦଳକୁ ଶକ୍ତିଶାଳୀ କରିବା ପାଇଁ ଛାତ୍ରମାନଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରନ୍ତି। ଭାରତବର୍ଷର ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ର ନିର୍ବାଚନ ଶୃଙ୍ଖଳାର ସହିତ ହେଉଥିବାବେଳେ ଓଡ଼ିଶାରେ ଛାତ୍ର ରାଜନୀତି ମଧ ଶୃଙ୍ଖଳିତ ହେବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶାର ଛାତ୍ର ରାଜନୀତିକୁ ଦେଖିଲେ ଆଜିର ସମୟରେ ବେଶ ପ୍ରତିଷ୍ଠିତ ହୋଇଥିବା ରାଜନେତାମାନେ ଦିନେ ଏହି ଛାତ୍ର ରାଜନୀତିରୁ ହିଁ ସେମାନଙ୍କର ରାଜନୈତିକ ପୃଷ୍ଠଭୂମି ଆରମ୍ଭ କରିଥିଲେ। ବୌଦ୍ଧିକ ଉତ୍କର୍ଷ ପାଇଁ ଅଧ୍ୟୟନ ଓ ଅଧ୍ୟବସାୟ ନକରି ଏବଂ ସମାଜ ସଂଗଠନ କାର୍ଯ୍ୟରେ ଶକ୍ତି ବିନିଯୋଗ ନକରି ଆଦ୍ୟ ଯୌବନରୁ ନିୟନ୍ତ୍ରଣ ଭାଙ୍ଗିବ ଦ୍ୱାରା ପଛରେ ପଡ଼ିଯାଉଛି ଏହା ଦୁର୍ଭାଗ୍ୟର ବିଷୟ। ଏ ଧାରା ତୁରନ୍ତ ବନ୍ଦ ହେବା ଉଚିତ ବୋଲି କେତେକ ବର୍ଗ ମତ ଦେଉଥିବାବେଳେ ଛାତ୍ର ରାଜନୀତି ଦ୍ୱାରା ଜଣଙ୍କର ଅସଲ ରାଜନୈତିକ ଦକ୍ଷତାର ପରୀକ୍ଷା ହୋଇଥାଏ ବୋଲି ମତ ଦିଅନ୍ତି। ତେବେ ଯାହାହେଉନା କାହିଁକି ଛାତ୍ରମାନେ ରାଜନୀତି ସହ ସମାଜରେ ଭାଇଚାରା ପ୍ରତିଷ୍ଠା ଓ ସମାଜ ପ୍ରତି, ଦେଶ ପ୍ରତି ନିଜ ଗୁରୁଦାୟିତ୍ୱକୁ ନିର୍ବାହ କରିବା ପାଇଁ ଯେପରି ନ ଭୁଲନ୍ତି।




**ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬**

# ଜୀବନର ଦିଗ ନିର୍ଦ୍ଧାରଣ କରନ୍ତି ତିନୋଟି ଗୁଣ ସତ୍ତ୍ୱ, ରଜୋ ଓ ତମୋ

**ମାନସ କୁମାର କର**



ଭଗବଦ୍‌ଗୀତାର ଚତୁର୍ଦ୍ଦଶ ଅଧ୍ୟାୟରେ ପ୍ରକୃତିର ତିନୋଟି ଗୁଣ—ସତ୍ତ୍ୱ, ରଜୋ ଓ ତମୋ —ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଏହି ଅଧ୍ୟାୟର ନାମ ହେଉଛି 'ଗୁଣତ୍ରୟ ବିଭାଗ ଯୋଗ'। ଜୀବନର ଉତ୍ଥାନ-ପତନ, ମାନସିକ ଚେତନା ଓ ଆଧ୍ୟାତ୍ମିକ ଜ୍ଞାନକୁ ବୁଝିବା ଦୃଷ୍ଟିରୁ ଏହି ଅଧ୍ୟାୟର ଗଭୀର ଓ ବ୍ୟବହାରିକ ମହତ୍ତ୍ୱ ରହିଛି। ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି ଯେ ପ୍ରକୃତିର ଏହି ତିନୋଟି ଗୁଣ ଆତ୍ମାକୁ ଶରୀର ସହିତ ବାନ୍ଧି ରଖନ୍ତି। ସତ୍ତ୍ୱଗୁଣ ପବିତ୍ରତା, ପ୍ରକାଶ ଓ ଆରୋଗ୍ୟ ପ୍ରଦାନ କରେ। ଏହା ମନୁଷ୍ୟକୁ ସୁଖ ଓ ଜ୍ଞାନ ପ୍ରତି ଆସକ୍ତ କରିଥାଏ। ରଜୋଗୁଣ ଇଚ୍ଛା, ଲାଳସା ଓ କର୍ମକାମନାରୁ ଉତ୍ପନ୍ନ ହୁଏ। ଏହା ମନୁଷ୍ୟକୁ କର୍ମରେ ନିୟୋଜିତ କରେ ଏବଂ ତାକୁ ବିଭିନ୍ନ କାର୍ଯ୍ୟ ପ୍ରତି ଆକର୍ଷିତ କରିଥାଏ। ତମୋଗୁଣ ଅଜ୍ଞାନରୁ ଜାତ ହୁଏ। ଏହା ଜୀବମାନଙ୍କୁ ଭ୍ରମ, ଅସାବଧାନତା, ଆଳସ୍ୟ ଓ ନିଦ୍ରାର ବନ୍ଧନରେ ବାନ୍ଧି ରଖେ। ଏହି ଅଧ୍ୟାୟ ଆମକୁ ଶିଖାଏ ଯେ ଜୀବନରେ ଆମେ ଯେଉଁ ମାନସିକ ଅବସ୍ଥାରେ ରହୁଛୁ, ତାହାର ପଛରେ ଏହି ତିନୋଟି ଗୁଣର ପ୍ରଭାବ ରହିଛି। ଜୀବନର ପ୍ରତ୍ୟେକ କାର୍ଯ୍ୟ ଓ ନିଷ୍ପତ୍ତିରେ ଏହି ଗୁଣଗୁଡ଼ିକର ପ୍ରଭାବ ଦେଖିବାକୁ ମିଳେ। ଯେତେବେଳେ ମନୁଷ୍ୟର ମନରେ ଆଳସ୍ୟ, ଅବସାଦ, ଅସ୍ଥିରତା କିମ୍ବା ଭ୍ରମର ସ୍ଥିତି ରହିଥାଏ, ସେତେବେଳେ ତାହା ତମୋଗୁଣର ପ୍ରଭାବ ହୋଇପାରେ। ସୋସିଆଲ୍ ମିଡିଆରେ ଘଣ୍ଟା ଘଣ୍ଟା ସମୟ ନଷ୍ଟ କରିବା, ଲକ୍ଷ୍ୟହୀନ ଭାବରେ ସମୟ କାଟିବା, ଅତ୍ୟଧିକ ଇଚ୍ଛା ରଖିବା ଓ ଅତ୍ୟଧିକ କ୍ରୋଧ କରିବା ମଧ ରଜୋଗୁଣ ଓ ତମୋଗୁଣର ପ୍ରଭାବ ସହିତ ଜଡ଼ିତ ହୋଇପାରେ। ଗୀତାର ଏହି ଅଧ୍ୟାୟ ଆମକୁ ଏହା ମଧ ବୁଝାଏ ଯେ ଯଦି ଆମେ ଜୀବନରେ ଶାନ୍ତି, ସୁଖ ଓ ଲକ୍ଷ୍ୟପ୍ରାପ୍ତି ଚାହୁଁଛୁ, ତେବେ ସତ୍ତ୍ୱଗୁଣର ବିକାଶ ଆବଶ୍ୟକ। ଏଥିପାଇଁ ସତ୍ତ୍ୱଗୁଣକୁ ବଢ଼ାଇବା ସହିତ ନିୟମିତ ଅଭ୍ୟାସ, ସଂଯମ ଓ ସକାରାତ୍ମକ ଚିନ୍ତାଧାରା ଅତ୍ୟନ୍ତ ଆବଶ୍ୟକ। କାମ ଓ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ମଧ ଜରୁରୀ। ଏହି ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି ଯେ ସତ୍ତ୍ୱଗୁଣ ମନୁଷ୍ୟକୁ ସୁଖ ଓ ଜ୍ଞାନରେ ଆସକ୍ତ କରେ। ରଜୋଗୁଣ ତାକୁ କର୍ମ ଓ ଫଳପ୍ରାପ୍ତିର ଇଚ୍ଛାରେ ବାନ୍ଧି ରଖେ, ତମୋଗୁଣ ଅଜ୍ଞାନ ଓ ଅବହେଳାରେ ବୁଡ଼ାଇ ରଖେ। ତେଣୁ ଜୀବନରେ କେଉଁ ଗୁଣର ପ୍ରଭାବ ଅଧିକ ରହିଛି, ତାହା ଚିହ୍ନିବା ଆବଶ୍ୟକ।

ସତ୍ତ୍ୱଗୁଣ: ଏହା ପବିତ୍ରତା, ଶାନ୍ତି, ଜ୍ଞାନ ଓ ବିବେକର ପ୍ରତୀକ। ସତ୍ତ୍ୱଗୁଣର ପ୍ରଭାବରେ ମନୁଷ୍ୟ ସତ୍ୟକୁ ଗ୍ରହଣ କରିବା ସହିତ ନିଜର ଆଚରଣକୁ ଶୁଦ୍ଧ ରଖିବାକୁ ଚେଷ୍ଟା କରେ।

ରଜୋଗୁଣ: ଏହା ଇଚ୍ଛା, ଆକାଂକ୍ଷା, କର୍ମ ଓ ଫଳପ୍ରାପ୍ତିର ଆସକ୍ତି ସହିତ ଜଡ଼ିତ। ଏହା ମନୁଷ୍ୟକୁ କାର୍ଯ୍ୟଶୀଳ କରିଥାଏ, କିନ୍ତୁ ଅତ୍ୟଧିକ ଆସକ୍ତି ତାକୁ ଅଶାନ୍ତ ଓ ଅସ୍ଥିର କରିପାରେ।

ତମୋଗୁଣ: ଏହା ଅଜ୍ଞାନ, ଆଳସ୍ୟ, ଅବହେଳା ଓ ଭ୍ରମର ପ୍ରତୀକ। ଏହାର ପ୍ରଭାବରେ ମନୁଷ୍ୟ ନିଜର କର୍ତ୍ତବ୍ୟ ପ୍ରତି ଉଦାସୀନ ହୋଇପାରେ ଏବଂ ନିଜର ଉନ୍ନତିର ପଥରେ ବାଧା ସୃଷ୍ଟି କରିପାରେ। ଆଧୁନିକ ଜୀବନରେ ଏହି ତିନୋଟି ଗୁଣର ପ୍ରାସଙ୍ଗିକତା ଦେଖିଲେ ମନେହୁଏ, ଆଜିର ଯୁଗରେ ମନୁଷ୍ୟ ପ୍ରାୟତଃ ଏକ ପ୍ରକାରର ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଓ ଚାପର ଶିକାର ହେଉଛି। କାରଣ, ସେ କେବଳ ରଜୋଗୁଣର ପ୍ରଭାବରେ ରହି ଅଧିକ କାମ କରିବା ଓ ଅଧିକ ସଫଳତା ପାଇବା ପଛରେ ଦୌଡ଼ୁଛି। ଏହି ଦୌଡ଼ରେ ସେ ମାନସିକ ଶାନ୍ତି ଓ ସନ୍ତୁଳନ ହରାଇ ବସୁଛି। ଏପରି ସମୟରେ ଗୀତାର ଏହି ଅଧ୍ୟାୟ ଆମକୁ ଶିଖାଏ ଯେ ଜୀବନରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ। ଯଦି ଆମେ ଶାନ୍ତି ଓ ସୁଖ ଚାହୁଁଛୁ, ତେବେ ସତ୍ତ୍ୱଗୁଣର ବିକାଶ କରିବା ସହିତ ନିଜର ଇଚ୍ଛା, ଆକାଂକ୍ଷା ଓ କର୍ମକୁ ନିୟନ୍ତ୍ରଣରେ ରଖିବା ଉଚିତ। ଏହା ସହିତ ଆମକୁ ନିଜର ଆଳସ୍ୟ ଓ ଅବହେଳାକୁ ଦୂର କରିବାକୁ ହେବ। ନିୟମିତ ଯୋଗ, ଧ୍ୟାନ, ସାତ୍ତ୍ୱିକ ଆହାର ଓ ସକାରାତ୍ମକ ଚିନ୍ତାଧାରା ଦ୍ୱାରା ଆମେ ନିଜ ଜୀବନରେ ସନ୍ତୁଳନ ଆଣିପାରିବା। ଏହି ଅଧ୍ୟାୟରେ ଶ୍ରୀକୃଷ୍ଣ ଏହା ମଧ ବୁଝାଇଛନ୍ତି ଯେ ମନୁଷ୍ୟ କେବଳ ସତ୍ତ୍ୱଗୁଣର ବିକାଶ କରିବାରେ ସୀମିତ ରହିବା ଉଚିତ ନୁହେଁ; ବରଂ ତିନୋଟି ଗୁଣର ପ୍ରଭାବକୁ ଅତିକ୍ରମ କରିବାର ଚେଷ୍ଟା କରିବା ଦରକାର। ଗୀତାରେ ଗୁଣାତୀତ ହେବାର ଅର୍ଥ ହେଉଛି ଏହି ତିନୋଟି ଗୁଣର ପ୍ରଭାବରେ ବନ୍ଦୀ ହୋଇ ନ ରହିବା। ଏପରି ବ୍ୟକ୍ତି ସୁଖ-ଦୁଃଖ, ମାନ-ଅପମାନ, ପ୍ରଶଂସା-ନିନ୍ଦା ଓ ସଫଳତା-ବିଫଳତା ମଧ୍ୟରେ ସମଭାବ ରଖିବାକୁ ଶିଖେ। ଗୀତାର ଏହି ଶିକ୍ଷା ଆମକୁ ଜୀବନରେ ସ୍ଥିରତା, ଆତ୍ମଜ୍ଞାନ ଓ ଆଧ୍ୟାତ୍ମିକ ଉନ୍ନତିର ପଥ ଦେଖାଏ। ମନୁଷ୍ୟ ଯଦି ନିଜର ଚିନ୍ତାଧାରା, ଆଚରଣ ଓ କାର୍ଯ୍ୟକୁ ବୁଝିପାରେ, ତେବେ ସେ ନିଜ ଜୀବନକୁ ଅଧିକ ସାର୍ଥକ କରିପାରିବ। ଆଜିର ଜୀବନରେ ଅନେକ ଲୋକ ଅତ୍ୟଧିକ ବ୍ୟସ୍ତତାର ଶିକାର ହେଉଛନ୍ତି। ସେମାନେ କେବଳ ରଜୋଗୁଣର ପ୍ରଭାବରେ ଅଧିକ କାମ କରିବା ଓ ଅଧିକ ଫଳ ପାଇବା ପଛରେ ଦୌଡ଼ୁଛନ୍ତି। ଏହି ପ୍ରକ୍ରିୟାରେ ସେମାନେ ମାନସିକ ଶାନ୍ତି ହରାଇ ବସୁଛନ୍ତି। ତେଣୁ ଜୀବନରେ ସତ୍ତ୍ୱଗୁଣର ବିକାଶ କରିବା ଆବଶ୍ୟକ। ଏହି ଅଧ୍ୟାୟର ଶେଷରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେଉଁ ବ୍ୟକ୍ତି ତିନୋଟି ଗୁଣକୁ ଅତିକ୍ରମ କରିପାରେ, ସେ ବ୍ରହ୍ମପ୍ରାପ୍ତିର ଯୋଗ୍ୟ ହୁଏ। ଏହାର ଅର୍ଥ ହେଉଛି ମନୁଷ୍ୟ ନିଜକୁ ଗୁଣର ବନ୍ଧନରୁ ମୁକ୍ତ କରି ଏକ ଶାନ୍ତ, ସ୍ଥିର ଓ ଆନନ୍ଦମୟ ଜୀବନ ଜୀଇଁବାକୁ ଶିଖିବା ଉଚିତ। ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଏହି ତିନୋଟି ଗୁଣର ପ୍ରଭାବ ରହିଥାଏ। ଭଗବଦ୍‌ଗୀତାର ଚତୁର୍ଦ୍ଦଶ ଅଧ୍ୟାୟ ଆମକୁ ନିଜର ଗୁଣଗୁଡ଼ିକୁ ଚିହ୍ନିବା ସହିତ ସେଗୁଡ଼ିକର ପ୍ରଭାବରୁ ଉପରକୁ ଉଠିବାର ମାର୍ଗ ଦେଖାଏ। ସତ୍ତ୍ୱ, ରଜୋ ଓ ତମୋ —ଏହି ତିନୋଟି ଗୁଣ ଆମ ଜୀବନର ଦିଗ ନିର୍ଦ୍ଧାରଣ କରିଥାଏ। ଏଗୁଡ଼ିକ ଆମର ଚିନ୍ତାଧାରା, ନିଷ୍ପତ୍ତି, ଆଚରଣ ଓ କର୍ମକୁ ପ୍ରଭାବିତ କରନ୍ତି। ତେଣୁ ଜୀବନରେ ସନ୍ତୁଳନ, ଶାନ୍ତି ଓ ସଫଳତା ହାସଲ କରିବା ପାଇଁ ଏହି ତିନୋଟି ଗୁଣର ସ୍ୱରୂପକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ। ଗୀତାର ଏହି ଅଧ୍ୟାୟ ଆମକୁ ଶିଖାଏ ଯେ ନିଜ ଭିତରେ ସତ୍ତ୍ୱଗୁଣର ବିକାଶ କରିବା ସହିତ ତିନୋଟି ଗୁଣର ବନ୍ଧନରୁ ମୁକ୍ତ ହେବାର ଚେଷ୍ଟା କରିବା ଉଚିତ। ଏହା ହିଁ ଆମକୁ ଏକ ସାର୍ଥକ, ସନ୍ତୁଳିତ ଓ ଆନନ୍ଦମୟ ଜୀବନ ଆଡ଼କୁ ନେଇଯାଇପାରିବ।



**କୋଡାଙ୍ଗ, କୋଣାର୍କ**
**୭୩୮୧୩୮୨୨୧୦**

# ଆମେ ଅନୁମତି ଦେଇନୁ କି ନାମଞ୍ଜୁର କରିନୁ

## ଫର୍ମ-୬ ବିବାଦରେ ସୁପ୍ରିମ୍‌କୋର୍ଟଙ୍କ ସ୍ପଷ୍ଟୀକରଣ




ନୂଆଦିଲ୍ଲୀ,୧୨।୧୦: ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରା ଅଣାଯାଉଥିବା ନୂତନ 'ଫର୍ମ-୬'ର ବୈଧତା ନେଇ କୋର୍ଟ କେବେ ବି କୌଣସି ରାୟ ଦେଇନାହାନ୍ତି ବୋଲି ସୁପ୍ରିମକୋର୍ଟ ସୋମବାର ସ୍ପଷ୍ଟ କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏକ ନୂତନ ରିଟ୍ ପିଟିସନ୍ ଉପରେ ଶୁଣାଣି କରି କହିଛନ୍ତି ଯେ, ନାଗରିକମାନଙ୍କ ଦ୍ୱାରା ଭୋଟର ଭାବରେ ପଞ୍ଜୀକରଣ ପାଇଁ ବ୍ୟବହୃତ ଆଇନଗତ ଆବେଦନ ଭାବରେ ବ୍ୟବହାର କରାଯାଉଥିବା ଫର୍ମ-୬ ନେଇ ନା କୌଣସି ଅନୁମତି ଦେଇଛୁ ନା ତାହାକୁ ଆମେ ନାମଞ୍ଜୁର କରିଛୁ। ଚଳିତ ବର୍ଷ ଆରମ୍ଭରେ ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟା ଯାଞ୍ଚ କରାଯାଉଥିବା ସମୟରେ ଏହି ଫର୍ମର ସଂଶୋଧିତ ସଂସ୍କରଣ ଅସ୍ତିତ୍ୱରେ ନଥିଲା ବୋଲି ସର୍ବୋଚ୍ଚ ଅଦାଲତ ଖୋଲାଖୋଲି ଭାବେ ଜଣାଇଦେଇଛନ୍ତି। ଏସଆଇଆର ପ୍ରକ୍ରିୟା ଲାଗି ଫର୍ମ-୬ ସହ ସଂଲଗ୍ନ ଏକ ଘୋଷଣାନାମାକୁ କୋର୍ଟ ସମର୍ଥନ କରିଛନ୍ତି ବୋଲି ନିର୍ବାଚନ ଆୟୋଗ କରୁଥିବା ଦାବିକୁ ନେଇ ସୃଷ୍ଟିହୋଇଥିବା ବିବାଦ ପରିପ୍ରେକ୍ଷୀରେ ଉକ୍ତରମ ନ୍ୟାୟାଳୟ ଏଭଳି ସ୍ପଷ୍ଟୀକରଣ ଦେଇଛନ୍ତି। ଫଳରେ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରା ଭୋଟର ପଞ୍ଜୀକରଣ ପାଇଁ ଅଣାଯାଉଥିବା ନୂଆ 'ଫର୍ମ-୬' ର ବୈଧତା ଓ ସେଥିରେ ଯୋଡ଼ା ଯାଉଥିବା ଅତିରିକ୍ତ ଘୋଷଣାନାମାକୁ ନେଇ କୋର୍ଟଙ୍କ ନାଁ ବ୍ୟବହାର କରୁଥିବା ନିର୍ବାଚନ କମିଶନଙ୍କୁ ଏକ ଶକ୍ତ ଝଟ୍କା ଲାଗିଛି। କୋର୍ଟ କହିଛନ୍ତି ଯେ, ତାଙ୍କର ପୂର୍ବ ପର୍ଯ୍ୟବେକ୍ଷଣକୁ କୌଣସି ପରିବର୍ତ୍ତିତ ଫର୍ମର ନ୍ୟାୟିକ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ ଭାବରେ ବ୍ୟାଖ୍ୟା କରାଯାଇପାରିବ ନାହିଁ। ତେଣୁ ଆମ ପାଟିରେ ତୁମର କୌଣସି କଥା କୁହାଅ ନାହିଁ ବୋଲି କୋର୍ଟ ନିର୍ବାଚନ ଆୟୋଗଙ୍କୁ ସତର୍କ କରାଇ ଦେଇଛନ୍ତି। ତେବେ ଏହି ପ୍ରସଙ୍ଗ ଦୃଷ୍ଟିକୁ ଆସିଥିବାରୁ ତାହା ଉପରେ ଯାଞ୍ଚ କରିବା ପାଇଁ କୋର୍ଟ ସହମତି ପ୍ରକାଶ କରିଛନ୍ତି।

ଅକ୍ଟୋବର ୫ ତାରିଖରେ ଖଣ୍ଡପୀଠ କହିଥିଲେ ଯେ, ଫର୍ମ-୬ର ସଂଶୋଧନ ନେଇ କୋର୍ଟ କୌଣସି ଅନୁମତି ଦେଇନଥିଲେ। ତା' ବଦଳରେ ଏସଆଇଆର ପ୍ରକ୍ରିୟାରେ ଏଭଳି ପରିବର୍ତ୍ତନକୁ କିଏ ଅନୁମୋଦନ କରିଛି ଓ ସେଥିରେ କ'ଣ ସବୁ ରହିଛି ତାହା ଜାଣିବା ଲାଗି ସମ୍ପୃକ୍ତ ସଂସ୍ଥାକୁ ରେକର୍ଡ ମାଗିଥିଲେ। ନିର୍ବାଚନ ଆୟୋଗଙ୍କ ଇସିଆଇନେଟ୍ / ଇଭୋଟେନେଟ୍ ପୋର୍ଟାଲରେ ଉପଲବ୍ଧ ଥିବା ଅନଲାଇନ୍ ସଂଶୋଧିତ ଫର୍ମକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଏକ ଆବେଦନ ଉପରେ ନୋଟିସ୍ ଜାରି କରିଥିଲେ। ଏଠାରେ ସୂଚନା ଦିଆଯାଇପାରେ ଯେ, ସାରା ଦେଶରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ସମୟରେ ଇସିଆଇ ନିଜର ଆପ୍ ଓ ପୋର୍ଟାଲ୍‌ରେ ଫର୍ମ-୬ ରେ ଏକ ଅତିରିକ୍ତ ଘୋଷଣାନାମା ଯୋଡ଼ିଥିଲେ। ଏଥିରେ ଆବେଦନକାରୀଙ୍କୁ ନିଜର, ପିତାମାତାଙ୍କର କିମ୍ବା ଅଜା-ଆଈ/ଜେଜେବାପା-ଜେଜେମାଙ୍କ ନାଁ ପୂର୍ବ ଝଓଜ ଭୋଟର ତାଲିକାରେ ଥିଲା କି ନାହିଁ ତାହା ଦର୍ଶାଇବାକୁ ବାଧ୍ୟତାମୂଳକ କରାଯାଇଥିଲା। ଆସନ୍ତା ଅକ୍ଟୋବର ୨୬ ତାରିଖରେ ନିର୍ବାଚନ କମିଶନଙ୍କ ସମଗ୍ର ଏସଆଇଆର ପ୍ରକ୍ରିୟା, ନିଷ୍ପତ୍ତି ନେବାର ଉପାୟ ଏବଂ ଫର୍ମ-୬ ର ବୈଧତାକୁ ନେଇ ଦାୟର ହୋଇଥିବା ସମସ୍ତ ପିଟିସନ୍‌ଗୁଡ଼ିକର ଏକାଠି ମହାଶୁଣାଣି ହେବ।

# ୟୁକ୍ରେନ ପରି ରୁଷ ମଧ୍ୟ ଅସ୍ତ୍ରବିରତି ଚାହୁଁଛି କି?



କିଭ୍,୧୨।୧୦: ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଦାବି କରିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶକ୍ତି ଅସ୍ତ୍ରବିରତି ଘୋଷଣା ପରେ ମଧ୍ୟ ରୁଷ ସେନା ୟୁକ୍ରେନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିଛି। ଜେଲେନସ୍କି କହିଛନ୍ତି, ରୁଷ ସେନା ରବିବାର ମଧ୍ୟ ଆକ୍ରମଣ କରିଥିଲା। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ, ରୁଷ ଏବଂ ୟୁକ୍ରେନ ଶକ୍ତି ଅସ୍ତ୍ରବିରତି ଉପରେ ସହମତ ହୋଇଛନ୍ତି।

ମାତ୍ର ଘୋଷଣା ପରେ ମଧ୍ୟ କିଭ୍ ଏବଂ ଖାରକିଭରେ ଥିବା ବିଦ୍ୟୁତ୍ ପ୍ଲାଣ୍ଟ ଉପରେ ଆକ୍ରମଣ କରାଯାଇଛି। ଯାହା ଫଳରେ ବିଦ୍ୟୁତ୍ ବିଭ୍ରାଟ ହୋଇଛି। ଆଜି ସାରା ଦିନ ରୁଷୀୟ ଶାହିଦ୍ ଡ୍ରୋନ୍ ୟୁକ୍ରେନୀୟ ଆକାଶ ଉପରେ ଉଡ଼ିଛି ବୋଲି ଜେଲେନସ୍କି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଟ୍ରମ୍ପ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆକ୍ରମଣ ବନ୍ଦ କରିବା ପ୍ରସ୍ତାବକୁ ସମ୍ମାନ ଦେବାକୁ କହିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ, ଜେଲେନସ୍କି କହିଛନ୍ତି, ୟୁକ୍ରେନ ଲଗାତାର ଆକ୍ରମଣର ସମ୍ମୁଖୀନ ହେଉଛି ଡ୍ରୋନ୍ ଏବଂ ଗ୍ଲାଇଡ ବୋମା ଦ୍ୱାରା ଆକ୍ରମଣ କରାଯାଉଛି।

ୟୁକ୍ରେନ ଶାନ୍ତି ଚାହୁଁଛି, କିନ୍ତୁ ପ୍ରଶ୍ନ ହେଉଛି କି ରୁଷ ମଧ୍ୟ ଏହା ଚାହୁଁଛି କି? ୟୁକ୍ରେନ ରାଷ୍ଟ୍ରପତି କହିଛନ୍ତି, ମୁଁ ୱାଶିଂଟନ ଏବଂ ମସ୍କୋ ମଧ୍ୟରେ ଆଲୋଚନା ବିଷୟରେ ସ୍ପଷ୍ଟ ସୂଚନା ପାଇଁ ଅପେକ୍ଷା କରିଛି। ୟୁକ୍ରେନୀୟ ରାଷ୍ଟ୍ରପତି କହିଛନ୍ତି, ଗତ ସପ୍ତାହରେ ରୁଷୀୟ ସେନା ୟୁକ୍ରେନୀୟ ବିଦ୍ୟୁତ୍ ଉତ୍ପାଦନ ଏବଂ ପରିବହନ ସୁବିଧା ଉପରେ ୨ ଶହରୁ ଅଧିକ ଆକ୍ରମଣ କରିଥିଲା। ୧୦ଟି ଗ୍ୟାସ୍ ଏବଂ ତୈଳ ସୁବିଧାକୁ ଟାର୍ଗେଟ କରାଯାଇଥିଲା।

# ନାବିକଙ୍କ ଉପରେ ଆକ୍ରମଣ ନେଇ ଭାରତ କ୍ଷୁବ୍ଧ

ନୂଆଦିଲ୍ଲୀ,୧୨।୧୦: ଭାରତୀୟ ବୈଦେଶିକ ମନ୍ତ୍ରାଳୟ ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛି। ୧୧ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏମ୍‌ଟି ପେଟ୍ରୋ ଡଲଫିନ୍ ଜାହାଜ ଉପରେ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା। ଆକ୍ରମଣ ପରେ ଦୁଇ ଜଣ ନାବିକ ନିଖୋଜ ଥିବା ଜଣାପଡ଼ିଛି। ବୈଦେଶିକ ମନ୍ତ୍ରାଳୟ ଏହି ଆକ୍ରମଣକୁ ନିନ୍ଦା କରିଛି ଏବଂ ଏହି ଅଞ୍ଚଳରେ ଚାଲିଥିବା ସଂଘର୍ଷର ଅନ୍ତ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ କରିଛି। ବୈଦେଶିକ ମନ୍ତ୍ରାଳୟ ଏକ ବିବୃତି ଜାରି କରି କହିଛି, ଆମେ ରିପୋର୍ଟ ପାଇଛୁ ଯେ ଏମ୍‌ଟି ପେଟ୍ରୋ ଡଲଫିନ୍ ଉପରେ ଏକ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏଥିରେ ଥିବା ୧୧ ଜଣ ଭାରତୀୟ ନାବିକଙ୍କ ମଧ୍ୟରୁ ଦୁଇଜଣ ନିଖୋଜ ଅଛନ୍ତି। ଜାହାଜରେ ଥିବା ୧୨ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ଦୁଇଜଣ ବୀର ବାହାଦୁର ଯାଦବ ଏବଂ ଅମିତ ସିଂହ ନିଖୋଜ ଅଛନ୍ତି। ଫରୱାର୍ଡ ସିମେଣ୍ଟ ୟୁନିଅନ ଅଫ୍ ଇଣ୍ଡିଆ ନିଖୋଜ ହୋଇଥିବା ଦୁଇ ଭାରତୀୟ ନାବିକଙ୍କ ବିଷୟରେ ତୁରନ୍ତ ସୂଚନା ଦାବି କରିଛି। ସଂଘ କର୍ତ୍ତୃପକ୍ଷଙ୍କୁ ସେମାନଙ୍କର ସ୍ଥାନ ଜାଣିବା ଏବଂ ସେମାନଙ୍କ ପରିବାରକୁ ସହାୟତା ଯୋଗାଇବାକୁ ଅନୁରୋଧ କରିଛି। ସଂଘ କହିଛି ଯେ, ଜାହାଜଟିରେ ନିକାରାଗୁଆନ ପତାକା ଲଗାଯାଇଥିଲା।

# ବିଜେପି ବିଧାୟକଙ୍କୁ ନିର୍ମମ ହତ୍ୟା



ଭରତପୁର, ୧୨।୧୦: ଖଣି ବିବାଦକୁ ନେଇ ରାଜସ୍ଥାନର ଭରତପୁରରେ ଜଣେ ପୂର୍ବତନ ବିଧାୟକଙ୍କୁ ନିର୍ମମ ହତ୍ୟା କରାଯାଇଛି। ଉତ୍ତେଜିତ ୭୦ରୁ ୮୦ ଜଣ ଲୋକ ପୂର୍ବତନ ବିଜେପି ବିଧାୟକ ଅତର ସିଂହ ଭଦାନାଙ୍କୁ ନିର୍ମମ ଭାବରେ ହତ୍ୟା କରିଥିବା ଜଣାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଅଞ୍ଚଳ ହେଉଛି ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ଗୃହ ଜିଲ୍ଲା। ଜଣେ ପୂର୍ବତନ ବିଧାୟକଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା ପରେ ଏହି ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠାଇଛି। ପୂର୍ବତନ ବିଧାୟକ ଅତର ସିଂହ ଭଦାନା ବିଜେପି କିଷାନ ମୋର୍ଚ୍ଚାର ରାଜ୍ୟ ସଭାପତି ମଧ୍ୟ ଥିଲେ। ରବିବାର ବିଳମ୍ବିତ ସନ୍ଧ୍ୟାରେ ତାଙ୍କ କ୍ରସର ପ୍ଲାଣ୍ଟରେ ଥିବା ସମୟରେ ୭୦ରୁ ୮୦ ଜଣଙ୍କ ଏକ ଦଳ ପ୍ଲାଣ୍ଟ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପୂର୍ବତନ ବିଧାୟକ ଅତର ସିଂହ ଏବଂ ତାଙ୍କ ସହଯୋଗୀ ଗଗନ ଶର୍ମା ଗୁରୁତର ଆହତ ହୋଇଥିଲେ। ଆକ୍ରମଣକାରୀମାନେ ପ୍ଲାଣ୍ଟରେ ଉପସ୍ଥିତ ଥିବା ଅନ୍ୟ କେତେ ଜଣଙ୍କ ସହିତ ଠେଙ୍ଗା ଏବଂ ଇଟା ସାହାଯ୍ୟରେ ଦୁଇଜଣଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୂର୍ବତନ ବିଧାୟକଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ମଧ୍ୟ ଗୁଳି କରାଯାଇଥିଲା।

## ଦିଲ୍ଲୀ ପୁଲିସକୁ ସିଜେପିର ୨୪ ଘଣ୍ଟିଆ ଅଲ୍ଟିମେଟମ୍

# ତୁରନ୍ତ ପ୍ରତିବାଦର ତାରିଖ ଓ ସମୟ ସ୍ଥିର କର



ନୂଆଦିଲ୍ଲୀ,୧୨।୧୦: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଜାତୀୟ ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରାଙ୍କା ସେମାନଙ୍କ ସମର୍ଥକମାନଙ୍କ ସହିତ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପହଞ୍ଚିଛନ୍ତି। ସେମାନେ ଜନ୍ତର ମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ତାରିଖ ଦାବି କରିଛନ୍ତି ଏବଂ ଦିଲ୍ଲୀ ପୁଲିସକୁ ପ୍ରତିକ୍ରିୟା ଦେବା ପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି। ସୌରଭ ଦାସ କହିଛନ୍ତି, ପ୍ରତିବାଦର ତାରିଖ ଏବଂ ସମୟ ସ୍ଥିର କରିବାର ନିଷ୍ପତ୍ତି ପୁଲିସ ଉପରେ ଆମେ ଛାଡି ଦେଇଛୁ। ପୁଲିସ ସମସ୍ତଙ୍କୁ ୧୦ ଦିନ ପୂର୍ବରୁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ କହୁଛି। ଏବେ ଆମେ କହୁଛୁ ଯେ, ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ତାରିଖ ଏବଂ ସମୟ ସ୍ଥିର କରିବା ସେମାନଙ୍କର ନିଷ୍ପତ୍ତି। ଆମେ ସେମାନଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦେଉଛୁ। ଆଶୁତୋଷ ରାଙ୍କା କହିଛନ୍ତି, ଦିଲ୍ଲୀ ପୁଲିସକୁ ପ୍ରତିବାଦ ପାଇଁ ତାରିଖ ମାଗିଛୁ। ଆଶା ପ୍ରକାଶ କରୁଛି ଯେ, କର୍ତ୍ତୃପକ୍ଷ ଉତ୍ତର ଦେବେ।

ସୌରଭ ଦାସ କହିଛନ୍ତି, ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ? ଦିଲ୍ଲୀ ପୁଲିସ ଆମ ସହିତ କଥା ହେବା ଉଚିତ। ପୁଲିସ ଯେଉଁଭଳି ଭାବରେ ସମଗ୍ର ସହରକୁ ଅବରୋଧ କରୁଛି ତାହା ଲୋକଙ୍କ ପାଇଁ ବହୁତ ଅସୁବିଧାର କାରଣ ପାଲଟୁଛି। ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଦୋକାନ ବନ୍ଦ ହେଉଛି, ଏବଂ ବର୍ତ୍ତମାନ ଉତ୍ସବ ଋତୁ।

## ଭାରତୀୟ ନୌସେନାର ଶକ୍ତିବୃଦ୍ଧି

# ଶତ୍ରୁପକ୍ଷର ଜାହାଜକୁ ଧ୍ୱଂସ କରିବ ମାଙ୍ଗରୋଲ୍



ମୁମ୍ବାଇ,୧୨।୧୦: ଭାରତୀୟ ନୌସେନାର ତୃତୀୟ ଅଗଭୀର ଜଳ ଆଣ୍ଟି-ସବମେରିନ୍ ଯୁଦ୍ଧପୋତ 'ମାଙ୍ଗରୋଲ୍'କୁ ମୁମ୍ବାଇରେ ନୌସେନାରେ ସାମିଲ କରାଯାଇଛି। ଏହା ନୌସେନାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବିଶେଷକରି ଉପକୂଳ ଜଳସୀମାରେ, ଯେଉଁଠାରେ ବଡ଼ ଯୁଦ୍ଧଜାହାଜଗୁଡ଼ିକର କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହୋଇଥାଏ ସେଠାରେ ଏହା ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବ। କୋଚି-ସ୍ଥିତ କୋଚିନ୍ ସିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ, ଏହି ଜାହାଜ ସାମୁଦ୍ରିକ ପାଟ୍ରୋଲ୍ ବିମାନ, ହେଲିକପ୍ଟର ଏବଂ ଅନ୍ୟାନ୍ୟ ଯୁଦ୍ଧଜାହାଜ ସହିତ ମିଳିତ ଭାବରେ କାର୍ଯ୍ୟ କରିପାରିବ। ଏହା ଶତ୍ରୁ ବୁଡ଼ାଜାହାଜଗୁଡ଼ିକୁ ଚିହ୍ନଟ କରି ମୁକାବିଲା କରିବାରେ ସକ୍ଷମ ହେବ।ଏହି ଜାହାଜ ସାମିଲ ହେବା ଦ୍ୱାରା ବନ୍ଦର, ବନ୍ଦର ଏବଂ ଉପକୂଳବର୍ତ୍ତୀ ସମୁଦ୍ର ପଥଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନୌସେନାର କ୍ଷମତା ବୃଦ୍ଧି ପାଇବ ଏବଂ ନୌବାହିନୀର କାର୍ଯ୍ୟରେ ମଧ୍ୟ ସହାୟକ ହୋଇପାରିବ। ପରିବର୍ତ୍ତିତ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ଏବଂ ଜଳମଗ୍ନ ବିପଦ ବୃଦ୍ଧି ସହିତ, ନୌସେନାରେ 'ମାଙ୍ଗରୋଲ୍'ର ସାମିଲ ହେବା ନୌସେନାର ବୁଡ଼ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

# କାର ଚଢ଼ାଇ ୩ଜଣଙ୍କ ଜୀବନ ନେଲା

## କହିଲା, ମାମଲା ମୋ ବାପା ସମ୍ଭାଳିନେବେ

କୋଚି,୧୨।୧୦: କେରଳର କୋଚିର ନେଦୁମ୍ବାସେରୀ ବିମାନବନ୍ଦର ନିକଟରେ ଏକ ଦ୍ରୁତଗାମୀ ମିନି କୁପର ସ୍କୁଟି ଆରୋହୀଙ୍କୁ ଶକ୍ତ ଧକ୍କା ଦେଇଛି, ଯେଉଁଥିରେ ସେମାନଙ୍କର ମୃତ୍ୟୁ ଘଟିଛି। ମଦ୍ୟପାନ କରିଥିବା ୧୯ ବର୍ଷୀୟ ସୁହେଲ ମିନି କୁପର (କାର) ଚଲାଉଥିଲା। ଦୁର୍ଘଟଣା ପରେ ସୁହେଲ ମୃତ୍ୟୁ ପାଇଁ କୌଣସି ଅନୁତାପ ମଧ୍ୟ କରିନଥିଲା। ଛାତି ଫୁଲାଇ କହୁଥିଲା, ରାସ୍ତା କ'ଣ ପାଇଁ ତିଆରି ହୋଇଛି ? ସେଗୁଡ଼ିକ କେବଳ ଗାଡ଼ି ଚଲାଇବା ପାଇଁ? ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ସେ କ୍ରୋଧର ସହିତ ଏପରି ମଧ୍ୟ କହିଥିଲା, ମୋ ବାପା ଏହାକୁ ସମ୍ଭାଳିବେ। ଦୁର୍ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। କୋଚି ପୁଲିସ କହିଛି, ଦୁର୍ଘଟଣାଟି ରବିବାର ରାତି ପ୍ରାୟ ୧ଟା ୪୫ ସମୟରେ କୋଚିନ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସଂଯୋଗ କରିଥିବା ରାସ୍ତାରେ ଘଟିଛି। ଅଭିଯୁକ୍ତ ସୁହେଲ୍ ସଜୀବ ଦ୍ରୁତ ଗତିରେ ମିନି କୁପର୍ ଚଲାଇ ଏକ ସ୍କୁଟରକୁ ପଛରୁ ଧକ୍କା ଦେଇଥିଲା, ଯେଉଁଥିରେ ତିନି ଜଣ ୨ଜଣ ଯୁବତୀ ଏବଂ ଜଣେ ଯୁବକ ଥିଲେ।



# ବିକ୍ଷୋଭ ସ୍ଥଳ ତାଲିକାରୁ ବାଦ୍ ପଡ଼ିଲା ଜନ୍ତରମନ୍ତର

ନୂଆଦିଲ୍ଲୀ,୧୨।୧୦: ଦିଲ୍ଲୀରେ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ ଚାଲିଥିବା ବେଳେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜନ୍ତରମନ୍ତରକୁ ବିକ୍ଷୋଭ ସ୍ଥଳ ତାଲିକାରୁ ହଟାଇ ଦେଇଛି। ଗୃହ ମନ୍ତ୍ରଣାଳୟର କମିଟିର ସୁପାରିସ ଆଧାରରେ ଦିଲ୍ଲୀରେ ଧାରଣା ଓ ପ୍ରତିବାଦ ପାଇଁ ନୂଆ ସ୍ଥାନ ନିର୍ଦ୍ଧାରଣ କରାଯାଇଛି। ଏଣିକି ଦିଲ୍ଲୀର ରାମଲୀଳା ମୈଦାନ, ବୁରାଡ଼ି ମୈଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ମୈଦାନରେ ପ୍ରତିବାଦ କରାଯାଇପାରିବ। ଜନ୍ତରମନ୍ତରକୁ ବିକ୍ଷୋଭ ସ୍ଥଳ ଭାବେ ମାନ୍ୟତା ଦେଇଥିବା ପୂର୍ବ ବିଜ୍ଞପ୍ତିକୁ ରଦ୍ଦ କରାଯାଇଛି। ପ୍ରାୟ ୩୩ ବର୍ଷ ଧରି ଜନ୍ତରମନ୍ତର ଦିଲ୍ଲୀରେ ପ୍ରତିବାଦର ଏକ ପ୍ରମୁଖ କେନ୍ଦ୍ର ରହିଥିଲା। ଏହା ପୂର୍ବରୁ ଇଣ୍ଡିଆ ଗେଟ୍‌ର ବୋଟ୍ କ୍ଲବ୍ ପ୍ରତିବାଦ ସ୍ଥଳ ଥିଲା। ଦିଲ୍ଲୀ ପୁଲିସର ନୂଆ ନିର୍ଦ୍ଦେଶରେ ୨୮ ଏପ୍ରିଲ୍ ୨୦୨୨ରେ ଜାରି ହୋଇଥିବା ପୁରୁଣା ନିର୍ଦ୍ଦେଶରେ କିଛି ପରିବର୍ତ୍ତନ କରାଯାଇଛି। ପ୍ରତିବାଦ ପାଇଁ ନିର୍ଦ୍ଧାରିତ ସ୍ଥାନ ଓ ଏହା ସହ ଜଡ଼ିତ ବ୍ୟବସ୍ଥାକୁ ସ୍ପଷ୍ଟ କରିବା ନୂଆ ନିୟମର ଉଦ୍ଦେଶ୍ୟ।ତେବେ ପ୍ରତିବାଦ ପାଇଁ ଅନୁମତି, ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଏବଂ ଅନ୍ୟାନ୍ୟ ସର୍ତ୍ତ ସମ୍ପର୍କରେ ବିସ୍ତୃତ ନିୟମାବଳୀ ଜାରି ହେବା ପରେ ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ପଷ୍ଟ ହେବ।

# ସୁଦାନର ସୁନା ଖଣି ଉପରେ ଏୟାର ଷ୍ଟ୍ରାଇକ୍, ୭୨ ଶ୍ରମିକ ମୃତ

ଖାର୍ତୁମ୍,୧୨।୧୦: ସୁଦାନରେ ଏକ ସୁନା ଖଣି ଉପରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ୭୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ହୋଇଛନ୍ତି। ସୁଦାନ ଏବଂ ମିଶର ମଧ୍ୟରେ ଥିବା ବିବାଦୀୟ ସୀମା ନିକଟରେ ଏୟାର ଷ୍ଟ୍ରାଇକ୍ ହୋଇଥିବା କୁହାଯାଉଛି। ଇମରଜେନ୍ସି ଲୟାର୍ସ ନାମକ ଏକ ସଂଗଠନ ପକ୍ଷରୁ ଗଣମାଧ୍ୟମକୁ କୁହାଯାଇଛି, ଏୟାର ଷ୍ଟ୍ରାଇକ୍ ଇଜିପ୍ଟର ବାୟୁସେନା ଦ୍ୱାରା କରାଯାଇଥିଲା। ତେବେ ସଂଗଠନ ନିଜର ଦାବିକୁ ସମର୍ଥନ କରିବା ପାଇଁ କୌଣସି ସ୍ପଷ୍ଟ ପ୍ରମାଣ ପ୍ରଦାନ କରିନାହିଁ। ଇଜିପ୍ଟ ଏପର୍ଯ୍ୟନ୍ତ ଏହି ଘଟଣା ଉପରେ କୌଣସି ବିବୃତି ଜାରି କରିନାହିଁ। ବିମାନ ଆକ୍ରମଣରୁ ବଞ୍ଚିଯାଇଥିବା ଲୋକଙ୍କ ଅନୁସାରେ ସେମାନେ ଆକ୍ରମଣ ନେଇ ଭୟଭୀତ ହୋଇଯାଇଥିଲେ। ସେମାନେ ଭୟ କରିଥିଲେ ଯେ ଆଉ ଏକ ବିମାନ ଆକ୍ରମଣ ହୋଇପାରେ। ତେଣୁ ସେମାନେ ପାହାଡ଼ରେ ଲୁଚି ରହିଥିଲେ। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଲଢୁଆ ବିମାନ ଖଣି ଉପରେ ପାଞ୍ଚ ଥର ବୋମାମାଡ଼ କରିଥିଲା। ଆକ୍ରମଣ ପରେ ପ୍ରାରମ୍ଭିକ ଗଣମାଧ୍ୟମ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୭୨ ବୋଲି କୁହାଯାଇଥିଲା, କିନ୍ତୁ ସ୍ଥାନୀୟ ସଂଗଠନଗୁଡ଼ିକ ଅନୁମାନ କରୁଛନ୍ତି ଯେ ଆକ୍ରମଣ ସମୟରେ ହଜାରରେ ଅଧିକ ଲୋକ ଭିନ୍ନ ଭିନ୍ନ ସ୍ଥାନରେ କାମ କରୁଥିଲେ।

# ତୁମେ ମୁଖ୍ୟ ଅପରାଧୀ ନୁହଁ, ରାଜସାକ୍ଷୀ ହୋଇଯାଅ



ନୂଆଦିଲ୍ଲୀ,୧୨।୧୦: ଭୋଟର ତାଲିକାରେ ଅନିୟମିତତା ଓ ଭୋଟ ଚୋରି ଅଭିଯୋଗକୁ ନେଇ କେନ୍ଦ୍ର ସରକାର ଓ ବିରୋଧୀଙ୍କ ମଧ୍ୟରେ ଚାଲିଥିବା ମହାସଂଗ୍ରାମ ଏବେ ଆହୁରି ସଂଗୀନ ଓ ରୋମାଞ୍ଚକର ମୋଡ଼ ନେଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ୍ କୁମାରଙ୍କୁ ତୁରନ୍ତ ଇସ୍ତଫା ଦେବା ସହ ଏହି ସମଗ୍ର ଷଡ଼ଯନ୍ତ୍ରର 'ରାଜସାକ୍ଷୀ' ବନିଯିବାକୁ ଏକ ଖୋଲା ଓ ସାଂଘାତିକ ଆହ୍ୱାନ ଦେଇଛନ୍ତି। ରାହୁଲ ସ୍ପଷ୍ଟ ଭାବେ କହିଛନ୍ତି ଯେ ଜ୍ଞାନେଶ୍ କୁମାର ଏହି ଭୋଟ ଚୋରିର ମୁଖ୍ୟ ଅପରାଧୀ ନୁହଁନ୍ତି, ବରଂ ତାଙ୍କ ପଛରେ ଥିବା ଅସଲି ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ବିରୋଧୀ ଦଳଗୁଡ଼ିକ ଆଗେଇ ଚାଲିଛନ୍ତି।

ଯଦି ସେ ଇସ୍ତଫା ଦେଇ ରାସ୍ତାରୁ ହଟିଯାଆନ୍ତି, ତେବେ ଦେଶ ଓ ସମ୍ବିଧାନର ସୁରକ୍ଷା ପାଇଁ ବିରୋଧୀ ଦଳଗୁଡ଼ିକ ତାଙ୍କୁ କ୍ଷମା କରିଦେବାକୁ ମଧ୍ୟ ପ୍ରସ୍ତୁତ ଅଛନ୍ତି। ବିରୋଧୀ ଦଳଗୁଡ଼ିକର ସୁପ୍ରିମ୍ କୋର୍ଟ ପଦଯାତ୍ରା ପୂର୍ବରୁ ଗଣମାଧ୍ୟମକୁ ସମ୍ବୋଧନ କରି ରାହୁଲ ଗାନ୍ଧୀ କହିଛନ୍ତି ଯେ ଜ୍ଞାନେଶ କୁମାର କେବଳ ଏକ ମୋହରା ମାତ୍ର।

## ନିର୍ବାଚନ କମିଶନରଙ୍କୁ ରାହୁଲଙ୍କ ସାଂଘାତିକ ପରାମର୍ଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଓ ଶିଳ୍ପପତି ଅଦାନୀଙ୍କ ପ୍ରଚଣ୍ଡ ଚାପରେ ଆସି ସେ ଏହି ଭୁଲ୍ କାମ କରିଛନ୍ତି। ବିରୋଧୀମାନେ ନିଷ୍ଠୁର ନୁହଁନ୍ତି, ସେମାନେ ଜ୍ଞାନେଶ୍ କୁମାରଙ୍କ ଉପରେ ଥିବା ସରକାରୀ ଚାପକୁ ଭଲ ଭାବେ ବୁଝିପାରୁଛନ୍ତି।

# ସାଉଦି ଆରବରେ ବିମାନ ସେବା ଠପ୍

## ୧୫ ଶହ ଉଡ଼ାଣ ବାତିଲ, ଫସି ରହିଛନ୍ତି ତୀର୍ଥଯାତ୍ରୀ



ରିୟାଦ,୧୨।୧୦: ୟେମେନର ହୁତି ବିଦ୍ରୋହୀଙ୍କ ଆକ୍ରମଣ ମଧ୍ୟରେ ସାଉଦି ଆରବରେ ବିମାନ ଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଦେଶର ତିନୋଟି ପ୍ରମୁଖ ବିମାନବନ୍ଦରରେ ସୋମବାର ବହୁ ସଂଖ୍ୟକ ବିମାନ ଚଳାଚଳ ବାତିଲ କରାଯାଇଛି। ଫଳରେ ସମ୍ପୃକ୍ତ ବିମାନ ବନ୍ଦରରେ ସଙ୍କଟ ଜନକ ସ୍ଥିତି ସୃଷ୍ଟି ହୋଇଛି। ଏହା ସାଧାରଣ ଯାତ୍ରୀ ଏବଂ ଉମରା ପାଇଁ ଯାଉଥିବା ତୀର୍ଥଯାତ୍ରୀ ଉଭୟଙ୍କୁ ପ୍ରଭାବିତ କରିଛି। ଅନେକ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି। ସୋମବାର ସକାଳ ପ୍ରାୟ ସାଢ଼େ ୫ଟା ସୁଦ୍ଧା ରିୟାଦର କିଙ୍ଗ୍ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ୪୩୬ ବିମାନର ଉଡ଼ାଣ ବାତିଲ କରାଯାଇଥିଲା। ଏହା ଦିନର ନିର୍ଦ୍ଧାରିତ ବିମାନର ପ୍ରାୟ ୬୪ ପ୍ରତିଶତ। ଜେଦ୍ଦାର କିଙ୍ଗ୍ ଅବଦୁଲାଜିଜ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୧୫ଟି ଉଡ଼ାଣ ବାତିଲ ହୋଇଥିବା ବେଳେ ଦମ୍ମାମର କିଙ୍ଗ୍ ଫାହଦ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ୬୩ଟି ଉଡ଼ାଣ ବାତିଲ ହୋଇଛି।

# ଆକାଶରୁ ଖସୁଛି ରକ୍ତବର୍ଣ୍ଣର ବିଶାଳ ଆଲୋକ ସ୍ତମ୍ଭ!



## ଭୂମଧ୍ୟ ସାଗର ଉପରେ ରହସ୍ୟମୟ ପ୍ରାକୃତିକ ତାଣ୍ଡବ

ମାଦ୍ରିଦ,୧୨।୧୦: ଭୟଙ୍କର ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଆକାଶରୁ ଖସୁଛି ରକ୍ତବର୍ଣ୍ଣର ବିଶାଳ ଅଗ୍ନି ସ୍ତମ୍ଭ। ମହାକାଶରୁ ସୀଧାସଳଖ ପୃଥିବୀ ପୃଷ୍ଠକୁ ଲମ୍ବିଆସୁଥିବା ଭଳି ଦୃଶ୍ୟମାନ ହେଉଥିବା ଏହି ଅଦ୍ଭୁତ ଓ ମହାଜାଗତିକ ଦୃଶ୍ୟ ଏବେ ସମଗ୍ର ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଭୂମଧ୍ୟ ସାଗର ଉପରେ ସଂଘଟିତ ହୋଇଥିବା ଏହି ଦୁର୍ଲଭ ତଥା ରହସ୍ୟମୟ ପ୍ରାକୃତିକ ଘଟଣାକୁ ନିଜ କ୍ୟାମେରାରେ କଏଦ କରିବାରେ ସଫଳ ହୋଇଛନ୍ତି ଫ୍ରାନ୍ସର ଜଣେ ଆଲୋକଚିତ୍ରଶିଳ୍ପୀ ଫ୍ଲୋରିଆନ୍ ରିଓ। କୋର୍ସିକାର କାଲଭି ଗ୍ରାମ ନିକଟରୁ ସେ ସ୍ପେନ୍ ଉପକୂଳରେ ସୃଷ୍ଟି ହୋଇଥିବା ପ୍ରବଳ ମେଘଗର୍ଜନ ଓ ଝଡ଼ ତୁଫାନ୍‌ର ପୂର୍ବାନୁମାନ କରି ଏହି ଅଲୌକିକ ସଦୃଶ୍ୟ ଆଲୋକ ଚିତ୍ର ଉତ୍ତୋଳନ କରିଛନ୍ତି। ଘନ କଳାମେଘ ଓ ବିଜୁଳିର ଆସ୍ତରଣ ବହୁ ଉପରେ ମହାକାଶରୁ ରକ୍ତବର୍ଣ୍ଣର ସ୍ତମ୍ଭ ସଦୃଶ ନିର୍ଗତ ହେଉଥିବା ଏହି ଆଲୋକ ପ୍ରକୃତରେ ପୃଥିବୀର ବାୟୁମଣ୍ଡଳରେ ଘଟୁଥିବା ଅତ୍ୟନ୍ତ ଦୁର୍ଲଭ ଏବଂ ଚିତ୍ତାକର୍ଷକ ବିଦ୍ୟୁତ୍ ସଞ୍ଚାରର ପରିଣାମ। ଆଲୋକଚିତ୍ରଶିଳ୍ପୀ ଫ୍ଲୋରିଆନ୍ ରିଓ ବ୍ୟବସାୟିକ ସୋସିଆଲ ମିଡିଆ ମଞ୍ଚରେ ପ୍ରକାଶ କରିଛନ୍ତି ଯେ ଏହି ବିଶେଷ ମୁହୂର୍ତ୍ତକୁ କ୍ୟାମେରାବଦ୍ଧ କରିବା ପାଇଁ ସେ ପୂର୍ବରୁ ବିଜୁଳି ଓ ଝଡ଼ର ସ୍ଥାନ, ସୂର୍ଯ୍ୟ ଓ ଗ୍ରହଗୁଡ଼ିକର କୋଣୀୟ ଅବସ୍ଥା ଏବଂ ମହାକାଶୀୟ ଦୂରତାକୁ ନେଇ ବ୍ୟାପକ ଗଣନା କରିଥିଲେ। ସେ ପ୍ରାୟ ୫୦୦ରୁ ୭୦୦ କିଲୋମିଟର ଦୂରରେ ସଂଘଟିତ ହେଉଥିବା ବଜ୍ରପାତର ଗଠନକୁ ଗ୍ରାମର ସୌନ୍ଦର୍ଯ୍ୟ ସହ କ୍ୟାମେରାରେ କଏଦ କରିବା ପାଇଁ ଯୋଜନା କରିଥିଲେ। ଏହି ପ୍ରକ୍ରିୟାରେ ବାୟୁମଣ୍ଡଳର ଅତ୍ୟନ୍ତ ନିଭୃତ ଓ ଦୁର୍ଲଭ 'ଲାଲ୍ ସ୍ପ୍ରାଇଟ୍‌ସ' ବା ରକ୍ତବର୍ଣ୍ଣର ବିଦ୍ୟୁତ୍ ସ୍ତମ୍ଭ ଦୃଶ୍ୟମାନ ହୋଇଥିଲା, ଯାହା ବିଜ୍ଞାନ ଜଗତ ପାଇଁ ଏକ ବଡ଼ ସଫଳତା।

ଏତେ ବିଶାଳ ଆକାରର ହୋଇଥିଲେ ସୁଦ୍ଧା ଏହି ସ୍ପ୍ରାଇଟ୍‌ସଗୁଡ଼ିକ ମାତ୍ର କିଛି ମିଲିସେକେଣ୍ଡ ବା ସେକେଣ୍ଡର ହଜାରେ ଭାଗରୁ ଭାଗେ ସମୟ ପାଇଁ ଆକାଶରେ ରହୁଥିବାରୁ ଏହାକୁ ସାଧାରଣ ଆଖିରେ ଦେଖିବା କିମ୍ବା କ୍ୟାମେରାରେ କଏଦ କରିବା ଅତ୍ୟନ୍ତ କଷ୍ଟକର। ଭୂପୃଷ୍ଠରୁ ଦେଖିଲେ ଘନ କଳାମେଘ ଏହାକୁ ଢାଙ୍କି ଦେଇଥାଏ। ସାଧାରଣ ବିଜୁଳି ପରି ଏହା ପ୍ରଚଣ୍ଡ ଉତ୍ତାପଯୁକ୍ତ ପ୍ଲାଜ୍‌ମା ନୁହେଁ, ବରଂ ଗ୍ୟାସ୍ ଅଣୁଗୁଡ଼ିକର କେବଳ ଏକ ଉଜ୍ଜ୍ୱଳ ପ୍ରତିଫଳନ। ବୈଜ୍ଞାନିକମାନେ ୧୯୮୯ ମସିହାରେ ପ୍ରଥମ କରି ଏହାର ପ୍ରାମାଣିକ ଆଲୋକଚିତ୍ର ହାସଲ କରିଥିଲେ, ଯାହା ପରେ ଏହା କୌଣସି ଦୃଷ୍ଟିଭ୍ରମ ନୁହେଁ ବୋଲି ପ୍ରମାଣିତ ହୋଇଥିଲା।

## ଅଲ୍ ଇଣ୍ଡିଆ ଟେନିସ୍ ବଲ୍ କ୍ରିକେଟ୍ ଲିଗ୍

# ଓଡ଼ିଶା ଭାମ୍ପାୟାର୍ ଇନ୍‌ଭିନ୍ସିବଲ୍ ଚାମ୍ପିଅନ୍

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଉତ୍ତର ପ୍ରଦେଶରେ ଅନୁଷ୍ଠିତ ସମ୍ମାନଜନକ 'ଅଲ୍ ଇଣ୍ଡିଆ ଟେନିସ୍ ବଲ୍ କ୍ରିକେଟ୍ ସର୍କଲ୍ ଲିଗ୍-୨୦୨୬ (ସିଜିନ୍-୨)'ରେ ଓଡ଼ିଶାର 'ଓଡ଼ିଶା ଭାମ୍ପାୟାର୍ ଇନ୍‌ଭିନ୍ସିବଲ୍' ଦଳ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଦେଶର ପ୍ରମୁଖ ୨୦ଟି ଶକ୍ତିଶାଳୀ ଦଳକୁ ପଛରେ ପକାଇ ଓଡ଼ିଶା ଦଳ ଟ୍ରଫି ସହ ନଗଦ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଛି। ରନର୍ସଅପ୍ ମହାକାଲ୍ ଗୋରଖପୁର ଦଳକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ମହାକାଲ୍ ଗୋରଖପୁର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଓଡ଼ିଶା ଭାମ୍ପାୟାର୍ ଇନ୍‌ଭିନ୍ସିବଲ୍ ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ୍ ହରାଇ ୫୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଭିକି ଦିଗାଲ୍ ଦ୍ରୁତ ୨୩ ରନ୍ ସଂଗ୍ରହ କରିଥିବା ବେଳେ ପ୍ରକାଶ ସାହୁ ୧୭ ରନ୍ ଓ ଧନା ୧୫ ରନ୍‌ର ଯୋଗଦାନ ଦେଇଥିଲେ।

୫୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ମହାକାଲ୍ ଗୋରଖପୁର ଦଳ ଓଡ଼ିଶାର ଶାଣିତ ବୋଲିଂ ଆଗରେ ଧରାଶାୟୀ ହୋଇଥିଲା। ଓଡ଼ିଶାର ବୋଲରଙ୍କ ମାପଚୁପ ବୋଲିଂ ବଳରେ ଗୋରଖପୁର ମାତ୍ର ୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ରବାଡ଼ା ଚମତ୍କାର ବୋଲିଂ ପ୍ରଦର୍ଶନ କରି ମାତ୍ର ୧୧ ରନ୍ ବିନିମୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରିଥିବା ବେଳେ ଆୟୁଷ ପାଲ୍ ୨ ଓଭରରେ ୭ ରନ୍ ଦେଇ ୨ଟି ୱିକେଟ୍ ହାସଲ କରିଥିଲେ। ସାଗର ମଧ୍ୟ ଶୃଙ୍ଖଳିତ ପ୍ରଦର୍ଶନ କରି ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।

ଫାଇନାଲ୍‌ରେ ଦମଦାର ଅଲରାଉଣ୍ଡ ପ୍ରଦର୍ଶନ ଓ ନେତୃତ୍ୱ ପାଇଁ ଅଧିନାୟକ ଭିକିଙ୍କୁ 'ମ୍ୟାନ୍ ଅଫ୍ ଦି ଫାଇନାଲ୍' ସହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ 'ମ୍ୟାନ୍ ଅଫ୍ ଦି ସିରିଜ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ସେମିଫାଇନାଲ୍‌ରେ ଉଲ୍ଲେଖନୀୟ ଖେଳ ପାଇଁ ପ୍ରକାଶ ସାହୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିବା ବେଳେ କୌଶିକ ପଣ୍ଡା 'ଅପକମିଂ ପ୍ଲେୟର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ପାଇଥିଲେ। ଦଳର ଏହି ସଫଳତା ପାଇଁ ଟିମ୍ ମାଲିକ ପୁଷ୍ପମିତ୍ର ମହାନ୍ତି ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଏହି ଧାରା ବଜାୟ ରହିବ ବୋଲି ଆଶା ପ୍ରକଟ କରିଛନ୍ତି।




## ଓଡ଼ିଶା ହକିକୁ ଅବହେଳା କରୁଛି ବିଜେପି ସରକାର: ବିଜେଡି

● ଅସ୍ମିତାକୁ ରକ୍ଷା କରିବାକୁ ଭୁଲିଗଲେଣି




ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ଓଡ଼ିଶା ହକି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ହକି ପ୍ରତି ଉଦାସୀନତା ମନୋଭାବ ଯୋଗୁଁ ପରିଚୟ ହରାଇବାରେ ଲାଗିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ଓଡ଼ିଶାର ହକି ପ୍ରତି ଅବହେଳା ନେଇ ଏଭଳି ଆରୋପ ଲଗାଇଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ନିରନ୍ତର ପ୍ରୟାସ ଫଳରେ ହକିରେ ଓଡ଼ିଶା ସମଗ୍ର ଭାରତରେ ଶିଖରରେ ପହଞ୍ଚିଥିଲା। ଓଡ଼ିଶାରେ ଦୁଇ ଥର ହକି ବିଶ୍ୱକପ୍ ଆୟୋଜନ କରାଯାଇଥିଲା। ହକିର ଉନ୍ନତି ପାଇଁ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ନୂତନ ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଯାହା ପାଇଁ ଦେଶ ବିଦେଶରେ ଓଡ଼ିଶା ହକିର ନୂତନ ପରିଚୟ ହାସଲ କରିଥିଲା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଗତ ଅଢ଼େଇ ବର୍ଷ ମଧ୍ୟରେ ଓଡ଼ିଶା ହକି ନିଜ ପରିଚୟ ହରାଇଛି। ଗତ ୬ରେ ହକି ଇଣ୍ଡିଆର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଓଡ଼ିଶା ହକି ସଂଘକୁ ହକି ଇଣ୍ଡିଆ ଆସୋସିଏସନ୍ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଯେଉଁଥିରେ ପଚରାଯାଇଛି କାହିଁକି ଓଡ଼ିଶା ହକିର ମାନ୍ୟତା 'ସ୍ଥାୟୀ ସଦସ୍ୟ'ରୁ 'ସହଯୋଗୀ ସଦସ୍ୟ'କୁ ପୁନଃନବୀକରଣ କରିବା, ଜାତୀୟ ମହାସଂଘର ବାଇ-ଲ (ନିୟମାବଳୀ) ପାଳନରେ ଅବହେଳା ହୋଇଛି, ସ୍ଥାୟୀ ସଦସ୍ୟତାକୁ ସହଯୋଗୀ ସଦସ୍ୟତାକୁ ପରିବର୍ତ୍ତନ କରିବା ଆଦି ପ୍ରସ୍ତାବ ରଖାଯାଇଛି। ରାଜ୍ୟ ଓ ଜିଲ୍ଲା ସ୍ତର କମିଟିମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରି ପାରୁନାହାନ୍ତି। ଓଡ଼ିଶା ହକି ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିଥିବା ବେଳେ ଆଜି କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ବେଲ୍‌ରେ ଆସି ପୁଣି ରଚିଲା ମୃତ୍ୟୁ ତାଣ୍ଡବ

ଦୁଇ ମାସ ତଳେ ଜେଲ ଯାଇଥଲା ଅଭିଯୁକ୍ତ ସୌମ୍ୟ

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଦୁଇ ମାସ ତଳେ ଦୁର୍ଘଟଣା ଘଟାଇବା ମାମଲାରେ ଜେଲ୍ ଯାଇଥିଲା। ହେଲେ ଜାମିନ୍‌ରେ ବାହାରି ପୁଣି ରାଜରାସ୍ତାରେ ମୃତ୍ୟୁର ତାଣ୍ଡବ ରଚିଲା ଅଭିଯୁକ୍ତ। ରାଜଧାନୀର ଚର୍ଚ୍ଚିତ ଶାସ୍ତ୍ରୀନଗରର ଦୁର୍ଘଟଣାର ମୁଖ୍ୟ ଅଭିଯୁକ୍ତ ସୌମ୍ୟ ରଥ ପୁଣି ଏକ ବଡ଼ ଧରଣର ଦୁର୍ଘଟଣା ଘଟାଇଛି। କେଶୁରା ଅଞ୍ଚଳରେ ଦ୍ରୁତଗତିରେ ଆସି ଏକାଥରକେ ୭ରୁ ୮ଟି ଗାଡ଼ିକୁ ପିଟିବା ସହ ହତ୍ୟା ଉଦ୍ୟମ କରିଥିବା ସୂଚନା ମିଳିଛି। ଘଟଣାରେ ବଡ଼ଗଡ଼ ଥାନା ପୁଲିସ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତକୁ ଗିରଫ କରିଛି। ସୂଚନାନୁସାରେ, ଆଜିର ଦୁର୍ଘଟଣା କେବଳ ଦୁର୍ଘଟଣା ନୁହେଁ, ଏହା ଥିଲା ହତ୍ୟା ଉଦ୍ୟମ। ଏଥିରେ ୩ରୁ ୪ ଜଣ ଆହତ ହୋଇଥିବା ବେଳେ ୭ରୁ ୮ଟି ଗାଡ଼ି ନଷ୍ଟ ହୋଇଛି। ଦୁର୍ଘଟଣା ସେ ଜାଣିଶୁଣି କରିଥିବା ପୁଲିସ ସୂଚନା ଦେଇଛି। କାରଣ ସିସିଟିଭି ଫୁଟେଜରେ ସୌମ୍ୟ ଚଳାଉଥିବା କାର୍‌ଟି ଆଗକୁ ଯାଇ ପୁଣି ଫେରି ଆସି ବାଇକ ଓ ସ୍କୁଟିକୁ ଧକ୍କା ଦେଉଥିବାର ଦେଖାଯାଉଛି ଏବଂ ଲୋକଙ୍କ ଉପରକୁ ମଧ୍ୟ ମାଡ଼ିଯାଉଛି। ତେବେ ଏହି ଘଟଣା ପରେ ଉତ୍ୟକ୍ତ ଲୋକେ ଅଭିଯୁକ୍ତକୁ ଧରି ନିର୍ଘୃମ ଛେଚିଛନ୍ତି। ଅବଶ୍ୟ ପୁଲିସ ଅଭିଯୁକ୍ତକୁ ଲୋକଙ୍କ ହାବୁଡ଼ରୁ ରକ୍ଷା କରିବାରେ ସଫଳ ହୋଇଥିଲା। ସୂଚନା ଥାଉକି, ଏହା ପୂର୍ବରୁ ଗତ ଜୁଲାଇ ୧୩ ତାରିଖ ବିଳମ୍ବିତ ରାତିରେ ଶାସ୍ତ୍ରୀନଗର ଛକରେ ଘଟିଥିଲା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ଯେଉଁଥିରେ ଜଣକର ଜୀବନ ଯାଇଥିଲା। ଅଭିଯୁକ୍ତ ସୌମ୍ୟ ରଥର ଗାଡ଼ି ଧକ୍କାରେ ଜଣକର ଜୀବନ ଯାଇଥିଲା। ତେବେ ଘଟଣାରେ ସେତେବେଳେ ଖାରବେଳ ନଗର ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚାଳକ ସୌମ୍ୟକୁ ଗିରଫ କରି ୧୪ ତାରିଖରେ ଜେଲ ହାଜତକୁ ପଠାଇଥିଲା। ହେଲେ ଜେଲରେ ମାସେ ନ ରହୁଣୁ ଅଗଷ୍ଟ ୪ରେ ଅଭିଯୁକ୍ତ ବାହାରିଥିଲା ବେଲ୍‌ରେ। ଆଉ ଏବେ ଅକ୍ଟୋବର ୧୨ରେ ପୁଣି ଏକ ହତ୍ୟା ଉଦ୍ୟମ କରିଛି ଅଭିଯୁକ୍ତ।

# ରାଜ୍ୟର ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀକୁ ନେଇ ଚିତ୍ରଯୁକ୍ତ ଡାକ ମୋହର

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଜାତୀୟ ଡାକ ସପ୍ତାହ ପାଳନ ଅବସରରେ ଆଜି 'ଫନ୍ ୱିଥ୍ ଫିଲାଟେଲି' ଦିବସ ପାଳନ ନିମନ୍ତେ ଓଡ଼ିଶା ଡାକ ସର୍କଲର ବିଭିନ୍ନ ବିଭାଗରେ ଅନେକ ଡାକଟିକଟ ସଂଗ୍ରହ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ କ୍ଷୁଦ୍ର ଡାକ ଟିକଟ ପ୍ରଦର୍ଶନୀ, ଡାକଟିକଟ ସଂଗ୍ରହ ସମ୍ବନ୍ଧୀୟ କର୍ମଶାଳା, କୁଇଜ୍, ସେମିନାର ଏବଂ ପତ୍ରଲିଖନ ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।




ସ୍ଥାନୀୟ ଓଡ଼ିଶା ଡାକ ସର୍କଲର ମୁଖ୍ୟ ପୋଷ୍ଟମାଷ୍ଟର ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ମଧ୍ୟ ଏକ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ଡାକ ସର୍କଲର ଚିଫ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ୍ ସିଂହ ଜାତୀୟ ଫିଲାଟେଲି ଦିବସର ବିଷୟବସ୍ତୁ ଉପରେ ଆଧାରିତ ଏକ ଚିତ୍ର ଡାକକାର୍ଡ (ପିପିସି), ଭାରତର ପାରମ୍ପରିକ ପ୍ରଦର୍ଶନ କଳାର ଏକ ଗୁରୁତ୍ୱପୂର୍ଣ୍ଣ ଓ ଆକର୍ଷଣୀୟ ଦିଗକୁ ପ୍ରଦର୍ଶିତ କରୁଥିବା 'ଭାରତର କଣ୍ଢେଇ ନୃତ୍ୟ' ବିଷୟବସ୍ତୁ ଉପରେ ଆଧାରିତ ୧୦ଟି ବୁକମାର୍କର ଏକ ସେଟ୍ ଏବଂ ପର୍ଯ୍ୟଟନସ୍ଥଳୀ ଓ ସାଂସ୍କୃତିକ ସ୍ମାରକୀକୁ ଆଲୋକିତ କରୁଥିବା ୧୦ଟି ସ୍ଥାୟୀ ଚିତ୍ରଯୁକ୍ତ ଡାକ ମୋହର ଉନ୍ମୋଚନ କରିଥିଲେ। ଏହି ଡାକ ମୋହରଗୁଡ଼ିକରେ ରାଜାରାଣୀ ମନ୍ଦିର, ଚନ୍ଦକା ହାତୀ ଅଭୟାରଣ୍ୟ, ମୁକ୍ତେଶ୍ୱର ମନ୍ଦିର ଓ ଶାନ୍ତିସ୍ତୂପ ଧଉଳିଗିରି ଏବଂ କଟକ ଜିଲ୍ଲାର ନେତାଜୀଙ୍କ ଜନ୍ମସ୍ଥାନ, ସ୍ୱରାଜ ଆଶ୍ରମ, କଟକ ଚଣ୍ଡୀ ମନ୍ଦିର, ରୁପା ତାରକସି କାମ, ବାରବାଟୀ ଦୁର୍ଗ ଓ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭଳି ପ୍ରମୁଖ ସ୍ଥାନ ସ୍ଥାନିତ ହୋଇଛି। ଏହି ସମାରୋହରେ ଡାକ ସେବା ନିର୍ଦ୍ଦେଶକ ଏ. କୋରାଗପ୍ପାଙ୍କ ସମେତ ଅନ୍ୟ ଡାକ ଅଧିକାରୀ ଓ ଡାକ ଟିକଟ ସଂଗ୍ରାହକମାନେ ଉପସ୍ଥିତ ଥିଲେ।

ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ କେବଳ ନୂତନ ଫିଲାଟେଲିକ୍ ସଂଗ୍ରହ ସାମଗ୍ରୀ ପ୍ରବର୍ତ୍ତନ କରିବା ନୁହେଁ, ବରଂ ଫିଲାଟେଲିର ଏହି ଅନନ୍ୟ ମାଧ୍ୟମ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ମହାନ ଐତିହ୍ୟ, ଐତିହାସିକ କୀର୍ତ୍ତିରାଜି ଏବଂ ପର୍ଯ୍ୟଟନ ସମ୍ଭାବନାକୁ ପ୍ରଦର୍ଶନ କରିବା ମଧ୍ୟ। ଏହି ପଦକ୍ଷେପ ଦ୍ୱାରା ରାଜ୍ୟର ବିଭିନ୍ନ ଆକର୍ଷଣ ବିଷୟରେ ସଚେତନତା ସୃଷ୍ଟି ହେବ ଏବଂ ଫିଲାଟେଲି ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ୩ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଓ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ୩ ଜଣ ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି। ଜୁଲାଇ ଓ ଅଗଷ୍ଟ ୨୦୨୬ ମାସରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେଇପାରିଥିଲେ। ଏହାଦ୍ୱାରା ସୁରକ୍ଷିତ ଓ ସୁଚାରୁ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ସମ୍ଭବ ହୋଇପାରିଥିଲା। ଟ୍ରାକ୍ ମେଣ୍ଟେନର୍ ସାରଦା ପ୍ରସାଦ ସାହୁ, ତ୍ରିନାଥ ସେଲମା ଓ ଶୁଭମ ସାଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ କର୍ମଚାରୀମାନେ ଅସାଧାରଣ ସତର୍କତା ପ୍ରଦର୍ଶନ କରି ରେଳ ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେମାନଙ୍କର ତ୍ୱରିତ ସୂଚନା ଆଧାରରେ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନିଆଯାଇ ରେଳ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରାଯାଇପାରିଥିଲା। ରେଳ ନିରାପତ୍ତା ବଜାୟ ରଖିବାରେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସତର୍କତା, ଦାୟିତ୍ୱବୋଧ ଓ ତ୍ୱରିତ ପଦକ୍ଷେପର ଗୁରୁତ୍ୱକୁ ଏହା ପ୍ରତିପାଦିତ କରିଛି।

ପୂର୍ବତଟ ରେଳପଥ ରେଳ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଇ ଏକ ସୁଦୃଢ଼ ନିରାପତ୍ତା ସଂସ୍କୃତି ଗଠନ ଦିଗରେ ନିରନ୍ତର ପ୍ରୟାସ କରୁଛି। ଏଥିପାଇଁ ସମସ୍ତ ସ୍ତରର ରେଳ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ସତର୍କ ରହିବା, ଯେକୌଣସି ଅସ୍ୱାଭାବିକ ଘଟଣା କିମ୍ବା ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିକୁ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ଓ ଆବଶ୍ୟକ ସମନ୍ୱୟ ରକ୍ଷା କରିବାକୁ ଉତ୍ସାହିତ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ଟ୍ରେନ୍ ଚଳାଚଳର ନିରାପତ୍ତା ଓ ନିର୍ଭରଯୋଗ୍ୟତା ବୃଦ୍ଧି ସହ ରେଳ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେଉଛି।

## ବିଜେପିକୁ ଘାରିଛି ଛାତ୍ର ସଂସଦ ନିର୍ବାଚନ ପରାଜୟ ଭୟ: ବିଜେଡି

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ବିଜେପି ସରକାର ତାଙ୍କର ସରକାରୀ କଳ ଓ ବଳ ଲଗାଇ ଦେଇଛନ୍ତି, ଯାହାକୁ ନେଇ ରାଜ୍ୟବ୍ୟାପୀ କ୍ୟାମ୍ପସରେ ନିର୍ବାଚନ ପରିଚାଳନା ଓ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଈପ୍ସିତା ସାହୁ ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ବିସିଜେଡି ସଭାପତି ଶ୍ରୀମତୀ ସାହୁ କହିଛନ୍ତି ଯେ ଛାତ୍ର ସଂଘ ନିର୍ବାଚନକୁ ତରବରିଆ ଭାବେ ଘୋଷଣା କରିବା ନେଇ ବିଜେପି ସରକାର ସନ୍ଦେହ ଘେରରେ ରହିଛନ୍ତି। ଲିଙ୍ଗଡୋ କମିଶନର ନିର୍ଦ୍ଦେଶାବଳୀକୁ ବିଜେପି ସରକାର ଖୁଲମଖୁଲ୍ଲା ଭାବେ ଉଲ୍ଲଂଘନ କରୁଥିବାର ଅଭିଯୋଗ କରିଛନ୍ତି।

■ ବିଧାୟକ ଓ ସାଂସଦ ରାଜନୈତିକ ହସ୍ତକ୍ଷେପ କରୁଛନ୍ତି

■ ଏବିଭିପି ପ୍ରାର୍ଥୀଙ୍କୁ ଜିତାଇବାକୁ ଲାଗିଛି ସରକାରୀ କଳ ଓ ବଳ

ବିଜେପି ସରକାର ରାଜ୍ୟର ଅଧିକାଂଶ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏବିଭିପି ପରାଜୟକୁ ନେଇ ଭୟଭୀତ ହୋଇଛନ୍ତି। ତେଣୁ ବିଜେପି ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ମହାବିଦ୍ୟାଳୟ କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ରାଜନୈତିକ ହସ୍ତକ୍ଷେପ କରୁଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟରେ ଏହିପରି କାର୍ଯ୍ୟକଳାପ ନେଇ ଏକ ଅଡିଓ ଟେପ୍ ଭାଇରାଲ ହୋଇଛି, ଯେଉଁଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନରେ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜେପି ସରକାରଙ୍କ ଦଖଲ ନିହାତି ଭାବେ ମୁଖ୍ୟମନ୍ତ୍ରୀଙ୍କ ଆବଶ୍ୟକ। ସେଠାରେ ଏବିଭିପି ପ୍ରାର୍ଥୀଙ୍କୁ ଯେକୌଣସି ମୂଲ୍ୟରେ ବିଜୟ କରାଇ ନିଜ ଦଖଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି, ଯାହାକୁ ନେଇ ଛାତ୍ର ସଂସଦ ନିର୍ବାଚନରେ ରମାଦେବୀ ବିଶ୍ୱବିଦ୍ୟାଳୟ ପାଇଁ ଟଙ୍କାର ବର୍ଷା କରୁଛନ୍ତି ବୋଲି ରମାଦେବୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସଞ୍ଜୟ ରାଉଳ କହିଥିବାର ଅଡିଓ ଭାଇରାଲ ହେଉଛି। ଛାତ୍ର ସଂସଦ ନିର୍ବାଚନ ବିଜୟ ପାଇଁ ବିଜେପି ସରକାର କୁଳପତି ଓ ଅଧ୍ୟକ୍ଷମାନଙ୍କୁ ଫୋନ କରି ସପକ୍ଷରେ ଭୋଟ କରିବା ପାଇଁ ଲାଗିପଡ଼ିଛନ୍ତି। ସେହିପରି ନୟାଗଡ଼ କଲେଜରେ ପ୍ରାର୍ଥିପତ୍ର ଦାଖଲ ପରେ ଯାଞ୍ଚ୍ ତାଲିକା ଆସିଥିଲା। କିନ୍ତୁ ତାହାକୁ ଘୋଷଣା ପୂର୍ବରୁ ଜିଲ୍ଲାପାଳ ଫୋନ କରି ବୁଝିଥିଲେ। ବିସିଜେଡି ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହେଉଥିଲେ। ଏହାକୁ ଜାଣିବା ପରେ ସେଠାରେ ଛାତ୍ର ସଂସଦ ନିର୍ବାଚନ ବାତିଲ ନେଇ ଘୋଷଣା କରାଯାଇଥିଲା। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପି ପ୍ରାର୍ଥୀଙ୍କ ପାଇଁ ଅଧ୍ୟାପକ ଓ ଅଧ୍ୟାପିକାମାନେ କ୍ୟାମ୍ପେନ କରୁଛନ୍ତି। ହ୍ୱାଟ୍ସଅପ୍ ଗ୍ରୁପରେ କ୍ୟାମ୍ପେନ ନେଇ ଫଟୋ ମଧ୍ୟ ଭାଇରାଲ ହୋଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବିଜେପି ବିଧାୟକ ମାନସ ଦତ୍ତ ଓ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଲିଙ୍ଗଡୋ କମିଶନଙ୍କ ନିୟମକୁ ଖୁଲମଖୁଲ୍ଲା ଭାବେ ଅବମାନନା କରିଛନ୍ତି। ଛାତ୍ର ସଂସଦ ନିର୍ବାଚନ ସାମିଲ ହୋଇ ଏବିଭିପି ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଛନ୍ତି। ପିପିଲି କଲେଜରେ ବିଜେପି ଗୁଣ୍ଡାମାନେ ପ୍ରାର୍ଥୀଙ୍କୁ ଉଠାଇ ନେଇ ଭୟଭୀତ କରାଇବା ସହ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଶ୍ରୀମତୀ ସାହୁ ଅଭିଯୋଗ କରିଛନ୍ତି।

# ସହରୀ ବର୍ଜ୍ୟ ପୌରସଂସ୍ଥା ପାଇଁ ବୋଝ

ଭୁବନେଶ୍ୱର,୧୨।୧୦: ରାଜ୍ୟର ପୌରାଞ୍ଚଳଗୁଡ଼ିକରୁ ଦୈନିକ ଯେତିକି ପରିମାଣର କଠିନ ବର୍ଜ୍ୟ ବାହାରୁଛି ତାହାର ଅଧା ବି ବୈଜ୍ଞାନିକ ପଦ୍ଧତିରେ ବିଘଟନ କରାଯାଇ ପାରୁନାହିଁ। ଏହି ବଳକା ବର୍ଜ୍ୟ ଏବେ ପୌରସଂସ୍ଥାଗୁଡ଼ିକ ପାଇଁ ବୋଝ ପାଲଟିଥିବାବେଳେ ଆଖପାଖର ଅଞ୍ଚଳ ସମେତ ଜଳାଶୟଗୁଡ଼ିକ ପ୍ରଦୂଷଣର ଏହା ଅନ୍ୟତମ କାରଣ ପାଲଟୁଛି। ସରକାରୀ ହିସାବରେ ରାଜ୍ୟର ୧୧୫ଟି ପୌରାଞ୍ଚଳରୁ ଦୈନିକ ୨୬୩୦ ମେଟ୍ରିକ ଟନ୍ କଠିନ ବର୍ଜ୍ୟ ବାହାରୁଛି। ଏହାର ବାର୍ଷିକ ପରିମାଣ ରହିଛି ପ୍ରାୟ ୯ଲକ୍ଷ ୬୦ ହଜାର ମେଟ୍ରିକ ଟନ୍। ସେହିଭଳି ଏହି ସମସ୍ତ ପୌରାଞ୍ଚଳରୁ ଦୈନିକ ୯୧୯ ନିୟୁତ ଲିଟର ତରଳ ବର୍ଜ୍ୟ ବାହାରୁଛି। ଏହାର ବାର୍ଷିକ ପରିମାଣ ୩ଲକ୍ଷ ୩୫ହଜାର ନିୟୁତ ଲିଟରରୁ ଅଧିକ ରହିଛି। କଠିନ ବର୍ଜ୍ୟ ବାହାରିବା କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମ ସବୁଠାରୁ ଆଗରେ ରହିଛି। ଏଠାରୁ ଦୈନିକ ୮୦୦ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଛି। ଏହା ପଛକୁ ରହିଛି କଟକ ମହାନଗର ନିଗମ। ଏଠାରୁ ଦୈନିକ ୨୨୩ ମେଟ୍ରିକ ଟନ୍ କଠିନ ବର୍ଜ୍ୟ ବାହାରୁଥିବାବେଳେ ସମ୍ବଲପୁର ମହାନଗର ନିଗମରୁ ୧୨୩ ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଛି। ତେବେ ରାଜ୍ୟର ସମସ୍ତ ମହାନଗର ନିଗମରୁ ବର୍ଷକୁ ୯ଲକ୍ଷ ୬୦ ହଜାର ମେଟ୍ରିକ ଟନ୍ ବର୍ଜ୍ୟ ବାହାରୁଥିବାବେଳେ ବୈଜ୍ଞାନିକ ପଦ୍ଧତିରେ ଏଥିରୁ ମାତ୍ର ୪ଲକ୍ଷ ୫୧ ହଜାର ମେଟ୍ରିକ ଟନ୍‌ର ବିଘଟନ ହୋଇପାରୁଛି। ତେଣୁ ବଳକା ବର୍ଜ୍ୟ ଏବେ ପୌରସଂସ୍ଥାଗୁଡ଼ିକ ପାଇଁ ଏକ ପ୍ରକାର ବୋଝ ପାଲଟିଛି। ଭୁବନେଶ୍ୱର ମହାନଗର ନିଗମରୁ ଦୈନିକ ୮୦୦ ମେଟ୍ରିକ ଟନ୍ କଠିନ ବର୍ଜ୍ୟ ବାହାରୁଥିବା ବେଳେ ଏଥିରୁ ୪ ଶହ ଟନ୍ ବି ବୈଜ୍ଞାନିକ ପଦ୍ଧତିରେ ବିଘଟନ କରାଯାଇପାରୁନାହିଁ। ରାଜ୍ୟର ପ୍ରାୟ ସମସ୍ତ ପୌରାଞ୍ଚଳରେ ଏହିଭଳି ଅବସ୍ଥା। ତେବେ ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟ ପୌର କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସରକାରୀ ହିସାବରେ ଯେତିକି ବର୍ଜ୍ୟ ଦର୍ଶାଯାଉଛି ବାସ୍ତବ ପରିମାଣର ତାହାଠାରୁ ଅଧିକ ବୋଲି କୁହାଯାଉଛି। ତେବେ ଯେଉଁସବୁ ବର୍ଜ୍ୟ ବୈଜ୍ଞାନିକ ପଦ୍ଧତିରେ ବିଘଟନ ହୋଇପାରୁ ନାହିଁ ସେଗୁଡ଼ିକୁ ପକାଯାଉଥିବା ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। କେତେକ ସ୍ଥାନରେ ଏହା ସହର ଉପକଣ୍ଠରେ ଥିବା ଜଳସ୍ରୋତ ସହିତ ମିଶି ପାଣିକୁ ଦୂଷିତ କରିବାରେ ଲାଗିଛି। କେବଳ କଠିନ ବର୍ଜ୍ୟ ନୁହେଁ, ସହରାଞ୍ଚଳରୁ ବାହାରୁ ଥିବା ନିୟୁତ ନିୟୁତ ଲିଟର ତରଳବର୍ଜ୍ୟ ଜଳ ଉତ୍ସରେ ମିଶିବା ଯୋଗୁଁ ତାହା ବ୍ୟବହାର ଅନୁପଯୁକ୍ତ ହୋଇ ପଡ଼ୁଛି। ଏଥିଯୋଗୁଁ ମାଛ ଓ ଅନ୍ୟାନ୍ୟ ଜଳଜୀବ ବି ଧିରେ ଧିରେ ଲୋପ ପାଇବାକୁ ବସିଲେଣି। ରାଜ୍ୟର ପ୍ରମୁଖ ନଦୀ ଜଳ ଦୂଷିତ ହେବାର କାରଣ ସହରାଞ୍ଚଳର ବର୍ଜ୍ୟ ବୋଲି ଦର୍ଶାଇ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ତାଗିଦା କରିବାରେ ଲାଗିଛି। ହେଲେ ସହରାଞ୍ଚଳ ବର୍ଜ୍ୟ ପରିମାଣ ବଢ଼ିବାରେ ଲାଗିଥିବାରୁ ତାହା ଏବେ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। (ତଥ୍ୟ)



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାରଙ୍କ ହୃତକମ୍ପନ...

ହେବା ସହ ଜ୍ଞାନେଶ କୁମାରଙ୍କ ଇସ୍ତଫା ନେଇ ନାରାବାଜି କରିଛନ୍ତି। ସେମାନଙ୍କୁ ନେଇ ଯାଉଥିବା ବସ୍ କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରୁ ବାରାଖମ୍ବା ରୋଡ୍ ଅଭିମୁଖେ ବାହାରି ସୁପ୍ରିମକୋର୍ଟଠାରୁ ମାତ୍ର ୬୦୦ ମିଟର ଦୂରରେ ଥିବା ଭଗବାନ ଦାସ ରୋଡ୍ ନିକଟରେ ପହଞ୍ଚିଥିଲା। ଏହାପରେ ସେଠାରୁ ରାହୁଲ, ଶ୍ରୀ ଖଡ୍‌ଗେ, ପ୍ରିୟଙ୍କା ଗାନ୍ଧି ଭଦ୍ରା ଓ ଛାତ୍ରନେତ୍ରୀ ନେହା ଭୋରାଙ୍କ ନେତୃତ୍ୱରେ ଏକ ବିଶାଳ ସମାବେଶ ପଦଯାତ୍ରା କରି ସନ୍ଧ୍ୟା ସୁଦ୍ଧା ସୁପ୍ରିମକୋର୍ଟ ପରିସରରେ ପହଞ୍ଚିଛି। ସେହିପରି ଆଜି ସ୍ଥାନୀୟ ଇନ୍ଦିରା ଭବନସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ରାହୁଲ ଏକ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କୁ ସାଂଘାତିକ ଭାବେ ଟାର୍ଗେଟ୍ କରିଛନ୍ତି। ସରକାର ଭୋଟ୍ ଚୋରି କରିଛନ୍ତି ବୋଲି ସିଧାସଳଖ ଆରୋପ ଲଗାଇ ରାହୁଲ କହିଛନ୍ତି ଯେ ମୋଦି ସରକାରଙ୍କ ୨୦୦ ଅଫିସର ତାଙ୍କ ସହ ସିଧାସଳଖ ଯୋଗାଯୋଗରେ ଅଛନ୍ତି। ସେମାନେ ସରକାର ଭିତରେ ଘଟୁଥିବା ଘଟଣା ବିଷୟରେ ତାଙ୍କୁ ନିୟମିତ ସୂଚନା ପ୍ରଦାନ କରୁଛନ୍ତି। କେଉଁ ଅଧିକାରୀମାନେ ତାଙ୍କ ଯୋଗାଯୋଗରେ ଅଛନ୍ତି ବୋଲି ରାହୁଲ ସିଧାସଳଖ କାହାରି ନାମ ନେଇ ନଥିଲେ ମଧ୍ୟ ସିବିଆଇ, ବହିର୍ବ୍ୟାପାର ମନ୍ତ୍ରଣାଳୟ, ଇଡି ଆଦି ବିଭାଗର ଅଫିସରମାନେ ତାଙ୍କ ସମ୍ପର୍କରେ ଅଛନ୍ତି ବୋଲି ସେ ଇଶାରା ଦେଇଛନ୍ତି। ସେହିପରି ରାହୁଲ୍ ସିଜେପିର ନାଁ ନ ନେଇ କହିଛନ୍ତି ଯେ ଇଣ୍ଡି ମେଣ୍ଟ ଓ ଯୁବ ଆନ୍ଦୋଳନକାରୀ ଦୁଇଟି ଅଲଗା ରାସ୍ତାରେ ନୁହେଁ, ବରଂ ଗୋଟିଏ ରାସ୍ତାରେ ଗତି କରୁଛନ୍ତି। ଆଉ ସେହି ରାସ୍ତା ହେଉଛି ଜ୍ଞାନେଶ କୁମାରଙ୍କ ଇସ୍ତଫା। ଏଥିସହ ଜ୍ଞାନେଶ କୁମାର ତାଙ୍କୁ ବ୍ୟକ୍ତିଗତ ମେସେଜ୍ ଦେଇଥିବା କହି ରାହୁଲ୍ ମୋଦି ସରକାରଙ୍କ ହୃତ୍‌କମ୍ପନ ବଢ଼ାଇ ଦେଇଛନ୍ତି। ରାହୁଲ ଦାବି କରିଛନ୍ତି ଯେ ତାଙ୍କୁ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କଠାରୁ ବାର୍ତ୍ତା ମିଳିଛି। ଭୋଟର ତାଲିକା ସଂଶୋଧନ ଓ ଭୋଟ୍ ଚୋରି ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ନିର୍ବାଚନ କମିଶନ୍‌ର ମୁଖ୍ୟ ଚାପରେ ଥିବା ରାହୁଲ୍ କହିଛନ୍ତି।

### ସ୍ୱତନ୍ତ୍ର ପ୍ରସ୍ତାବ ପାରିତ...

ନୂତନ ଓ ସ୍ୱଚ୍ଛ ନିର୍ବାଚନ କମିଶନ ଚୟନ କମିଟି ଗଠନ କରାଯାଉ ବୋଲି ବିଧାନସଭା ଦାବି କରିଛି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନ୍ କହିଛନ୍ତି ଯେ ଭୋଟ୍ ଦେବାର ଅଧିକାର ହେଉଛି ଗଣତନ୍ତ୍ରର ମୂଳଦୁଆ। କୌଣସି ଅନୁଷ୍ଠାନକୁ ନାଗରିକଙ୍କ ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ କରିବାକୁ ଦିଆଯିବ ନାହିଁ। ଏହାପୂର୍ବରୁ ସିଜେପିର ଆନ୍ଦୋଳନକୁ ସମର୍ଥନ କରିବାକୁ ଦିଲ୍ଲୀ ଯାଇଥିବା କେରଳର ବିରୋଧୀ ଦଳ ନେତା ପିନାରାଇ ବିଜୟନଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିବାକୁ ମୁଖ୍ୟମନ୍ତ୍ରୀ କଡ଼ା ନିନ୍ଦା କରିଛନ୍ତି। ସୋମବାର କେରଳ ବିଧାନସଭାରେ ଏହି ପ୍ରସ୍ତାବ ଆଗତ ହେବା ପରେ ବିଜେପି ବିଧାୟକମାନେ ଏହାର ଦୃଢ଼ ବିରୋଧ କରିଥିଲେ ମଧ୍ୟ ସଂଖ୍ୟାଗରିଷ୍ଠତା ବଳରେ ଏହା ପାରିତ ହୋଇଯାଇଛି।

### ଗଣତନ୍ତ୍ରକୁ ସୁଦୃଢ଼...

ବାସସ୍ଥାନ ପରିବର୍ତ୍ତନ ଯୋଗୁଁ ଆବଶ୍ୟକ ଅପଡେଟ୍ କରାଯାଏ ଓ ଯୋଗ୍ୟ ଭୋଟରଙ୍କ ନାମ ଯେପରି ତାଲିକାରୁ ବାଦ୍ ନ ପଡ଼େ ସେଥିପାଇଁ ଯତ୍ନ ନିଆଯାଏ। ସମାନ୍ତରାଳ ଭାବେ ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରତ୍ୟେକ ବୈଧ ଭୋଟରଙ୍କୁ ଭୁଲ୍ ଭାବେ ତାଲିକାରୁ ବାଦ୍ ଦିଆଯିବାରୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଏ। ଏହିସବୁ ବିଷୟ କେବଳ ସାମାନ୍ୟ ପ୍ରଶାସନିକ ବିବରଣୀ ନୁହେଁ। ଏଗୁଡ଼ିକ ନିର୍ବାଚନୀ ନ୍ୟାୟ, ସମାନ ପ୍ରତିନିଧିତ୍ୱ ଓ ପ୍ରତ୍ୟେକ ଭୋଟର ପବିତ୍ରତାର ମୂଳ ସହ ଜଡ଼ିତ। ବିଶେଷଜ୍ଞମାନେ କହନ୍ତି ଯେ ଏସଆଇଆର ହେଉଛି ଆମ ନିର୍ବାଚନ ବ୍ୟବସ୍ଥାର ସମଗ୍ରତା ବଜାୟ ରଖିବା ପାଇଁ ଏକ ଆବଶ୍ୟକ ଓ ସୁଚିନ୍ତିତ ପଦକ୍ଷେପ। ଏହାର ସଫଳ ଓ ନ୍ୟାୟସଙ୍ଗତ କାର୍ଯ୍ୟକାରିତା ମାଧ୍ୟମରେ ନିର୍ବାଚନ ରେକର୍ଡଗୁଡ଼ିକ ଭରସାଯୋଗ୍ୟ ରହିବ ଓ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆହୁରି ମଜଭୁତ ହେବ। ନିର୍ବାଚନ ଆୟୋଗ ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସ୍ପଷ୍ଟତା ଓ ଯଥାର୍ଥ ଯତ୍ନ ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଉଛି, ଯାହା ଫଳରେ ଭାରତୀୟ ଗଣତନ୍ତ୍ରର ମୂଳ ଭିତ୍ତିଭୂମି ଆହୁରି ମଜଭୁତ ହୋଇପାରିବ।

### ଆଇସିୟୁ ନ ଥିଲେ...

ନିର୍ଦ୍ଦେଶନାମା ପରେ ଅଙ୍କରେ ପଡ଼ିଯାଇଛନ୍ତି କିଛି ଘରୋଇ ମେଡିକାଲ୍। ଅଳ୍ପ ସମୟ ମଧ୍ୟରେ ଭିତ୍ତିଭୂମି ଛିଡ଼ା କରାଇବା ସମ୍ଭବପର ନୁହେଁ। ଏଥିପାଇଁ ୬ ମାସ ସମୟ ମାଗିଛି ରାଜ୍ୟ ଘରୋଇ ମେଡ଼ିକାଲ୍ ସଂଘ। ନଚେତ ରୋଗୀ ବହୁତ ହଇରାଣ ହେବେ ବୋଲି ସଂଘ ପକ୍ଷରୁ ଚେତାଇ ଦେଇଛି। ଅନେକ ସମୟରେ ଘରୋଇ ହସ୍ପିଟାଲଗୁଡ଼ିକରେ ଆଇସିୟୁ ଓ ଭେଣ୍ଟିଲେଟରର ଦିଗ ସହଜ ସମ୍ବେଦନଶୀଳ ଅପରେସନ ପାଇଁ ସେମାନେ ରୋଗୀଙ୍କୁ ଆଡମିଶନ କରାଉଛନ୍ତି। ହେଲେ ଅପରେସନ ସମୟରେ ରୋଗୀଙ୍କର ଉଚ୍ଚ ରକ୍ତଚାପ କିମ୍ବା ଶ୍ୱାସଜନିତ ସମସ୍ୟା ଦେଖାଦେଲେ, ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଏପରିକି କେତେକ କ୍ଷେତ୍ରରେ ରୋଗୀଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ଏସବୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜ୍ୟରେ ଏବେ ପ୍ରାୟ ୮ ଶହ ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଛି ଆୟୁଷ୍ମାନ ଯୋଜନା। ସେଥିମଧ୍ୟରୁ ପ୍ରାୟ ୫ ପ୍ରତିଶତ ହସ୍ପିଟାଲରେ ଆଇସିୟୁ ବ୍ୟବସ୍ଥା ନାହିଁ। ଘରୋଇ ମେଡିକାଲ ସଂଘ ଯୁକ୍ତି, ଏବେ ଯଦି ନୂଆ ନିୟମ ଲାଗୁହୁଏ, ତା'ହେଲେ ବହୁ ଘରୋଇ ହସ୍ପିଟାଲ ଯୋଜନାରୁ ବାଦ୍ ପଡ଼ିବା ଆଶଙ୍କା ରହିଛି।

### ପ୍ଲାଷ୍ଟିକମୁକ୍ତ ପରିବେଶ...

ପରିବେଶ, ଗୋ-ସମ୍ପଦ ଓ ସମୁଦ୍ର ଜୀବଜନ୍ତୁଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରୁଛି ପ୍ଲାଷ୍ଟିକ୍। କପ୍‌ରେ ଗରମ ଚା' ପିଇବା ଦ୍ୱାରା ଏହା ଶରୀର ଭିତରକୁ ଯାଇ ସ୍ୱାସ୍ଥ୍ୟହାନି ଘଟାଉଛି, ଯାହା ବିଜ୍ଞାନୀ ଓ ଚିକିତ୍ସକମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି। ଆମେ ଯେପରି ନିଜ ଘର, ଅଗଣା ଓ ଶୌଚାଳୟକୁ ସଫା ରଖୁଛୁ ସେହିପରି ଗାଁ ଘାଟ, ମନ୍ଦିର ଓ ପରିବେଶକୁ ସ୍ୱଚ୍ଛ ରଖିବାକୁ ଏକ ନିୟମିତ ସାମାଜିକ ଅଭ୍ୟାସ ଓ ସଂସ୍କାରରେ ପରିଣତ କରିବାକୁ ପଡ଼ିବ। ଅଭିଯାନରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱଚ୍ଛତା ସାଥୀ, ଯୁବବର୍ଗ ଓ ସ୍ୱେଚ୍ଛାସେବୀଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ସ୍ୱଚ୍ଛତା ଅଭିଯାନରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ବ୍ରହ୍ମଗିରି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସାମିଲ ହୋଇଥିଲେ।

### ହାଲ୍ ଓ ଉଡ଼ଫର୍ଡଙ୍କୁ...

ଦୁଇ ଅର୍ଥନୀତିଜ୍ଞଙ୍କୁ ୧୨ ମିଲିୟନ୍ ସ୍ୱେଡିଶ୍ କ୍ରୋନର୍ (୧୧.୪୮ କୋଟି ଭାରତୀୟ ମୁଦ୍ରା) ପ୍ରଦାନ କରାଯିବ। ପରିବର୍ତ୍ତନ ପ୍ରତି ଅର୍ଥନୀତି କିପରି ପ୍ରତିକ୍ରିୟା ପ୍ରକାଶ କରେ ଓ ବୃହତ୍ତର ସ୍ଥିରତା ଦିଗରେ ନୀତି ନିର୍ମାତାମାନେ କିପରି କାର୍ଯ୍ୟ କରନ୍ତି ତାହାକୁ ବ୍ୟାଖ୍ୟା କରିବାରେ ସାହାଯ୍ୟ କରୁଥିବା ଅର୍ଥନୈତିକ ନୀତି ଉପରେ ସେମାନଙ୍କର କାର୍ଯ୍ୟକୁ ଏହି ପୁରସ୍କାର ସ୍ୱୀକୃତି ଦେଇଛି।

### ବଦଳିବ ଶ୍ରୀକ୍ଷେତ୍ର...

ପ୍ରସିଦ୍ଧ ଗୋପାଳଜୀଉ ମଠ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହରୀ ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଓ କାକଟପୁରର ମା' ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳ ବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହାଛଡ଼ା ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍ ପୁନର୍ନିର୍ମାଣ, ଅନ୍ୟୁନ୍ଦୀ ଡିଏଚଉ ପୁନର୍ବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆରତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରରେ ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ। ପୁରୀ ସହରର ଗୌରବ ଓ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ବିଶେଷ ସମ୍ବେଦନଶୀଳତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ପୁରୀ କେବଳ ଏକ ଜିଲ୍ଲା ନୁହେଁ, ଏହା ସମଗ୍ର ଓଡ଼ିଶାର ଅସ୍ମିତା ଓ ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର। ତେଣୁ ଶ୍ରୀକ୍ଷେତ୍ରର ସମସ୍ତ ବିକାଶମୂଳକ ପ୍ରକଳ୍ପକୁ ବିଶ୍ୱସ୍ତରୀୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ବ୍ରଜମୋହନ ରାମଙ୍କୁ...

ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଛି। ସେହିପରି କେରଳର ରାଜ୍ୟପାଳ ଥିବା ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଡକ୍ଟର ଢାଲ ସିଂହ ବିସେନଙ୍କୁ ଉତ୍ତରାଖଣ୍ଡ ଏବଂ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମ୍‌ର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ରାଷ୍ଟ୍ରପତି ଭବନର ସୂଚନାନୁସାରେ, ନୂଆ ରାଜ୍ୟପାଳମାନଙ୍କ ନିଯୁକ୍ତି ତୁରନ୍ତ କାର୍ଯ୍ୟକାରୀ ହେବ ନାହିଁ। ସମ୍ପୃକ୍ତ ରାଜ୍ୟରେ ସେମାନେ ଆନୁଷ୍ଠାନିକ ଭାବେ ଶପଥ ନେଇ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଏହି ନିଯୁକ୍ତି କାର୍ଯ୍ୟକାରୀ ହେବ। ତେବେ ଓଡ଼ିଶାର ନୂଆ ରାଜ୍ୟପାଳ ବ୍ରଜମୋହନ ରାମ କେବେ ଶପଥ ଗ୍ରହଣ କରିବେ, ସେନେଇ ବିସ୍ତୃତ କାର୍ଯ୍ୟସୂଚୀ ସାମ୍ନାକୁ ଆସିନାହିଁ।

### ଛାତ୍ରଙ୍କୁ ଆଗରେ...

ପ୍ରତିଶତ ପ୍ରାର୍ଥୀ ଜିଣିଥିବା ନେଇ ଘୋଷଣା କରିବେ। ଗଣମାଧ୍ୟମରେ କିଏ କେଉଁଭଳି ଭାବେ ନିଜର ବିଜୟ ସୂଚନା ପ୍ରଦାନ କରିବ, ତାକୁ ନେଇ ବି ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ସବୁଠାରୁ ବଡ଼ କଥା ଯେ ଛାତ୍ର ସଂସଦରେ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି କିମ୍ବା ଭୋଟ ଦେବାକୁ ଯାଉଛନ୍ତି, ସେମାନେ ସମସ୍ତେ ଛାତ୍ର ସଂସଦ ନିର୍ବାଚନ ବିଷୟରେ ଅଜ୍ଞ। ତେଣୁ ସେମାନଙ୍କୁ ଯିଏ ଯେମିତି ବୁଝାଉଛି, ସେମାନେ ସେମିତି ବୁଝୁଛନ୍ତି। ଏହାର ଫାଇଦା ରାଜନେତାମାନେ ନେଉଛନ୍ତି। ଶିକ୍ଷାନୁଷ୍ଠାନର ମୂଳ ପ୍ରସଙ୍ଗରୁ ଦୂରେଇ ଛାତ୍ରଛାତ୍ରୀମାନଙ୍କୁ କିଭଳି ଅନ୍ୟ ଆଡ଼େ ବ୍ୟସ୍ତ ରଖାଯିବ, ତା' ଉପରେ ଏବେ ନିର୍ବାଚନ ପରିଚାଳକମାନେ ବେଶୀ ଗୁରୁତ୍ୱ ଦେଉଛନ୍ତି।

## ବରୁଣ୍ଡେଇରେ ଆକାଶଙ୍କ ବିକାଶ ହୁଙ୍କାର, ବିରୋଧୀଙ୍କ ମୁହଁରେ ପଡିଲା ତାଲା



କୋରେଇ,୧୨।୧୦ (ସଂଚାର ବ୍ୟୁରୋ): କଥା ନୁହେଁ କାମରେ ବିଶ୍ୱାସ କରନ୍ତି କୋରେଇର ବିକାଶ ପୁରୁଷ ଆକାଶ ଦାସନାୟକ। ଆଜି ବରୁଣ୍ଡେଇ ପଞ୍ଚାୟତରେ ଏକାଥରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରି ପୁଣି ଥରେ ନିଜର ବିକାଶ ମଡେଲ ଦେଖାଇଛନ୍ତି ବିଧାୟକ। ଦୀର୍ଘ ଦିନ ଧରି ଅବହେଳିତ ହୋଇ ପଡିରହିଥିବା ବରୁଣ୍ଡେଇ-ମଙ୍ଗଳପୁର ରାସ୍ତା, ଯାହାକୁ ନେଇ ବିରୋଧୀ ରାଜନୀତି କରୁଥିଲେ, ତାହାକୁ ୧୫ କୋଟି ଟଙ୍କା ବ୍ୟୟରେ ପ୍ରଶସ୍ତିକରଣ ପାଇଁ ଶିଳାନ୍ୟାସ କରି ବିରୋଧୀଙ୍କ ମୁହଁ ବନ୍ଦ କରିଦେଇଛନ୍ତି ଆକାଶ। ଏହା ସହ ପ୍ରାଣକୃଷ୍ଣ ମହାବିଦ୍ୟାଳୟର ନୂଆ କାର୍ଯ୍ୟାଳୟ ଓ ଖେଳପଡିଆର ଗ୍ୟାଲେରୀ ନିର୍ମାଣ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।

ଏହି ଅବସରରେ ବିଧାୟକ କହିଥିଲେ, "ସବୁଜ ସୁନ୍ଦର କୋରେଇ ପରେ ଏବେ ସୁଗମ କୋରେଇ ଆମର ଲକ୍ଷ୍ୟ। ଅଢେଇ ବର୍ଷରେ ୨୧ଟି ରାସ୍ତା ନୂଆ ରୂପ ପାଇଲାଣି, ଆଗାମୀ ଦିନରେ କୋରେଇରେ ଗୋଟିଏ ବି କଚ୍ଚା ରାସ୍ତା ରହିବ ନାହିଁ" ବରୁଣ୍ଡେଇବାସୀ କହିଛନ୍ତି - ଯାହା କେହି କରିପାରିଲେ ନାହିଁ, ଆକାଶ ତାହା କରି ଦେଖାଇଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ଯୁବ ସଂଯୋଜକ ପ୍ରମୋଦ କୁମାର ବଳ, ଜିଲ୍ଲା ମହିଳା ସଭାପତି ତୃପ୍ତିମୟୀ କୁଅଁର, ସରପଂଚ ଲିପ୍ସା ପରିଡା, ସମିତିସଭ୍ୟ ରଶ୍ମିରଞ୍ଜନ ପରିଡା ଓ ବହୁ ବିଜେପି ନେତା, ସରପଂଚ ଓ କାର୍ଯ୍ୟକର୍ତ୍ତା, କର୍ମୀ ମାନେ ଉପସ୍ଥିତ ଥିଲେ।

## ଟିଟିଲାଗଡ଼ ବ୍ଲକ ଯାଦବ ସମାଜର ନୂଆଁଖାଇ ଭେଟଘାଟ



ଟିଟିଲାଗଡ଼, (ସଂଚାର ): ଆମ ସଂସ୍କୃତି ଆମ ପରିଚୟ, ପରମ୍ପରା ଆମ ଗୌରବ। ସମାଜର ସମସ୍ତେ ଏକଜୁଟ ହେଲେ ହିଁ ସମାଜର ପ୍ରଗତି ସମ୍ଭବ। କୁସଂସ୍କାରକୁ ଦୂର କରିବା ସହ ପ୍ରଭୁ ଶ୍ରୀକୃଷ୍ଣଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ବିକାଶ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି। ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଜମୁଆସିତ ଗିରିଗୋବର୍ଦ୍ଧନଙ୍କ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ଯାଦବ ସମାଜର ନୂଆଁଖାଇ ଭେଟଘାଟ ଉତ୍ସବରେ ଏଭଳି ମତ ପ୍ରକାଶ ପାଇଛି। ଉପଖଣ୍ଡ ଯାଦବ ସମାଜ ସମ୍ପାଦକ ପ୍ରଦୀପ ଖର୍ସେଲଙ୍କ ନେତୃତ୍ୱରେ ଆୟୋଜିତ ଏହି ଭେଟଘାଟରେ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ତଥା ବଲାଙ୍ଗୀର ଜିଲ୍ଲା ଯାଦବ ମହାସଂଘର ସଭାପତି ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଯୁବ ଯାଦବ ସଭାପତି ସୁବ୍ରତ ନାଗ, ଦିଲୀପ ଖର୍ସେଲ,ଧନେଶ୍ୱର ଛତର,ସଭାନେତ୍ରୀ ମୁଣ୍ଡୟୀ ଭୋଇ, ଗୀତା ବିଶି,ଚିକି ପୋଡ଼ଙ୍କ ସମେତ ଯାଦବ ସମାଜର ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ପାରମ୍ପରିକ ଯାଦବ ବାଡ଼ି ଖେଳ। ଏଥିରେ ବିଧାୟକ ଲକ୍ଷ୍ମଣ ବାଗ ନିଜେ ଅଂଶଗ୍ରହଣ କରି ବାଡ଼ି ଖେଳିଥିଲେ। ତାଙ୍କର ଏହି ଅଂଶଗ୍ରହଣ ଉପସ୍ଥିତ ଯାଦବ ସମାଜର ସଦସ୍ୟ ଓ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଥିଲା।

## ନିମାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ପରଲୋକ



ବାଲିପାଟଣା,୧୨।୧୦ (ସଂଚାର ବ୍ୟୁରୋ): ନିମାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବାଲକାଟି ବସନ୍ତପେଣ୍ଠି ମକଦମ ସାହି ନିବାସୀ ପ୍ରହ୍ଲାଦ ମହାନ୍ତିଙ୍କର ଆଜି ପୂର୍ବାହ୍ନ ସାଢେ ୧୧ଟା ବେଳେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ମୃତ୍ୟୁ ବେଳକୁ ପ୍ରହ୍ଲାଦଙ୍କୁ ୯୩ ବର୍ଷ ବୟସ ହୋଇଥିଲା । ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇବା କ୍ଷଣି ବହୁ ପୁରାତନ ଛାତ୍ର, ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ତାଙ୍କ ମର ଶରୀରର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### ଶାଳବଣୀରେ ମନରେଗା ରାସ୍ତା ନିର୍ମାଣକୁ ନେଇ ସଙ୍ଗୀନ ଅଭିଯୋଗ

# ମାଟି ବଦଳରେ ମୋରମ ପକାଇ ବିଲ୍ କରିବାକୁ ଚାଲିଛି ମସୁଧା

**୧୦ ଲକ୍ଷ ଟଙ୍କାର ପ୍ରକଳ୍ପକୁ ନେଇ ଉଠିଲା ପ୍ରଶ୍ନ, ତଦନ୍ତ ଦାବି**



ଆନନ୍ଦପୁର,୧୨।୧୦ (ସଂଚାର ବ୍ୟୁରୋ): ପୁଣି ଚର୍ଚ୍ଚାରେ ଶାଳବଣୀ ପଞ୍ଚାୟତରେ ମନରେଗା ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ। ରାସ୍ତା ନିର୍ମାଣରେ ନିୟମ ଉଲ୍ଲଂଘନ ହେଉଥିବା ନେଇ ଉଠିଛି ସଙ୍ଗିନ ଅଭିଯୋଗ। ମାଟି ପକାଇବା ପରିବର୍ତ୍ତେ ସିଧାସଳଖ ମରମ ପକାଯାଉଥିବା ବେଳେ ଏହାକୁ ନେଇ ଆନନ୍ଦପୁର ବ୍ଲକର ମନରେଗା ବିଭାଗର କାର୍ଯ୍ୟଶୈଳୀ ଓ ସ୍ୱଚ୍ଛତା ଉପରେ ଉଠିଛି ପ୍ରଶ୍ନ।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶାଳବଣୀ ଆର୍‌ଡି ରାସ୍ତାଠାରୁ ବେଲଦା କୋଲହ ସାହି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ମନରେଗା ଯୋଜନାରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ଚାଲିଛି। ଅଭିଯୋଗ ଅନୁସାରେ, ରାସ୍ତା ନିର୍ମାଣରେ ପ୍ରଥମେ ମାଟି ପକାଯାଇ ତା' ଉପରେ ମରମ ପକାଇବାର ବ୍ୟବସ୍ଥା ଥିବା ସତ୍ତ୍ୱେ ଏଠାରେ ମାଟି ପକା ନଯାଇ ସିଧାସଳଖ ମରମ ପକାଯାଉଛି। ଯଦି ଏହି ଅଭିଯୋଗ ସତ୍ୟ ହୁଏ, ତେବେ ଏହା ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଓ ନିୟମ ପାଳନକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି। ତେବେ ଏହି କାର୍ଯ୍ୟକୁ କେଉଁ ଅଧିକାରୀ ତଦାରଖ କରୁଛନ୍ତି? କେଉଁ ଯନ୍ତ୍ରୀଙ୍କ ଦାୟିତ୍ୱରେ ରହିଛି ନିର୍ମାଣ କାର୍ଯ୍ୟ? ମାଟି ନପକାଇ ମରମ ପକାଇ ବିଲ୍ ପ୍ରସ୍ତୁତ କରିବାକୁ କିଏ ଅନୁମତି ଦେଇଛନ୍ତି? ଏଭଳି ଅନିୟମିତତା ଅଭିଯୋଗ ସତ୍ତ୍ୱେ ସମ୍ପୃକ୍ତ ବିଭାଗ ପକ୍ଷରୁ କାହିଁକି ଯାଞ୍ଚ କରାଯାଉନାହିଁ? ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଶାଳବଣୀ ପଞ୍ଚାୟତରେ ମନରେଗା ଯୋଜନାରେ ବିଭିନ୍ନ କାର୍ଯ୍ୟକୁ ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଥିବା କୁହାଯାଉଛି। ଏହା ସତ୍ତ୍ୱେ ବ୍ଲକ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କେତେ ଗୁରୁତ୍ୱର ସହ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଯାଇଛି, ତାହାକୁ ନେଇ ଉଠିଛି ପ୍ରଶ୍ନ।

ଅନ୍ୟପକ୍ଷରେ, କିଛି ବ୍ୟକ୍ତି ସମ୍ପୃକ୍ତ ଯନ୍ତ୍ରୀଙ୍କ ସହ ମିଶି ବିଲ୍ ପ୍ରସ୍ତୁତ କରିବାକୁ ମସୁଧା ଚଳାଇଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ତେବେ ଏହି ଅଭିଯୋଗର ସତ୍ୟତା କେତେ, କେଉଁମାନେ ଏଥିରେ ସମ୍ପୃକ୍ତ ଏବଂ ନିର୍ମାଣ କାର୍ଯ୍ୟର ବାସ୍ତବ ସ୍ଥିତି କ'ଣ, ତାହା ନିରପେକ୍ଷ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ଏପରି ସ୍ଥିତିରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ନିର୍ମାଣର ମାନ, ବ୍ୟବହୃତ ସାମଗ୍ରୀ, ମାପ ଓ ବିଲ୍ ସମ୍ପର୍କିତ ରେକର୍ଡ ଯାଞ୍ଚ କରିବାକୁ ଦାବି ଉଠୁଛି।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଗଣ୍ଠିବାତ ଦିବସ ପାଳିତ




ଭୁବନେଶ୍ୱର,୧୨।୧୦ (ସଂଚାର ବ୍ୟୁରୋ): ଗଣ୍ଠିବାତ ସମସ୍ୟାରୁ ସୁସ୍ଥ ହେବା ସମ୍ଭବପର। ଏହା ଏକ ଜୀବନ ଶୈଳୀ ଜନିତ ବ୍ୟାଧି। ସଚେତନ ଓ ସତର୍କ ହେବା ସହ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ଏହି ରୋଗରୁ ମଣିଷ ସୁସ୍ଥ ହୋଇପାରିବ ବୋଲି ବିଶ୍ୱ ଗଣ୍ଠିବାତ ଦିବସ ପରିପ୍ରେକ୍ଷୀରେ ବିଶେଷଜ୍ଞ ମତ ରଖିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ୍ ୧ର କ୍ଲିନିକାଲ ଇମ୍ୟୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ ସୋମବାର ବିଶ୍ୱ ଗଣ୍ଠିବାତ ଦିବସ ଅବସରରେ ଆୟୋଜିତ ଏକ ସଚେତନତା ରାଲିରେ ଏଭଳି ବାର୍ତ୍ତା ପ୍ରଦାନ କରାଯାଇଛି।

ଏହି ବ୍ୟାଧି ନେଇ ଜନସାଧାରଣଙ୍କ ମଧ୍ୟରେ ଗଣ୍ଠିବାତ ସମ୍ପର୍କିତ ସଚେତନତା ସୃଷ୍ଟି ଏବଂ ରୋଗକୁ ଶୀଘ୍ର ଚିହ୍ନଟ କରି ଶୀଘ୍ର ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ ନେଇ ବିଶ୍ୱ ଗଣ୍ଠିବାତ ଦିବସ ପାଳନ ଉପଲକ୍ଷେ ସୋମବାର ମାଷ୍ଟରକ୍ୟାଂଟିନ୍‌ରୁ ରାମମନ୍ଦିର ପର୍ଯ୍ୟନ୍ତ ଏକ ୱାକାଥନ୍ ଆୟୋଜିତ ହୋଇଥିଲା।

ଏହି ଅବସରରେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗ ଦେଇ ଗଣ୍ଠିବାତ ରୋଗର ସମସ୍ୟା, ଏହାର ଚିକିତ୍ସା ଏବଂ ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଏହି ବ୍ୟାଧିରୁ ମୁକ୍ତି ପାଇବା ନିମନ୍ତେ ଉପଯୁକ୍ତ ଜୀବନ ଶୈଳୀ ଏବଂ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି ପରିପ୍ରେକ୍ଷୀରେ ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋ କହିଥିଲେ ଯେ ଏହି ସମସ୍ୟା କେବଳ ବୟସ୍କ ବ୍ୟକ୍ତିଙ୍କ ଠାରେ ଦେଖାଦିଏ ତାହା ନୁହେଁ ବରଂ ଶିଶୁ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ମଧ୍ୟ ଏହି ରୋଗ ଦେଖାଦେଇଥାଏ। ଏକ ଶହରୁ ଅଧିକ ପ୍ରକାରର ଗଣ୍ଠିବାତ ହୋଇଥାଏ। ତେବେ ଏହା ସଂକ୍ରାମକ ନୁହେଁ। ଏହାର ଚିକିତ୍ସା ସମ୍ଭବ। ସଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା କରାଗଲେ ରୋଗୀଟି ଯନ୍ତ୍ରଣା ଓ ଅକର୍ମଣ୍ୟତାରୁ ମୁକ୍ତ ହୋଇଥାଏ ବୋଲି ସେ କହିଥିଲେ।

ଏହି ସଚେତନତା ରାଲିରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ରଙ୍କ ସମେତ ଡାକ୍ତର, ନର୍ସ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ।

## କଂଗ୍ରେସ କାର୍ଯ୍ୟାଳୟ ଘେରିଲା ବିଜେପି ମହିଳା ମୋର୍ଚ୍ଚା



ଫୁଲବାଣୀ,୧୨।୧୦ (ସଂଚାର ବ୍ୟୁରୋ): କନ୍ଧମାଳ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଉର୍ବଶୀ ଦିଗାଲଙ୍କ ନେତୃତ୍ୱରେ ଫୁଲବାଣୀ କଂଗ୍ରେସ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। କଂଗ୍ରେସ ସାଂସଦ ଅଙ୍ଗୋମିଚା ବିମଲ ଏକୋଇଜାମ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଅନେକ ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦେବାପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇଥିବା ବେଳେ ଏନେଇ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀ ଚୁପ ବସିଥିବା ଅଭିଯୋଗ କରିଛି ମହିଳା ମୋର୍ଚ୍ଚା।

ଏନେଇ ଗୋପବନ୍ଧୁ ଛକରୁ ଏକ ରାଲିରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଯାଇ ନାରାବାଜି ସହ ରାହୁଲ ଗାନ୍ଧୀ ଓ ଅଙ୍ଗୋମିଚା ବିମଲଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଗୀତାଞ୍ଜଳି ନାୟକ, ଜିଲ୍ଲା ଉପ ସଭାନେତ୍ରୀ ଅର୍ପିନା କହଁର, ଜିଲ୍ଲା ଉପ ସଭାନେତ୍ରୀ ରାଜକୁମାରୀ ସାହାଣୀ, ସମ୍ପାଦିକା ନମିତା ପାଢ଼ୀ, ବିଜେପି ଉପ ସଭାନେତ୍ରୀ ନମିତା ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟା ରଚନା ପ୍ରଧାନ,ଜିଲ୍ଲା ସମ୍ପାଦିକା ପୁଷ୍ପାଞ୍ଜଳି ତ୍ରିପାଠୀଙ୍କ ସହ ଜିଲ୍ଲାର ବହୁ ମଣ୍ଡଳ ସଭାନେତ୍ରୀ ଏବଂ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଡେଙ୍ଗପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ 'ରକ୍ତଦାନ ଶିବିର'




ବୋରିଗୁମ୍ମା,୧୨।୧୦ (ସଂଚାର ବ୍ୟୁରୋ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ସାରା ଓଡ଼ିଶାରେ ୨୧ ସେପ୍ଟେମ୍ବରରୁ ୨୧ ଅକ୍ଟୋବର ମାସରେ 'ସେବା ସଙ୍କଳ୍ପ' ଅଭିଯାନ ଜାରି ରହିଅଛି। ଏହି ଅବସରରେ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଡେଙ୍ଗପଦର୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଜି 'ସେବା ସଙ୍କଳ୍ପ' କାର୍ଯ୍ୟକ୍ରମ ମାଧ୍ୟମ ରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏହି ରକ୍ତଦାନ ଶିବିରରେ ସମୁଦାୟ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀ ସୂଚନା ଦେଇଛନ୍ତି।

ସୂଚନା ଥାଉ କି ଗତ ୮ ତାରିଖ ଗୁରୁବାର ଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୋରିଗୁମ୍ମା ତରଫରୁ ସେବା ସଙ୍କଳ୍ପ ଅଭିଯାନ ମାଧ୍ୟମରେ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇ ସ୍ୱଚ୍ଛ ଭାରତ ଅଭିଯାନ ଓ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ କରାଯାଇଥିଲା। ରକ୍ତ ଦାନ ଶିବିରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଚିନ୍ମୟ ପ୍ରଧାନଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

### ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ହକ ପାଇଁ ଖୋର୍ଦ୍ଧାରେ ଗର୍ଜିଲା ସଂଘ

## ୧୦ ଦଫା ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଖୋର୍ଦ୍ଧା,୧୨।୧୦ (ସଂଚାର ବ୍ୟୁରୋ): ଶିଶୁଙ୍କ ପୁଷ୍ଟିସାଧନ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ଯତ୍ନ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ସହ ଗ୍ରାମାଞ୍ଚଳରେ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟଣରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତୃଣମୂଳ ସ୍ତରରେ ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମରେ ସେମାନେ ନିରନ୍ତର ନିୟୋଜିତ ରହୁଥିବା ବେଳେ ନିଜର ମାନଧନ, ଚାକିରିର ସୁରକ୍ଷା, ପଦୋନ୍ନତି ଓ ବକେୟା ପ୍ରାପ୍ୟକୁ ନେଇ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାଗୁଡ଼ିକର ସମାଧାନ ଓ ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ସୋମବାର ଖୋର୍ଦ୍ଧାରେ ରାସ୍ତାକୁ ଓହ୍ଲାଇଛନ୍ତି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ।

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଅନୁବନ୍ଧିତ ଅଲ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ ୱାର୍କର୍ସ ଆସୋସିଏସନର ରାଜ୍ୟ କାର୍ଯ୍ୟସମିତିର ନିଷ୍ପତ୍ତିକ୍ରମେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ବିକ୍ଷୋଭ ଓ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଓ ସହାୟିକା ଏଥିରେ ଯୋଗଦେଇ ସଂଘର ୧୦ ଦଫା ଦାବିକୁ ତୁରନ୍ତ ପୂରଣ କରିବାକୁ ଦାବି ଜଣାଇଥିଲେ।

ଏହି ଆନ୍ଦୋଳନ ମାଧ୍ୟମରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଆର୍ଥିକ ସୁରକ୍ଷା, ସାମାଜିକ ସମ୍ମାନ ଏବଂ ଚାକିରି କ୍ଷେତ୍ରରେ ଥିବା ଅନିଶ୍ଚିତତାର ଅବସାନ ପାଇଁ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

## ୧୦ ଦଫା ଦାବିରେ ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା



**ସରକାରୀ କର୍ମଚାରୀ ମାନ୍ୟତା ସହ ବର୍ଦ୍ଧିତ ପାରିଶ୍ରମିକ ଦାବି**

**ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ**

କୋରାପୁଟ,୧୨।୧୦ (ସଂଚାର ବ୍ୟୁରୋ): ନିଜର ନ୍ୟାଯ୍ୟ ଅଧିକାର ଓ ଦୀର୍ଘଦିନର ଦାବି ପୂରଣ ପାଇଁ ଏକାଠି ହୋଇ ନିଜ ସ୍ୱର ଉଠାଇଲେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା। ୧୦ ଦଫା ଦାବିରେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ସମାବେଶ କରିବା ସହ ରାଲି ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଶତାଧିକ କର୍ମୀ ଓ ସହାୟିକା। ସେମାନଙ୍କ ଦାବି କେବଳ ଆଶ୍ୱାସନ ନୁହେଁ, ଏବେ ଆବଶ୍ୟକ ଠୋସ୍ ପଦକ୍ଷେପ। ଏହି ଦାବିଗୁଡ଼ିକର ତୁରନ୍ତ ସମାଧାନ ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର ଦାବିପତ୍ରଟି ଗ୍ରହଣ କରିଥିଲେ।

ଏହି ଆନ୍ଦୋଳନର ମୁଖ୍ୟ ଦାବି ମଧ୍ୟରେ ରହିଛି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ। ଏହି ମାନ୍ୟତା ମିଳିବା ପର୍ଯ୍ୟନ୍ତ କର୍ମୀଙ୍କୁ ମାସିକ ୩୦ ହଜାର ଟଙ୍କା ଏବଂ ସହାୟିକାଙ୍କୁ ୧୫ ହଜାର ଟଙ୍କା ପାରିଶ୍ରମିକ ଦେବାକୁ ଦାବି କରିଛି ସଂଘ। ଏତିକିରେ ସୀମିତ ନୁହେଁ ଦାବିର ତାଲିକା। ବକେୟା ୟୁନିଫର୍ମ ରାଶିର ତୁରନ୍ତ ପ୍ରଦାନ, ସୁପରଭାଇଜର ପଦୋନ୍ନତି ପ୍ରକ୍ରିୟାକୁ ପ୍ରତିବର୍ଷ ନିୟମିତ କରିବା ଏବଂ ୫୫ ବର୍ଷ ବୟସରେ କାର୍ଯ୍ୟଦକ୍ଷତା ସମୀକ୍ଷା ସମ୍ପର୍କିତ ନିୟମର ପୁନର୍ବିଚାର କରିବା ଭଳି ଅନେକ ପ୍ରସଙ୍ଗ ଉଠାଇଛନ୍ତି ଆନ୍ଦୋଳନକାରୀ।

ସଂଘର ସଭାନେତ୍ରୀ ସଂଯୁକ୍ତା ସାହୁ କହିଛନ୍ତି, ଦୀର୍ଘଦିନ ଧରି କର୍ମୀ ଓ ସହାୟିକାମାନେ ନିଜର ଦାବି ଜଣାଇ ଆସୁଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ତେଣୁ ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମାବେଶରେ ଭାରତୀୟ ମଜଦୂର ସଂଘର ସଭାପତି ବିରଞ୍ଚି ନାରାୟଣ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀ ହୋତାଙ୍କ ସମେତ ହଜାର ହଜାର କର୍ମୀ ଓ ସହାୟିକା ସାମିଲ ହୋଇଥିଲେ।

### ଜେଏନ୍‌ୟୁରେ ଛାତ୍ରୀଙ୍କ ପ୍ରତି ଯୌନ ନିର୍ଯାତନା ପ୍ରସଙ୍ଗ

## ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ



ସୁନ୍ଦରଗଡ଼,୧୨।୧୦ (ସଂଚାର ବ୍ୟୁରୋ): ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟର ୧୧ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଉଠିଥିବା ଅଭିଯୋଗ ପ୍ରସଙ୍ଗରେ ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ସୁନ୍ଦରଗଡ଼ ସହରରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ଅଟଳ ଛକଠାରୁ ଡିଆରଡିଏ ଛକ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆୟୋଜନ କରାଯିବା ସହ ଡିଆରଡିଏ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମଣିପୁରର କଂଗ୍ରେସ ସାଂସଦ ତଥା ଜେଏନ୍‌ୟୁ ପ୍ରଫେସର ଆଙ୍ଗୋମଚା ବିମଲ ଅକୋଇଜାମ ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରତିବାଦ ଜଣାଇ ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏବଂ ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଉପସ୍ଥିତ ରହି ପ୍ରତିବାଦରେ ସାମିଲ ହୋଇ ଥିଲେ। ଏଥିସହ ଜିଲ୍ଲା ଉପ ସଭାନେତ୍ରୀ ଶକୁନ୍ତଳା କାଲୋ, ଜିଲ୍ଲା ସମ୍ପାଦିକା ଶ୍ରୀମତୀ ମିନତୀ ପୁରୋହିତ, ମଞ୍ଜୁ ଲାକ୍ରା, ଦୋଳରସା ଗୁଡ଼ିଆ, ରୁବିରାଣୀ ପଟେଲ, ମହିଳା ନେତ୍ରୀ ଅଞ୍ଜନା ପଟେଲ, ମୀନା ନାଏକ, ହିମାନୀ ପାଢ଼ୀ, ଗାୟତ୍ରୀ ଶର୍ମା, ମୋନାଲିସା ପଣ୍ଡା, ଅନୁପମା ଟପ୍ପୋ, ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି ଉଚ୍ଛବ ତନ୍ତୀ, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ବିମଳ ପଟେଲଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## କଂଗ୍ରେସ ଭବନ ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ



ମାଲକାନଗିରି,୧୨।୧୦ (ସଂଚାର ବ୍ୟୁରୋ): ମହିଳାଙ୍କ ପ୍ରତି କଂଗ୍ରେସ ନେତାଙ୍କ ଆପତ୍ତିଜନକ ମନ୍ତବ୍ୟ ଓ ମହିଳା ନିର୍ଯାତନା ପ୍ରସଙ୍ଗକୁ ନେଇ ମାଲକାନଗିରି ଜିଲ୍ଲା କଂଗ୍ରେସ ଭବନ ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭରେ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ସାମିଲ ହୋଇ ପ୍ଲାକାର୍ଡ ଧରି କଂଗ୍ରେସ ବିରୋଧୀ ସ୍ଲୋଗାନ ଦେଇଥିଲେ। ମହିଳାଙ୍କ ପ୍ରତି ଅସମ୍ମାନଜନକ ମନ୍ତବ୍ୟ ଓ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟକୁ ନେଇ ବିକ୍ଷୋଭକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ମହିଳା ମୋର୍ଚ୍ଚା ସଭାନେତ୍ରୀ କହିଥିଲେ ଯେ, କଂଗ୍ରେସ ନେତାମାନଙ୍କ ଏଭଳି ମନ୍ତବ୍ୟ ମହିଳା ସମାଜ ପ୍ରତି ଅସମ୍ମାନ। ଏଥିପାଇଁ କଂଗ୍ରେସ ନେତୃତ୍ୱ ସମଗ୍ର ମହିଳା ସମାଜ ନିକଟରେ କ୍ଷମା ମାଗିବା ଉଚିତ ବୋଲି ସେ ଦାବି କରିଥିଲେ। ବିକ୍ଷୋଭରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ବେଣୀ କାର୍ତ୍ତୁଲ୍, ଜିଲ୍ଲା ସମ୍ପାଦିକା ସବିତା ମିଶ୍ର, ପ୍ରମିଳା ଦାସ, ସୌଦାମିନୀ ଆଚାର୍ଯ୍ୟଙ୍କ ସମେତ ବହୁ ମହିଳା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନବରାତ୍ର ଦ୍ୱିତୀୟ ଦିନରେ କଳାକଳି ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

କାକଟପୁର/ଅସ୍ତରଙ୍ଗ,୧୨।୧୦ (ସଂଚାର ବ୍ୟୁରୋ): ନବରାତ୍ର ଦ୍ୱିତୀୟ ଦିନରେ ମା' ମଙ୍ଗଳା କଳାକଳି ବେଶରେ ଦର୍ଶନ ଦେଲେ। ପୁରୀ ଜିଲ୍ଲା କାକଟପୁର ମା' ମଙ୍ଗଳା ମନ୍ଦିରରେ ଖୋଲିଲା ବେଶ କବାଟ। କଳା ଶାଢ଼ୀରେ ମା'ଙ୍କ ଅପରୂପ ଶୋଭା ଦେଖି ବିଭୋର ଭକ୍ତ। ଶକ୍ତି ଆରାଧନାର ମହାପର୍ବ ଶାରଦୀୟ ନବରାତ୍ରର ଦ୍ୱିତୀୟ ରାତିର ଏ ଦିବ୍ୟ ଦୃଶ୍ୟ ଏବେ ସାରା ପୁରୀ ଜିଲ୍ଲାରେ ଚର୍ଚ୍ଚା।

ପ୍ରାଚୀ ତଟର ଶକ୍ତିପୀଠ, ପୁରୀର ଅଧିଷ୍ଠାତ୍ରୀ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପୀଠରେ ଆରମ୍ଭ ହୋଇଛି ନଅ ଦିନର ମହାଯଜ୍ଞ। ଦ୍ୱିତୀୟ ଦିନ - ମା' ବ୍ରହ୍ମଚାରିଣୀ ରୂପ। ବ୍ରାହ୍ମ ମୁହୂର୍ତ୍ତରୁ ଶଙ୍ଖ, ଘଣ୍ଟ, ମୃଦଙ୍ଗ ଧ୍ୱନୀରେ କମ୍ପିଲା ମଙ୍ଗଳା ପୀଠ। ମଙ୍ଗଳ ଆଳତି, ଅବକାଶ, ମଇଲମ, ବଲ୍ଲଭ, ସକାଳ ଧୂପ ପରେ ଖୋଲିଲା ସିଂହଦ୍ୱାର। ହଜାର ହଜାର ଶ୍ରଦ୍ଧାଳୁଙ୍କ ଜୟ ମା' ମଙ୍ଗଳା ଧ୍ୱନୀ। ଗର୍ଭଗୃହରେ ଚଣ୍ଡୀପାଠ। ଭକ୍ତ ଜାଳୁଛନ୍ତି ଅଖଣ୍ଡ ଦୀପ। ବିଶ୍ୱାସ - ନବରାତ୍ରରେ ଦୀପ ଜାଳିଲେ ମନସ୍କାମନା ପୂର୍ଣ୍ଣ ହୁଏ।

ରାତି ୯ଟା। ପୀଠର ସବୁଠୁ ବଡ ଆକର୍ଷଣ- ମହିଷାସୁର ସନ୍ଧାନ ଲୀଳା। ଦ୍ୱିତୀୟ ଦିନରେ ମା' ସ୍ୱତନ୍ତ୍ର ବିମାନରେ ବସି ରତ୍ନବେଦୀକୁ ବିଜେ କଲେ। ପୁରାଣ କୁହେ - ବଧ ପୂର୍ବରୁ ମା' ଅସୁରକୁ ସନ୍ଧାନ କରନ୍ତି। ସେହି ଲୀଳା ଦେଖିବାକୁ ଲକ୍ଷାଧିକ ଭକ୍ତଙ୍କ ଭିଡ। ତା' ପରେ ଜଗମୋହନରେ ମା' ଦୁର୍ଗା ଓ ମା' ମଙ୍ଗଳାଙ୍କ ଦିବ୍ୟ ଭେଟ - ଅଲୌକିକ ଦୃଶ୍ୟ।ଭେଟ ନୀତି ସରିଲା ପରେ ରାତି ୧୦ଟାରେ ଖୋଲିଲା ବେଶ କବାଟ। ମା' କଳାକଳି ବେଶରେ ଦର୍ଶନ ଦେଲେ। ଏହି ବେଶରେ ମା'ଙ୍କ ପାଦ ପଦ୍ମ ଓ ଚାରି ଭୁଜ ସମ୍ପୂର୍ଣ୍ଣ ଦର୍ଶନ ହୁଏ। ବର୍ଷର ୩୫୬ ଦିନ ମା' ପାଟବସ୍ତ୍ରରେ ଘୋଡା ହୋଇ ରୁହନ୍ତି, କେବଳ ନବରାତ୍ରର ନଅ ଦିନ ହିଁ ଏ ଭାଗ୍ୟ ମିଳେ। କୁହାଯାଏ - ଏ ବେଶ ଦର୍ଶନ କଲେ ଜନ୍ମ ଜନ୍ମର ପାପ କ୍ଷୟ ହୁଏ। ନଅ ଦିନ ନଅ ବେଶ। କଳାକଳି ବେଶ ଦେଖିବାକୁ ହଜାର ଭକ୍ତ କାକଟପୁର ମୁହାଁ। ଆଜି ତୃତୀୟ ଦିନ ବିଳମ୍ବିତ ରାତ୍ରରେ ମା' ନାଳିକଳି ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ପ୍ରଶାସନ ସୂଚନା ଦେଇଛି।

**ଆଜି ତୃତୀୟ ଦିନ ବିଳମ୍ବିତ ରାତ୍ରରେ ହେବ ନାଳିକଳି ବେଶ**



## ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ହିଞ୍ଜିଳିକାଟୁ,୧୨।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ସହରରେ କିଛି ଦିନ ହେବ ଲଗାତର ଅଘୋଷିତ ବିଦ୍ୟୁତ୍ ବିଭ୍ରାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି | ମରାମତି ଓ ରକ୍ଷଣାବେକ୍ଷଣ ଆଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ କରାଯାଉଛି | ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସ୍ଥାନୀୟ ଡାକ୍ତରଖାନା, ବ୍ୟାଙ୍କ, କଲେଜ, ହାଇସ୍କୁଲ, ସରକାରୀ-ବେସରକାରୀ କାର୍ଯ୍ୟାଳୟ ଓ ବ୍ୟବସାୟୀ ପ୍ରଭାବିତ ହେଉଛନ୍ତି। ବିଶେଷ କରି ରୋଗୀ, ନବଜାତ ଶିଶୁ ଓ ବୃଦ୍ଧବୃଦ୍ଧାମାନେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଉପଭୋକ୍ତାମାନେ ନିୟମିତ ବିଲ୍ ପରିଶୋଧ କରୁଥିଲେ ହେଁ ସେବା ନାଁରେ କେବଳ ହଇରାଣ ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି | ତୁରନ୍ତ ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଟାଟା କାର୍ଯ୍ୟାଳୟ ଘେରାଉ କରାଯିବ ନେଇ ବିକାଶ ମଞ୍ଚ ସଭାପତି ପ୍ରମୋଦ କୁମାର ପଣ୍ଡା କହିଛନ୍ତି |

### ‘ପ୍ରତିହାରୀ ନିଯୋଗ’ର ‘ସମର୍ପଣ-ସେବା ଓ ସେବକ ସମ୍ମାନ-୨୦୨୬’ ସମାରୋହ

# ଜଗନ୍ନାଥ ସଂସ୍କୃତି ଜୀବନର ସର୍ବୋଚ୍ଚ ସମର୍ପଣଃ ଧର୍ମେନ୍ଦ୍ର



ପୁରୀ,୧୨।୧୦(ସଂଚାର ବ୍ୟୁରୋ)ଃ ଜଗନ୍ନାଥ ସଂସ୍କୃତି କହିଲେ କେବଳ ଆଚାର-ବିଚାର କିମ୍ବା ପୂଜା-ପଦ୍ଧତିକୁ ବୁଝାଏ ନାହିଁ। ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ଜୀବନ୍ତ ନିଦର୍ଶନ। ସୋମବାର ଏଠାରେ ଶ୍ରୀମନ୍ଦିରର ଅନନ୍ୟ ସେବକ ସଂଘ ‘ପ୍ରତିହାରୀ ନିଯୋଗ’ ପକ୍ଷରୁ ଆୟୋଜିତ ‘ସମର୍ପଣ- ସେବା ଓ ସେବକ ସମ୍ମାନ-୨୦୨୬’ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଶ୍ରୀମନ୍ଦିରର ସେବା ପଦ୍ଧତିରେ ଛତିଶା ନିଯୋଗର ଏକ ବିଶେଷ ଓ ଅନନ୍ୟ ମହତ୍ତ୍ୱ ରହିଛି। କିନ୍ତୁ ସେହି ସମସ୍ତ ସେବକ ସମ୍ପ୍ରଦାୟ ମଧ୍ୟରେ ‘ପ୍ରତିହାରୀ ନିଯୋଗ’ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସ୍ୱତନ୍ତ୍ର ଓ ମହାନ। ‘ପ୍ରତିହାରୀ’ ଶବ୍ଦଟି ମଧ୍ୟରେ ହିଁ ସୁରକ୍ଷା, ସମର୍ପଣ, ଅନୁଶାସନ ଓ ନିଷ୍ଠାର ଭାବ ଭରି ରହିଛି। ଶ୍ରୀମନ୍ଦିରର ଶ୍ରୀଅଙ୍ଗ ରକ୍ଷା, ଦ୍ୱାର ସୁରକ୍ଷା, ନୀତିକାନ୍ତିକୁ ସୁଚାରୁ ରୂପେ ପରିଚାଳିତ କରିବା ଏବଂ କୋଟି କୋଟି ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାରେ ପ୍ରତିହାରୀ ସେବକମାନେ ଦିନରାତି ନିଜକୁ ନିୟୋଜିତ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଆଜିର ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଶ୍ରୀମନ୍ଦିରର ସହସ୍ର ବର୍ଷର ନିଷ୍ଠାପର ସେବା ପରମ୍ପରା, ଭକ୍ତି, ତ୍ୟାଗ ଓ ଶୃଙ୍ଖଳାର ଏକ ମହାନ ସଂସ୍କୃତିକୁ ପ୍ରଣାମ ଜଣାଇବାର ଏକ ଦିବ୍ୟ ଅବସର।

ସେ ଆହୁରି କହିଛନ୍ତି ଯେ ମହାପ୍ରଭୁଙ୍କ ମନ୍ଦିର ଭିତରେ ଯେଉଁ ଲୋକ ସମର୍ପଣ ଓ ଲୋକ ସମାବେଶ ତିଆରି ହୁଏ, ସେଭଳି ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ଭଗବାନଙ୍କ ପାଖରେ କୌଣସି ବିଭେଦ ନାହିଁ ଏବଂ କୌଣସି ବିଭାଜନ ନାହିଁ। ପୁରୀ କେବଳ ଏକ ମନ୍ଦିର ନୁହେଁ, ପୁରୀ ହେଉଛି ମାନବ ଚେତନାର ଏକ ଅନନ୍ୟ କେନ୍ଦ୍ର। ପୁରୀକୁ ମନୁଷ୍ୟର ଆବଶ୍ୟକତା ଅଛି ଶାନ୍ତି, ପରସ୍ପରକୁ ଭଲ ପାଇବା ଏବଂ ବିଶ୍ୱାସ କରିବା - ଏ ସବୁର ପ୍ରୟୋଗଶାଳା ହେଲା ଆମ ପୁରୀ। ମହାପ୍ରଭୁଙ୍କର ଲୀଳା ଓ ଶୂନ୍ୟ ବ୍ରହ୍ମର କଳ୍ପନା ସମଗ୍ର ବିଶ୍ୱକୁ ପ୍ରେରିତ କରୁଛି। ଇତିହାସରେ ଗୁରୁ ନାନକ ଦେବ ଏବଂ ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ସନ୍ଥ ଓ ଭକ୍ତମାନେ ଆସିଛନ୍ତି। ଓଡ଼ିଶାରେ ଗ୍ୟାସ୍‌ଭିତ୍ତିକ ଅର୍ଥନୀତି ଏବଂ ମହାପ୍ରଭୁଙ୍କ କୃପାରୁ ପୁରୀ-କୋଣାର୍କ ସମୁଦ୍ରର ଅନତି ଦୂରରେ ବଡ଼ଧରଣର ଗ୍ୟାସ୍ ଭଣ୍ଡାରର ସମ୍ଭାବନା ଓଡ଼ିଶାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

### ପୂଜା ପାଇଁ ‘ଗ୍ରାଉଣ୍ଡ ଭଡ଼ା’ ସମ୍ପୂର୍ଣ୍ଣ ଛାଡ଼

## ପାରମ୍ପରିକ ଅନୁକୂଳ ନିଷ୍ପତ୍ତି ପୂଜାପାର୍ବଣକୁ ଉତ୍ସାହିତ କରିବଃ ବାବୁ ସିଂ



ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲେ

ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ)ଃ ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇସାରିଛି। ସାର୍ବଜନୀନ ଦୁର୍ଗା ପୂଜାଠାରୁ ଆରମ୍ଭ କରି ଗଜଲକ୍ଷ୍ମୀ ପୂଜା, କାଳି ପୂଜା ପର୍ଯ୍ୟନ୍ତ ରାଜଧାନୀରେ ବିଭିନ୍ନ କମିଟି ମାଧ୍ୟମରେ ପୂଜାନୁଷ୍ଠାନଗୁଡ଼ିକରେ ପୂଜା ଆୟୋଜନ କରାଯିବ। ପାର୍ବଣ ଋତୁରେ ଭୁବନେଶ୍ୱରବାସୀ ଓ ପୂଜା କମିଟିଗୁଡ଼ିକ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଅଧୀନ ଅଞ୍ଚଳରେ ଆସନ୍ତା ୧୭ରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣରେ ପୂଜା ଉତ୍ସବ ଆୟୋଜନ କରୁଥିବା ପୂଜା କମିଟିଗୁଡ଼ିକ ପାଇଁ ‘ଗ୍ରାଉଣ୍ଡ ଭଡ଼ା’ ସମ୍ପୂର୍ଣ୍ଣ ଛାଡ଼ କରାଯିବା ନେଇ ଘୋଷଣା କରାଯାଇଛି। ପୂର୍ବରୁ ବିଭିନ୍ନ ପୂଜା ମଣ୍ଡପ ଓ କମିଟିକୁ ୧୦ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ‘ଗ୍ରାଉଣ୍ଡ ଭଡ଼ା’ ଦେବାକୁ ପଡୁଥିଲା। ଏବେ ଏହି ଭଡ଼ା ସମ୍ପୂର୍ଣ୍ଣ ଛାଡ଼ ହେବା ଫଳରେ ପୂଜା କମିଟିଗୁଡ଼ିକ ଉପରୁ ବିପୁଳ ଆର୍ଥିକ ବୋଝ ହ୍ରାସ ପାଇଛି, ଯାହା ଫଳରେ ସେମାନେ ଆହୁରି ଉତ୍ସାହର ସହ ପାର୍ବଣ ଆୟୋଜନ କରିପାରିବେ। ରାଜ୍ୟ ସରକାରଙ୍କ ଏହି ସାଂସ୍କୃତିକ ଓ ପାରମ୍ପରିକ ଅନୁକୂଳ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ପକ୍ଷରୁ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

## ବିଲକୁ ଯାଇ ଘରକୁ ଫେରି ନ ଥିଲେ ଯୁବକ

### ଆଜି ମିଳିଲା ମୃତଦେହ, ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



ପାଟଣାଗଡ଼,୧୨।୧୦(ସଂଚାର ବ୍ୟୁରୋ)ଃ ବଲାଙ୍ଗୀର ଜିଲା ଲଉମ୍ରା ଥାନା ଅନ୍ତର୍ଗତ ଗୋଏଲପିଟା ଗାଁର ଜାମଜୋର ନଦୀ ପାର୍ଶ୍ୱରୁ ଆଜି ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣଙ୍କ ହେଲେ ଉକ୍ତ ଗାଁର ନିମାଇଁ ବରିହା (୩୫)। ତାଙ୍କ ମୃତ୍ୟୁକୁ ନେଇ ପରିବାରବର୍ଗ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଘଟଣାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଲଉମ୍ରା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ନିମାଇଁ ଗତକାଲି ସକାଳେ ନିଜ ବିଲକୁ ଯାଇଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ। କିନ୍ତୁ ସେମାନେ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। କିନ୍ତୁ ଆଜି ସକାଳେ ଗାଁଠାରୁ ଅଳ୍ପ ଦୂରରେ ଥିବା ଜାମଜୋର ନଦୀ ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଲଉମ୍ରା ପୁଲିସକୁ ସୂଚନା ଦେଇଥିଲେ। ପରେ ମୃତକଙ୍କ ପରିଚୟ ମିଳିଥିଲା ଓ ସେ ନିମାଇଁ ବରିହା ବୋଲି ଜଣାପଡ଼ିଥିଲା। ଖବର ପାଇ ଲଉମ୍ରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ନିମାଇଙ୍କ ମୃତ୍ୟୁ କେଉଁ ପରିସ୍ଥିତିରେ ଓ କିପରି ଘଟିଛି, ସେନେଇ ଏଯାଏଁ କୌଣସି ସ୍ପଷ୍ଟ ତଥ୍ୟ ମିଳିନାହିଁ। ପରିବାରବର୍ଗ ଏହାକୁ ହତ୍ୟା ବୋଲି ଅଭିଯୋଗ କରୁଥିବା ବେଳେ ପୁଲିସ ପକ୍ଷରୁ ମୃତ୍ୟୁର କାରଣ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇନାହିଁ।

## ଗୋଷ୍ଠୀ ସଂଘର୍ଷରେ ୨ ଯୁବକ ଗୁରୁତର

ପୁରୁଷୋତ୍ତମପୁର,୧୨।୧୦(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ମଧୁପଲ୍ଲୀ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ। ଏଥିରେ ଦୁଇ ଜଣ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଯୁବକଦ୍ୱୟ ହେଲେ ଗ୍ରାମର ବାଳକୃଷ୍ଣ ପ୍ରଧାନ ଓ କାହ୍ନୁ ପ୍ରଧାନ। ଉଭୟ ଗୋଟିଏ ପକ୍ଷର ହୋଇଥିବା ଜଣାପଡ଼ିଛି। ସୁନାରିବୁଗୁଡ଼ା ଛକରେ ପୂର୍ବ ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ଗଣ୍ଡଗୋଳ ହୋଇଥିଲା। ଏହାପରେ ଅଭିଯୋଗ କରିବା ପାଇଁ ଉଭୟ ପକ୍ଷ ପୋଲସରା ଥାନାରେ ପହଞ୍ଚିଥିଲେ। ଥାନାରେ ଆଲୋଚନା ଚାଲିଥିବା ସମୟରେ ବିବାଦ ପୁଣି ଉଗ୍ର ରୂପ ନେଇଥିଲା। ଥାନାରୁ ଫେରିବା ପରେ ଗ୍ରାମରେ ଦୁଇ ଯୁବକଙ୍କ ଉପରେ ଆକ୍ରମଣ ହୋଇଥିଲା। ଗୁରୁତର ଦୁଇ ଯୁବକଙ୍କୁ ପ୍ରଥମେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖବର ପାଇ ପୁଲିସ ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି।

## ବୋହୂ ଦେହରେ ନିଆଁ ଲଗାଇଦେଲା ଶ୍ୱଶୁର

● ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

କୋକସରା,୧୨।୧୦(ସଂଚାର ବ୍ୟୁରୋ)ଃ ଯୌତୁକ ଲୋଭରେ ବୋହୂ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲା ଶ୍ୱଶୁର। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଅନ୍ତର୍ଗତ ଗୋତମୁଣ୍ଡା ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆମପାଣି ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ୨୦୨୧ରେ ବିବାହ ପରଠାରୁ ଯୌତୁକକୁ ନେଇ ଗୀତାଞ୍ଜଳିଙ୍କୁ ତାଙ୍କୁ ଶାଶୂଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଗତକାଲି ସନ୍ଧ୍ୟାରେ ତାଙ୍କ ଶ୍ୱଶୁର ଗୀତାଞ୍ଜଳିଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଗଡ଼ ଡାକ୍ତରଖାନା ଓ ପରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଗୀତାଞ୍ଜଳିଙ୍କ ବାପା ଆମପାଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ଜୁଆ ଆଡ୍ଡାରେ ରେଡ୍, ୭୦ ଗିରଫ

### ୧୨ ଲକ୍ଷ ଟଙ୍କା ସହ ୯ କାର୍ ଓ ୧୨ ବାଇକ୍ ଜବତ



ପାରଳାଖେମୁଣ୍ଡି,୧୨।୧୦(ସଂଚାର ବ୍ୟୁରୋ)ଃ ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଉପକଣ୍ଠ ଦେବିତି ଗାଁରେ ଚାଲିଥିଲା ଏକ ବଡ଼ଧରଣର ଜୁଆ ଆଡ୍ଡା। କେବଳ ପାରଳା ସହର ନୁହେଁ, ଗଜପତି ଜିଲ୍ଲା ଓ ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଆସି ଲୋକମାନେ ଏଥିରେ ସାମିଲ ହେଉଥିଲେ। ଏହାର ସୂଚନା ପାଇ ରବିବାର ସନ୍ଧ୍ୟାରେ ପୁଲିସ ଜୁଆଖେଳ ଉପରେ ଚଢ଼ାଉ କରିଛି। ଜୟ ମାତାଜୀ କଲ୍ୟାଣ ମଣ୍ଡପରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ପ୍ରଶାନ୍ତ ଭୂପତି, କାଶୀନଗର ଥାନାଧିକାରୀ ତ୍ରିନାଥ ସେଠୀ ଓ ଗାରାବନ୍ଧ ଥାନାଧିକାରୀ ପ୍ରଶାନ୍ତ ନିଶିକାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ାଉ କରିଥିଲା। ପୁଲିସ ସେଠାରୁ ୭୦ ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ନଗଦ ୧୨ ଲକ୍ଷ ୩ ହଜାର ଟଙ୍କା, ୯ଟି କାର୍, ୧୨ଟି ବାଇକ୍, ୬୦ଟି ମୋବାଇଲ୍ ଫୋନ୍ ଜବତ କରିଛି। ବିପୁଳ ପରିମାଣର ତାସ୍ ପ୍ୟାକେଟ୍, ପାଣି ବୋତଲ ସେଠାରୁ ମିଳିଥିଲା। ଧରାପଡ଼ିଥିବା ବ୍ୟକ୍ତିମାନଙ୍କ ବିରୋଧରେ ତଦନ୍ତ ପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ଓ ଆବଶ୍ୟକ ସ୍ଥଳେ ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି କହିଛନ୍ତି ଆଦର୍ଶ ଥାନାଧିକାରୀ। ଧରାପଡ଼ିଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ୫୦ ଜଣ ଆନ୍ଧ୍ର ପ୍ରଦେଶର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେ ଜଣ ସରକାରୀ ଚାକିରି ମଧ୍ୟ କରୁଥିବା ଆଲୋଚନା ହେଉଛି।

## ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ନବରଙ୍ଗପୁର, ୧୨।୧୦ (ସଂଚାର ବ୍ୟୁରୋ)ଃ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଚାରପତି ବାସୁଦେବ ଆଚାର୍ଯ୍ୟ ଏକ ଦୁଷ୍କର୍ମ ଘଟଣାର ବିଚାର କରି ଅଭିଯୁକ୍ତ ଡେଭିଡ ଗରଡ଼ାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସୂଚନାନୁଯାୟୀ ,ନବରଙ୍ଗପୁର ଥାନା ଅନ୍ତର୍ଗତ ନବରଙ୍ଗପୁର ସହରର ପୀଡ଼ିତା ଗତବର୍ଷ ଅକ୍ଟୋବର ୩୧ରେ ନବରଙ୍ଗପୁର ଥାନାରେ କେସ ନମ୍ବର ୪୬/୨୫ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଡେଭିଡ୍ ଜଣେ ମନସ୍ତତ୍ତ୍ୱ ବିଶାରଦ ଭାବେ ତାଙ୍କୁ ସମସ୍ତ ମାନସିକ ଅଶାନ୍ତିରୁ ମୁକ୍ତି ଦେବାକୁ ଶିକ୍ଷା ଦେଉଥିଲେ ଓ ତାଙ୍କ ପିତାଙ୍କ ନିକଟରେ ଜଣେ ସାଉଣ୍ଡ ସିଷ୍ଟମ ଅପରେଟର ଭାବେ କାମ କରୁଥିବାରୁ ଅଧିକାଂଶ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ପୀଡ଼ିତା ଛାତ ଉପରକୁ ଯିବା ସମୟରେ ଅଭିଯୁକ୍ତ ମଧ୍ୟ ଛାତ ଉପରକୁ ଯାଇ ତାଙ୍କ ସହ କଥାବାର୍ତ୍ତା କରୁଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ନିବିଡ଼ତା ବଢ଼ିଲା ଓ ଗତ ୨୦୨୪ ମାର୍ଚ୍ଚରେ ପୀଡ଼ିତା ଘରେ ଏକାକୀ ଥିବା ସମୟରେ ଅଭିଯୁକ୍ତ ହଠାତ ଆସି ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏପରିକି ଏକଥା କାହାକୁ କହିଲେ ଜୀବନରେ ମାରିଦେବାକୁ ବି ଧମକ ଦେଇଥିଲା। ପରେ ପୀଡ଼ିତା ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱର ଚାଲିଯିବା ପରେ ମଧ୍ୟ ଅଭିଯୁକ୍ତ ତାଙ୍କୁ ଭେଟିବା ପାଇଁ ବାଧ୍ୟ କରୁଥିଲା। ଗତବର୍ଷ ସେପ୍ଟେମ୍ବରରେ ଅଭିଯୁକ୍ତ ପୀଡ଼ିତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେବା ସହ କେତେକ କାଗଜରେ ତାଙ୍କର ଦସ୍ତଖତ ନେଇଥିଲା। କିଛିଦିନ ପରେ ପୀଡ଼ିତା ତାଙ୍କ ଜେଜେବାପାଙ୍କ ଘରକୁ ବୁଲିବାକୁ ଯାଇଥିବା ସମୟରେ ଅଭିଯୁକ୍ତ ପୀଡ଼ିତାଙ୍କ ପିତାଙ୍କୁ ବ୍ଲାକ୍‌ମେଲ୍ କରିଥିଲା। ତାଙ୍କ ଝିଅଙ୍କୁ ତା’ ପାଖକୁ ନ ପଠାଇଲେ, ସେ ତା’ର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ କରିଦେବାକୁ ଧମକ ଦେଇଥିଲା। ପରେ ମଧ୍ୟ ସେ ଇନଷ୍ଟାଗ୍ରାମ୍‌ରେ ପୀଡ଼ିତାଙ୍କ ଫଟୋ ଭାଇରାଲ୍ କରିଥିଲା। ଏନେଇ ପୀଡ଼ିତାଙ୍କ ପରିବାର ପୁଲିସ୍‌ରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲା। ତା’ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୫୪, ୫୦୬ ଓ ପକସୋ ଆଇନ ର ଧାରା (୬) ଓ ଧାରା (୧୨)ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଡେଭିଡ୍‌କୁ ଉପରୋକ୍ତ ଦଣ୍ଡାଦେଶଦେଇଛନ୍ତି। ଏଥିସହ ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଅଭିଯୁକ୍ତ ଡେଭିଡ୍‌କୁ ଏକ ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଐତିହ୍ୟ କୋଠାରୁ ଏମ୍‌ପିସି ଜୁନିୟର କଲେଜ ସ୍ଥାନାନ୍ତର ନିଷ୍ପତ୍ତିଃ ତେଜିଲା ଅସନ୍ତୋଷ



ବାରିପଦା,୧୨।୧୦(ସଂଚାର ବ୍ୟୁରୋ)ଃ ବାରିପଦା ଐତିହ୍ୟ କୋଠାରୁ ଏମ୍‌ପିସି ଜୁନିୟର କଲେଜ ସ୍ଥାନାନ୍ତର ନିଷ୍ପତ୍ତିକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଏହା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି କଲେଜର ଛାତ୍ରଛାତ୍ରୀ। ବାରିପଦା ବଡ଼ ବଜାର ମୁଖ୍ୟ ରାସ୍ତା ଅବରୋଧ କରି ସେମାନେ ଧାରଣା ଦେବା ସହ ସ୍ଥାନାନ୍ତର ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି। କଲେଜର ପୁରାତନ ଐତିହ୍ୟ କୋଠାକୁ ଅସୁରକ୍ଷିତ ଘୋଷଣା କରାଯିବା ପରେ ସ୍ଥାନାନ୍ତର କରାଯିବା ସକାଶେ ନିଷ୍ପତ୍ତି ହୋଇଛି। କଲେଜକୁ ସହର ବାହାରକୁ ସ୍ଥାନାନ୍ତର କରିବା ନିଷ୍ପତ୍ତିକୁ ଛାତ୍ରଛାତ୍ରୀ ଗ୍ରହଣ କରିପାରିନାହାନ୍ତି। ବାରିପଦା ନଗରପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସତ୍ତ୍ୱେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି ଛାତ୍ରଛାତ୍ରୀ। ଜିଲ୍ଲାପାଳ ନିଜେ ଘଟଣାସ୍ଥଳରେ ପହଞ୍ଚି କଲେଜ ସ୍ଥାନାନ୍ତର ହେବ ନାହିଁ ବୋଲି ସ୍ପଷ୍ଟ ଭାବେ ଘୋଷଣା ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

## ବାଇକକୁ ଧକ୍କା ଦେଲା ଟ୍ରେଲରଃ ୨ ମୃତ



ସୁନ୍ଦରଗଡ଼,୧୨।୧୦(ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ ହେମଗିରି ଥାନା ଅନ୍ତର୍ଗତ ଦୁରୁବଗା ଛକରେ ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା। ବାଇକକୁ ଏକ କୋଇଲା ବୋଝେଇ ଟ୍ରେଲର୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ହେମଗିରି ଅଞ୍ଚଳର ସୁରେନ୍ଦ୍ର କିଷାନ ଓ ଭବାନୀ ଖରସେଲ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ମୃତକଙ୍କ ପରବାରକୁ କ୍ଷତିପୂରଣ ପ୍ରଦାନ ଦାବି ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି। ମିଳିଥିବା ସୂଚନାନୁସାରେ, ହେମଗିରି ଅଞ୍ଚଳର ସୁରେନ୍ଦ୍ର ଓ ଭବାନୀ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ଦୁରୁବଗା ଛକରେ ଏକ କୋଇଲା ବୋଝେଇ ଟ୍ରେଲର ସେମାନଙ୍କ ବାଇକକୁ ପଛପଟୁ ଧକ୍କା ଦେବା ସହ ଦ୍ରୁତ ଗତିରେ ସେଠାରୁ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଦୁଇ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲ। ଏହି ଘଟଣା ପରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି।

## ବ୍ରହ୍ମପୁରରେ ନକଲି ହଳଦୀ ଓ ମରିଚ ଗୁଣ୍ଡ କାରଖାନା ଠାବ

### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ କଞ୍ଚାମାଲ ଜବତ



ବ୍ରହ୍ମପୁର,୧୨।୧୦(ସଂଚାର ବ୍ୟୁରୋ)ଃ ନକଲି ଟମାଟୋ ସସ୍, ବେଆଇନ ତେଲ ପରେ ଏବେ ନକଲି ଖାଦ୍ୟ ମସଲା ତିଆରି ଫ୍ୟାକ୍ଟ୍ରି ଠାବ ହୋଇଛି। ବ୍ରହ୍ମପୁରରେ ଥମୁନି ଭେଜାଲ୍ ସାମଗ୍ରୀ କାରବାର। ବଡ଼ବଜାର ଥାନା ପୁଲିସ ଗତକାଲି ସନ୍ଧ୍ୟା ୭ଟାରେ ନକଲି ମସଲା ଫ୍ୟାକ୍ଟ୍ରିରେ ଚଢ଼ାଉ କରି ୩୦ ଟନ୍‌ରୁ ଅଧିକ ଭେଜାଲ୍ ସାମଗ୍ରୀ, ୪ଟି ମିଲିଂ ମେସିନ୍ ଜବତ କରିଛି। ଲକ୍ଷ୍ମୀନୃସିଂହ ସାହି ସପ୍ତମ ଗଳିର ଏକ କୋଠା ମଧ୍ୟରେ ବଡ଼ ବଡ଼ ମିଲିଂ ମେସିନ୍ ବସାଇ ନକଲି ସାମଗ୍ରୀ ଉତ୍ପାଦନ କରୁଥିଲା ଅଭିଯୁକ୍ତ ଓ ତା’ର ସହଯୋଗୀ। ଏହି ଘଟଣାରେ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକରଙ୍କ ନିର୍ଦ୍ଦେଶରେ ଟାଉନ୍ ଏସ୍‌ଡିପିଓ ପ୍ରିୟସ ରଞ୍ଜନ ଛୋଟରାୟ ଓ ବଡ଼ବଜାର ଥାନାଧିକାରୀ ଆଶିଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଲକ୍ଷ୍ମୀନୃସିଂହ ସାହି ସପ୍ତମ ଗଳିର ଏକ କୋଠାରେ ଚଢ଼ାଉ କରିଥିଲା। ଉକ୍ତ କୋଠାରୁ ୩୦ ଟନ୍‌ରୁ ଅଧିକ ପ୍ୟାକିଂ ହୋଇଥିବା ଓ ଖୋଲାରେ ଥିବା ହଳଦୀ ଗୁଣ୍ଡ, ମରିଚ ଗୁଣ୍ଡ ଓ ଅନ୍ୟାନ୍ୟ ଖାଦ୍ୟ ମସଲା ସାମଗ୍ରୀ ମିଳିଥିଲା। ଏଥିସହ କଞ୍ଚାମାଲ, ୪ଟି ମିଲିଂ ମେସିନ୍ ଓ ପ୍ରାୟ ୫ଟି ପ୍ୟାକିଂ ମେସିନ୍ ମଧ୍ୟ ମିଳିଥିଲା। ବାହାରୁ କଞ୍ଚାମାଲ ଆଣି ସେହି କୋଠାରେ ମିଲିଂ କରିବା ସହ ତାହାକୁ ବିଭିନ୍ନ ନାମୀଦାମୀ ବ୍ରାଣ୍ଡର ଜରିଆରେ ପ୍ୟାକିଂ କରି ବଜାରରେ ବିକ୍ରି କରାଯାଉଥିଲା। ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନ, ଏପରିକି ରାଜ୍ୟ ବାହାରକୁ ବିକ୍ରି ପାଇଁ ଉକ୍ତ ସାମଗ୍ରୀ ପଠାଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସହରର ଅନେକ ଗଳିକନ୍ଦିରେ ଭେଜାଲ୍ ବ୍ୟବସାୟୀ ସେମାନଙ୍କ ସାମ୍ରାଜ୍ୟ ବାରମ୍ବାର ବିସ୍ତାର କରିଚାଲିଛନ୍ତି। କିଏ ନାମୀ କମ୍ପାନୀ ନାଁରେ ନକଲି ଟମାଟୋ, ଚିଲି, ସୋୟା ସସ୍ ନିର୍ମାଣ କରୁଛି ତ ଆଉ କେହି ଭେଜାଲ୍ ତେଲ, ଡିଟର୍ଜେଣ୍ଟ ପାଉଡର, ମସଲା ଗୁଣ୍ଡ ଓ ଆଚାର ପ୍ରସ୍ତୁତ କରି ବିକୁଛି। ବିଶେଷକରି ସହରର ବଡ଼ ବଜାର ଅଞ୍ଚଳରୁ ମାଳ ମାଳ ନକଲି ସାମଗ୍ରୀ ତିଆରି କାରଖାନା ଠାବ ହେଉଛି।

### ଏବିଇଓ ବାବୁଙ୍କ ଘରେ ଭିଜିଲାନ୍ସ

## ପୁଳାପୁଳା ସୁନା-ରୁପା ଓ ହୀରା ଜବତ, ୧୯ ପ୍ଲଟ୍ ଠାବ

ଧର୍ମଶାଳା,୧୨।୧୦(ସଂଚାର ବ୍ୟୁରୋ)ଃ ଭିଜିଲାନ୍ସ ପଞ୍ଜାରେ ଧର୍ମଶାଳାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଜୟଦେବ ଜେନା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘର, କାର୍ଯ୍ୟାଳୟ ଓ ସମ୍ପର୍କୀୟଙ୍କ ଘର ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଛି। ଏହି ଚଢ଼ାଉ ସମୟରେ ତାଙ୍କର ଏକାଧିକ ବହୁତଳ କୋଠା ଓ ୧୯ଟି ପ୍ଲଟ୍ ଠାବ ହୋଇଥିବା ବେଳେ ବିପୁଳ



ପରିମାଣର ସୁନା ଓ ହୀରା ଅଳଙ୍କାର ମିଳିଥିବା ସୂଚନା ମିଳିଛି।ସୂଚନାନୁଯାୟୀ, ଜୟଦେବ ଜେନାଙ୍କ ଭୁବନେଶ୍ୱର ପାତ୍ରପଡ଼ାରେ ଏକ ୩ ମହଲା କୋଠା ଥିବା ବେଳେ ଗଞ୍ଜାମ ଜିଲ୍ଲାର ପି. ନୂଆଗାଁରେ ଦୁଇଟି ବହୁତଳ କୋଠା ଠାବ କରାଯାଇଛି। ଏହାଛଡ଼ା ଭୁବନେଶ୍ୱର, ଖଲ୍ଲିକୋଟ ଓ କୋଦଳା ଅଞ୍ଚଳରେ ତାଙ୍କ ନାମରେ ୧୯ଟି ପ୍ଲଟ୍ ଥିବା ଜଣାପଡ଼ିଛି। ତାଙ୍କ ଘରୁ ସୁନା ଓ ହୀରା ଅଳଙ୍କାର ସହ ରୁପା ଗ୍ଲାସ୍ ମଧ୍ୟ ମିଳିଥିବା ଜଣାପଡ଼ିଛି। ତେବେ ଜବତ ଅଳଙ୍କାର ଓ ଅନ୍ୟ ସମ୍ପତ୍ତିର ମୋଟ ମୂଲ୍ୟ ଭିଜିଲାନ୍ସର ଯାଞ୍ଚ ପରେ ସ୍ପଷ୍ଟ ହେବ। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ଚଢ଼ାଉ ଚାଲିଛି। ୩ ଜଣ ଅତିରିକ୍ତ ଏସ୍‌ପି, ୪ ଜଣ ଡିଏସ୍‌ପି, ୯ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାରେ ଯାଞ୍ଚ କରୁଛନ୍ତି। ଭିଜିଲାନ୍ସ ଟିମ୍ ଗଞ୍ଜାମ ଜିଲ୍ଲାର ବୁରୁଝରୀସ୍ଥିତ ଆତ୍ମୀୟଙ୍କ ଘର, ଭୁବନେଶ୍ୱର ଖଣ୍ଡଗିରିର ଜନନୀ ବିହାରସ୍ଥିତ ସମ୍ପର୍କୀୟଙ୍କ ଘର, ଯାଜପୁର ଜିଲ୍ଲାର ଜାରକାସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରିଛି।

# ପ୍ରଚାରରୁ ବଳିଯାଉଛି କ୍ୟାମ୍ପସ ହିଂସା



ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ)ଃ ସ୍ୱଳ୍ପ ସମୟ ମଧ୍ୟରେ ଅନୁଷ୍ଠିତ ହେଉଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ପଡୁଛି ଉଠୁଛି କ୍ୟାମ୍ପସ୍। ହେଲେ ପ୍ରଚାରଠାରୁ ବଳି ଯାଉଛି ହିଂସାକାଣ୍ଡ। କେଉଁଠି ଖଣ୍ଡା ବୁଲିଲାଣି ତ କେଉଁଠି ଫୁଟିଲାଣି ବୋମା। ଆଉ କେଉଁଠି ପୁଲିସ୍ ଉପସ୍ଥିତିରେ ବି ହାତାହାତି ହେଇଯାଉଛନ୍ତି ଦୁଇ ଛାତ୍ର ଗୋଷ୍ଠୀ। ବାଣୀ ବିହାରଠାରୁ ଆରମ୍ଭ କରି ପିପିଲି, ନିମାପଡ଼ା, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଙ୍କୀ, ରମାଦେବୀ, ବିଜେବି ସବୁଠି ନିର୍ବାଚନକୁ ନେଇ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଠି ପ୍ରାର୍ଥୀ ଓ ଭୋଜିଭାତର ଆସରକୁ ନେଇ ଉତ୍ତେଜନା ସୃଷ୍ଟି ହେଉଛି।

ଗତକାଲି ପିପିଲିରେ ବିଜେବି କଲେଜର ଗୋଟିଏ ଗୋଷ୍ଠୀ ଭୋଜି କରୁଥିଲେ। ଏହି ସମୟରେ ଆଉ ଏକ ଗୋଷ୍ଠୀର କିଛି ଯୁବକ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏବିଭିପି ସଭାପତି ପ୍ରାର୍ଥୀ ଆର୍ଯ୍ୟନ୍ ମହାପାତ୍ରଙ୍କର ମୁଣ୍ଡ ଫାଟିଲା। ଆଜି ସେଇ ବ୍ୟାଣ୍ଡେଜବନ୍ଧା ମୁଣ୍ଡରେ ବି ପ୍ରଚାର ଜାରି ରଖିଛନ୍ତି ଆର୍ଯ୍ୟନ୍। ସେହିଭଳି ରାଜ୍ୟର ଛାତ୍ର ରାଜନୀତିର ପେଣ୍ଠସ୍ଥଳ ବୋଲି କୁହାଯାଉଥିବା ବାଣୀ ବିହାର ବି ଅଶାନ୍ତ ହୋଇଛି। ଗତକାଲି ରାତିରେ କେହି ଦୁର୍ବୃତ୍ତ କ୍ୟାମ୍ପସରେ କରିଛି ବୋମାମାଡ଼, ଯାହାକୁ ନେଇ କ୍ୟାମ୍ପସ ଅଶାନ୍ତ ହୋଇଛି। ଏହାପରେ ବିଶ୍ୱବିଦ୍ୟାଳୟ ପରିସରରେ ସିସିଟିଭି ଅଧିକ ମାତ୍ରାରେ ଲଗାଯାଇ ନଜର ରଖାଯାଉଛି। ଚାପା ଉତ୍ତେଜନା ଭିତରେ ଆଜି ବି କ୍ୟାମ୍ପସରେ ପ୍ରଚାର ଜମିଛି। ଆଉ ଖାଇବା ପିଇବା ଆସର ବି ହୋଇଛି। ଛାତ୍ର ସଂସଦ ନିର୍ବାଚନରେ ଖର୍ଚ୍ଚ ସୀମା ୫ ହଜାର ଥିବା ବେଳେ ବିରିଆନୀ ଭୋଜି ପାଇଁ ଟଙ୍କା କେଉଁଠୁ ଆସୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। କଲେଜ କର୍ତ୍ତୃପକ୍ଷ ଏହାର ହିସାବ ରଖୁଛନ୍ତି କି ନାହିଁ, ତାହା ସବୁଠୁ ବଡ ପ୍ରଶ୍ନ। ଦୀର୍ଘ ୮ ବର୍ଷ ଅନ୍ତରରେ ଛାତ୍ର ସଂସଦ ନିର୍ବାଚନ ହେଉଥିଲେ ବି କ୍ୟାମ୍ପସ ରାଜନୀତିରେ ବିଧାୟକ ଓ ବଡ଼ ବଡ଼ ନେତାଙ୍କ ସିଧାସଳଖ ହସ୍ତକ୍ଷେପ ଯୋଗୁଁ ହିଂସା ସୃଷ୍ଟି ହେଉଥିବା ଚର୍ଚ୍ଚା ହେଉଛି। ନିଜ ନିଜ ନିର୍ବାଚନମଣ୍ଡଳୀରେ ଜେନ୍-ଜି’ ପତିଆରା ରଖିବାକୁ କଳ ବଳ କୌଶଳ ରଣନୀତି ଆପଣାଉଛନ୍ତି ନେତା। ଏପରିକି ଅନେକ ସ୍ଥାନରେ ଦେଖାଦେଉଛି ଉଭୟ ଶାସକ ଓ ବିରୋଧୀ ଦଳର ବିଧାୟକମାନେ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଚାର କରୁଛନ୍ତି।

● କେଉଁଠି ବୁଲୁଛି ଖଣ୍ଡା ତ କେଉଁଠି ଫୁଟୁଛି ବୋମା
● ଖର୍ଚ୍ଚ ସୀମା ୫ ହଜାରରେ ପ୍ରତିଦିନ ବିରିଆନୀ ଭୋଜି

ସେପଟେ ଭୋଟ ହାତେଇବାକୁ ଟଙ୍କା ଓ ବିରିୟାନୀ ବଣ୍ଟାକୁ ନେଇ ଜଗତସିଂହପୁର ଏସଭିଏମ୍ କଲେଜରେ ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। କଲେଜ ପରିସରରେ ଟଙ୍କା ଓ ବିରିୟାନୀ ବଣ୍ଟାଯାଉଥିବା ଅଭିଯୋଗରେ ବିସିଜେଡି ଓ ଏବିଭିପି ପ୍ରାର୍ଥୀ ମୁହାଁମୁହିଁ ହୋଇଥିଲେ। ନିର୍ବାଚନରେ ପକ୍ଷପାତିତା ହୋଇଥିବା ଅଭିଯୋଗ ଆଣି କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ ବିସିଜେଡି ନେତା। ନିମାପଡ଼ା କଲେଜରେ ଛାତ୍ର ଅଶାନ୍ତି ପରେ ସେଠାରେ ସୁରକ୍ଷା କଡ଼ାକଡ଼ି କରାଯାଇଛି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

SANCHAR
ସଂଚାର
ମଙ୍ଗଳବାର ୧୩ ଅକ୍ଟୋବର ୨୦୨୬
BUSINESS



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୧,୪୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୮,୭୯୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୧,୪୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୮,୭୯୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୧,୪୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୮,୭୯୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୧,୫୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୮,୯୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୧,୪୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୮,୭୯୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୧,୪୧୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୮,୭୯୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୩୯,୯୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ଧନୀ ଦେଶର ୧୦% ସବୁଠୁ ଗରିବ ଲୋକଙ୍କ ଆୟ

# ବିକଶିତ ଦେଶର ଗରିବ ଭାରତୀୟ ଧନୀଙ୍କଠୁବି ଧନୀ



**ନୂଆଦିଲ୍ଲୀ,୧୨।୧୦:** ଏକ ଧନୀ ଦେଶର ଜଣେ ଗରିବ, ଭାରତର ଜଣେ ଧନୀକଙ୍କଠୁ ଅଧିକ ଆୟ କରନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟକୁ ନେଇ ଖୁବ୍ ଚର୍ଚ୍ଚା। ବିଶ୍ୱ ବ୍ୟାଙ୍କର 'ପ୍ରଭର୍ଟି ଆଣ୍ଡ ଇନଇକ୍ୱାଲିଟି ପ୍ଲାଟଫର୍ମ' ଅନୁଯାୟୀ, ବିଶ୍ୱର କେତେକ ପ୍ରମୁଖ ଧନୀ ଦେଶର ସବୁଠୁ ଗରିବ ୧୦ ପ୍ରତିଶତ ଲୋକଙ୍କର ଦୈନିକ ଆୟ, ଭାରତର ସବୁଠୁ ଧନୀ ୧୦ ପ୍ରତିଶତ ଲୋକଙ୍କ ଆୟ ତୁଳନାରେ ଖୁବ ଅଧିକ। ଏହି ତଥ୍ୟରୁ ଜଣାପଡ଼ିଛି ଯେ, ଭାରତରେ ସବୁଠୁ ଗରିବ ୧୦ ପ୍ରତିଶତ ଲୋକଙ୍କର ଦୈନିକ ଆୟ କିମ୍ବା ଖର୍ଚ୍ଚର ସୀମା ବ୍ୟକ୍ତିପିଛା ପ୍ରାୟ ୩ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୨୫୦ ଟଙ୍କା)। ଆମେରିକାରେ ଏହା ୨୫ ଡଲାର ହୋଇଥିବା ବେଳେ କାନାଡାରେ ୩୧ ଡଲାର। ଜର୍ମାନୀ ଓ ଅଷ୍ଟ୍ରେଲିଆରେ ୨୮ ଡଲାର। ଅର୍ଥାତ ଏହି ସବୁ ଦେଶର ଗରିବ ଲୋକଙ୍କ ଦୈନିକ ଖର୍ଚ୍ଚ ଖୁବ ଅଧିକ। ଅନ୍ୟପଟେ, ଭାରତର ସବୁଠୁ ଧନୀ ୧୦ ପ୍ରତିଶତ ଶ୍ରେଣୀରେ ସାମିଲ ହେବା ପାଇଁ ଜଣେ ବ୍ୟକ୍ତିର ଦୈନିକ ଆୟ କିମ୍ବା ଖର୍ଚ୍ଚର ସୀମା ମାତ୍ର ୧୦ ଡଲାର (ପ୍ରାୟ ୮୪୦ ଟଙ୍କା)। ଯଦି ବିକଶିତ ଦେଶକୁ ଦେଖାଯାଏ, ତେବେ ଏହି ସୀମା ଆମେରିକାରେ ୧୭୩ ଡଲାର, କାନାଡା ଓ ଅଷ୍ଟ୍ରେଲିଆରେ ୧୨୯ ଡଲାର। ଜର୍ମାନୀରେ ୧୨୮ ଡଲାର ପର୍ଯ୍ୟନ୍ତ ରହିଛି। ବଡ଼ କଥା ହେଉଛି, ଭାରତର 'ଆର୍ଥିକ ସର୍ବେକ୍ଷଣ' ଅନୁଯାୟୀ, ଦେଶରେ ମାସକୁ ୮୦, ୦୦୦ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତି ଦେଶର ଶୀର୍ଷ ୧୦ ପ୍ରତିଶତ ସବୁଠୁ ଅଧିକ ରୋଜଗାରିଆ ଶ୍ରେଣୀରେ ଆସନ୍ତି। ଏହି ତୁଳନାରୁ ସ୍ପଷ୍ଟ ଯେ, ଭାରତର ସବୁଠୁ ଧନୀ ପରିବାରଗୁଡ଼ିକର ଜୀବନଶୈଳୀ, ବିକଶିତ ଦେଶଗୁଡ଼ିକର ସବୁଠୁ ଗରିବ ଲୋକଙ୍କ ଜୀବନଶୈଳୀ ତୁଳନାରେ ଯଥେଷ୍ଟ ତଳେ ରହିଛି। ଏନଡିଟିଭିକୁ ପ୍ରତିକ୍ରିୟା ଦେଇ 'ଫାଉଣ୍ଡେସନ ଫର ଇକୋନୋମିକ ଡେଭଲପମେଣ୍ଟ'ର ପ୍ରୋଗ୍ରାମ ଆସୋସିଏଟ୍ ଅହୋନା ଦତ୍ତଗୁପ୍ତା କହିଛନ୍ତି ଯେ, ଏହି ତୁଳନା ଭାରତର ଏକ ଗଭୀର ସମସ୍ୟାକୁ ଦର୍ଶାଉଛି। ଏହା ହେଉଛି, କେବଳ ଗରିବୀ ନୁହେଁ, ବରଂ ସମ୍ପୂର୍ଣ୍ଣ ଅର୍ଥବ୍ୟବସ୍ଥାରେ ନିମ୍ନ ଆୟ ସ୍ତର। ଭାରତରେ ଦୈନିକ ୧୦ ଡଲାର ଖର୍ଚ୍ଚ କରୁଥିବା ବ୍ୟକ୍ତି ଧନୀ ୧୦ ପ୍ରତିଶତ ଶ୍ରେଣୀରେ ଆସୁଛନ୍ତି। କିନ୍ତୁ ଏହି ପରିମାଣରେ ଖର୍ଚ୍ଚ କରୁଥିବା ଲୋକେ, କାନାଡା, ଜାପାନ ଏବଂ ଆମେରିକା ଭଳି ଦେଶରେ ସବୁଠୁ ଗରିବ ଶ୍ରେଣୀରେ ଆସନ୍ତି। ଗରିବ ଭାରତୀୟଙ୍କ ଜୀବନଶୈଳୀରେ ସୁଧାର ଆଣିବା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। କିନ୍ତୁ ଦେଶକୁ ସମୃଦ୍ଧ କରିବା ପାଇଁ ଏତିକି ଯଥେଷ୍ଟ ନୁହେଁ। ଯଦି ଗରିବ ଭାରତୀୟମାନେ ଆଜିର ଧନୀ ପରିବାରଗୁଡ଼ିକର ସମକକ୍ଷ ମଧ ହୋଇଯାଆନ୍ତି, ତଥାପି ସେମାନଙ୍କ ଜୀବନଶୈଳୀ ଧନୀ ଦେଶଗୁଡ଼ିକ ତୁଳନାରେ ଅନେକ ପଛରେ ରହିଯିବ। ତେଣୁ କେବଳ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ବ୍ୟବଧାନକୁ କମାଇବା ପରିବର୍ତ୍ତେ, ଭାରତକୁ ସମଗ୍ର ଜନସଂଖ୍ୟାର ଆୟ ଏବଂ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ଜିଓ ଏଆଇ ଚଷମାରେ କରିହେବ ୟୁପିଆଇ ପେମେଣ୍ଟ



**ନୂଆଦିଲ୍ଲୀ,୧୨।୧୦:** ମୋବାଇଲ୍ ପକେଟ୍ରେ ରହିଥିବ ଏବଂ ସାମ୍ନାରେ କ୍ୟୁଆର କୋଡ୍ ଥିବ, ତଥାପି ପେମେଣ୍ଟ ହୋଇପାରିବ, ଏହା କ'ଣ ସମ୍ଭବ? ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ରେ ଜିଓ ଏଭଳି ଏକ ଆଧୁନିକ ଓ ଭବିଷ୍ୟତମୁଖୀ ଉତ୍ପାଦ ପ୍ରଦର୍ଶନ କରିଛି। କମ୍ପାନୀ ନିଜର ପର୍ସନାଲ୍ ଏଆଇ ୱେରେବଲ୍ ଉତ୍ପାଦ ଶ୍ରେଣୀରେ କ୍ୟାମେରା ଗ୍ଲାସ୍ (ଚଷମା), ଅଡିଓ ଗ୍ଲାସ୍ (ଚଷମା) ଏବଂ ଇୟର ପଡ଼ ପ୍ରଦର୍ଶନ କରିଛି। ଏଥିରେ ସ୍କାନ୍ ଆଣ୍ଡ ପେ, ଏଆଇ ଭଏସ୍ ଆସିଷ୍ଟାଣ୍ଟ, ବିଭିନ୍ନ ଭାରତୀୟ ଭାଷାରେ କମାଣ୍ଡ ଓ ଲାଇଭ ଅନୁବାଦ (ଟ୍ରାନ୍ସଲେସନ୍), ଏଆଇ ଜରିଆରେ ମିଟିଙ୍ଗ ନୋଟ୍ ପ୍ରସ୍ତୁତ କରିବା ଏବଂ ଲାଇଭ୍ କ୍ରିକେଟ୍ କମେଣ୍ଟ୍ରି ଭଳି ବୈଶିଷ୍ଟ୍ୟ ରହିଛି। ସବୁଠାରୁ ଆକର୍ଷଣୀୟ ବୈଶିଷ୍ଟ୍ୟ ହେଉଛି ସ୍କାନ୍ ଆଣ୍ଡ ପେ। କ୍ୟାମେରା ଗ୍ଲାସ୍ ବା ଚଷମା ୟୁପିଆଇ କ୍ୟୁଆର କୋଡ୍କୁ ସ୍କାନ୍ କରିବ। ଏହାପରେ ବ୍ୟବହାରକାରୀ ଭଏସ୍ କମାଣ୍ଡ ଦେବେ ଏବଂ ନିଶ୍ଚିତକରଣ ପରେ ପେମେଣ୍ଟ ସମ୍ପନ୍ନ ହେବ। ୟୁପିଆଇ ସର୍କଲ ମାଧମରେ ଗୋଟିଏ ଥରରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ପଇଠ କରାଯାଇପାରିବ। ଏହି ସୀମା ଜିଓ ନିର୍ଦ୍ଧାରଣ କରିନାହିଁ; ଏହା ୟୁପିଆଇ ସର୍କଲର ନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଛି। ଏହାର ମାସିକ ସୀମା ହେଉଛି ୧୫,୦୦୦ ଟଙ୍କା। ଅର୍ଥାତ୍, ଦୋକାନରେ ପେମେଣ୍ଟ କରିବା ସମୟରେ ମୋବାଇଲ୍ ବାହାର କରିବା, ଅନଲକ୍ କରିବା, ଆପ୍ ଖୋଲିବା ଏବଂ କ୍ୟୁଆର କୋଡ୍ ସ୍କାନ୍ କରିବା ଭଳି ଏକାଧିକ ପଦକ୍ଷେପର ଆବଶ୍ୟକତା ପଡିବ ନାହିଁ।

# କମ୍ପାନୀ ଉପରେ ମହଙ୍ଗା ମାଡ଼: ବଢ଼ୁଛି ଉତ୍ପାଦନ ଖର୍ଚ୍ଚ, କମିବ ଲାଭ



**ନୂଆଦିଲ୍ଲୀ,୧୨।୧୦:** ଦରଦାମ ଚାପ ଖାଲି ଆମ୍ ଆଦମୀଙ୍କ ଉପରେ ନୁହେଁ, କମ୍ପାନିଗୁଡ଼ିକ ବି ଏହା ପ୍ରଭାବରେ ଦବିଗଲେଣି। କଞ୍ଚାମାଲ ଏବଂ ଅନ୍ୟ ପ୍ରମୁଖ କମୋଡିଟି ଦର ବଢ଼ିବା କାରଣରୁ ଦୈନନ୍ଦିନ ବ୍ୟବହାର ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନିଗୁଡ଼ିକର ଖର୍ଚ୍ଚ ବଢ଼ି ଚାଲିଛି। ତେବେ ସେପ୍ଟେମ୍ବର ତ୍ରୟମାସରେ ଏହି କମ୍ପାନିଗୁଡ଼ିକର ଲାଭ କମିବା ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ବି କିଛି କମ୍ପାନିଙ୍କ ରାଜସ୍ୱ ୧୦%ରୁ ଅଧିକ ବଢ଼ିବା ଆଶା ରହିଛି। ବ୍ରୋକରେଜ କମ୍ପାନି ଆଇସିଆଇସିଆଇ ଡାଇରେକ୍ଟ ନିକଟରେ ଏହାର ଏକ ରିପୋର୍ଟରେ ଉଲ୍ଲେଖ କରିଛି ଯେ, ପ୍ୟାକେଜିଂରେ ବ୍ୟବହାର ହେଉଥିବା ଅଶୋଧିତ ତୈଳ ଏବଂ ଏଥିରୁ ପ୍ରସ୍ତୁତ ଉତ୍ପାଦଗୁଡ଼ିକର ଦରରେ ବୃଦ୍ଧି ସହିତ ଅନ୍ୟାନ୍ୟ କମୋଡିଟି ଦର ବୃଦ୍ଧି କମ୍ପାନିଗୁଡ଼ିକର ଚାପ ବଢ଼ାଇଦେଇଛି। ଏହାବ୍ୟତୀତ କେତେକ ପ୍ରାନ୍ତରେ କମ୍ ବୃଷ୍ଟିପାତ ଯୋଗୁ କୃଷି ଉତ୍ପାଦନ ଏବଂ ଗ୍ରାମୀଣ ଚାହିଦା ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାର ପ୍ରଭାବ ବି କମ୍ପାନିଗୁଡ଼ିକର ବ୍ୟବସାୟ ଏବଂ ଲାଭ ଉପରେ ପଡ଼ିପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଆର୍ଥିକବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୟମାସରେ ଅଧିକାଂଶ ଏମସିଜି କମ୍ପାନିଗୁଡ଼ିକର ପ୍ରଦର୍ଶନ ମିଶ୍ରିତ ରହିପାରେ। କେତେକ କମ୍ପାନିଗୁଡ଼ିକର ବିକ୍ରିରେ ଦୁଇ ଅଙ୍କ ବୃଦ୍ଧି ଘଟିପାରେ। କିନ୍ତୁ କମୋଡିଟି ଦର ବୃଦ୍ଧି ଯୋଗୁ ପରିଚାଳନା ଲାଭକ୍ଷେତ୍ରରେ ଅଭିବୃଦ୍ଧି କମ୍ ରହିପାରେ। ଦେଶର ଅଧିକାଂଶ ପ୍ରାନ୍ତରେ କମ୍ ବୃଷ୍ଟିପାତ ଯୋଗୁ କୃଷି ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି। ଗ୍ରାମୀଣ ଚାହିଦା ସଂକୁଚିତ ହୋଇପାରେ। ଖାଦ୍ୟ ମୁଦ୍ରାସ୍ଫୀତି ଆଗକୁ ବଢ଼ିବା ଦ୍ୱାରା ସହରାଞ୍ଚଳରେ ବି ଚାହିଦା ପ୍ରଭାବିତ ହୋଇପାରେ। ରିପୋର୍ଟରେ ଏହି ଅନୁମାନ କରାଯାଇଛି ଯେ, ଆର୍ଥିକବର୍ଷ ୨୦୨୬-୨୭ର ଦ୍ୱିତୀୟ ତ୍ରୟମାସରେ ବର୍ଦ୍ଧିତ ଖର୍ଚ୍ଚ କମ୍ପାନିଗୁଡ଼ିକ ଉପରେ ଚାପ ପକାଇପାରେ।

ଏଫଏମସିଜି କମ୍ପାନିଗୁଡ଼ିକ ପରିସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ପାରାସୁଟ୍ ନଡ଼ିଆ ତେଲ ଏବଂ ସଫୋଲା ଭଳି ବ୍ରାଣ୍ଡ୍ ପାଇଁ ଜଣା କମ୍ପାନି ମାରିକୋ ପ୍ରକାଶ କରିଛି ଯେ, ସେପ୍ଟେମ୍ବର ତ୍ରୟମାସରେ ଅଶୋଧିତ ତୈଳ ସହ ଜଡ଼ିତ ଉତ୍ପାଦଗୁଡ଼ିକ ଦର ବଡ଼ ଆକାରରେ ବଢ଼ିଛି। ଏହା ସତ୍ତ୍ୱେ କମ୍ପାନି ଭଲ ଲାଭ କରିବ ବୋଲି ଆଶାବାଦୀ ରହିଛି। ଅନ୍ୟପକ୍ଷରେ, ଗୋଦରେଜ୍ କଞ୍ଜୁମର ପ୍ରଡକ୍ଟସ କଞ୍ଚାମାଲ ଦର ବୃଦ୍ଧିକୁ ନେଇ ଚିନ୍ତା ବ୍ୟକ୍ତ କରିଛି। କମ୍ପାନିର କେତେକ ପ୍ରମୁଖ ବ୍ରାଣ୍ଡ୍ ଯଥା ହିଟ୍, ଗୁଡନାଇଟ୍, ଗୋଦରେଜ୍ ନମ୍ବର-୧ ଏବଂ କମୋଡିଟିର ବର୍ଦ୍ଧିତ ଦରର ପ୍ରଭାବ ପଡ଼ିଥିବା ଜଣାପଡ଼ିଛି।

## ଆନ୍ଦୋଳନ ଯୋଗୁ ଦିଲ୍ଲୀରେ ବ୍ୟବସାୟୀଙ୍କୁ ୨୦୦୦ କୋଟି କ୍ଷତି



**ନୂଆଦିଲ୍ଲୀ,୧୨।୧୦:** ଦିଲ୍ଲୀରେ ଶନିବାର କକ୍ରୋଚ୍ ଜନତା ପାର୍ଟିର ପ୍ରଦର୍ଶନର ପ୍ରଭାବ ସବୁଠି ଦେଖିବାକୁ ମିଳିଥିଲା । ରବିବାର ମଧ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ସିଜେପି ପ୍ରଦର୍ଶନ ଯୋଗୁ ଦିଲ୍ଲୀର ବ୍ୟବସାୟୀଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିଛି । ଦିଲ୍ଲୀ ଏବଂ ଦେଶରେ ବ୍ୟବସାୟୀଙ୍କ ଶୀର୍ଷ ସଂଗଠନ ଚାମ୍ବର ଅଫ୍ ଟ୍ରେଡ୍ ଇଣ୍ଡଷ୍ଟ୍ରି (ସିଟିଆଇ) ବ୍ୟବସାୟିକ କ୍ଷତିର ଏକ ଅନୁମାନ ରଖିଛି । ସିଟିଆଇ କହିଛି ଯେ କେବଳ ଅକ୍ଟୋବର ୧୦ରେ ଧାରଣା-ପ୍ରଦର୍ଶନ କାରଣରୁ ବ୍ୟବସାୟୀଙ୍କୁ ଆନୁମାନିକ ପ୍ରାୟ ୨୦୦୦ କୋଟି ଟଙ୍କା କ୍ଷତି ହୋଇଛି । ଜନ୍ତରମନ୍ତର ଆନ୍ଦୋଳନ ଯୋଗୁ ଦିଲ୍ଲୀର ବ୍ୟବସାୟୀଙ୍କୁ ହେଉଥିବା କ୍ଷତିକୁ ନେଇ ସିଟିଆଇ ସିଜେପି ସମେତ ଅନ୍ୟ ସମସ୍ତେ ରାଜନୈତିକ ଦଳରୁ ଚିଠି ଲେଖିଛି । ପାର୍ବଣ ଋତୁ ଚାଲିଛି ଏବଂ ଦୀପାବଳି ଯାଏ ଦିଲ୍ଲୀରେ କୌଣସି ଧାରଣା ପ୍ରଦର୍ଶନ କରାନଯାଉ । ସିଟିଆଇ ଅଧ୍ୟକ୍ଷ ବୃଜେଶ ଗୋୟଲ କହିଛନ୍ତି, ନବରାତ୍ରି ଓ ରାମଲୀଲା ଆଜିଠାରୁ ଆରମ୍ଭ ହେଉଛି, ଦୀପାବଳିର ପୂରା ଋତୁ ଆରମ୍ଭ ହୋଇସାରିଛି । ଏହିପରି ପ୍ରଦର୍ଶନ ଦିଲ୍ଲୀର ବ୍ୟବସାୟୀ ଏବଂ ଅର୍ଥବ୍ୟବସ୍ଥାକୁ ବଡ଼ କ୍ଷତି ପହଞ୍ଚାଇବ । ଉଲ୍ଲେଖଯୋଗ୍ୟ ଯେ ଦିଲ୍ଲୀରେ ପ୍ରାୟ ୬୫୦ରୁ ଅଧିକ ରାମଲୀଲା ହୋଇଥାଏ, ଯାହାଦ୍ୱାରା ଲକ୍ଷାଧିକ ଲୋକଙ୍କୁ ରୋଜଗାର ମିଳିଥାଏ । ସିଟିଆଇ କହିଛି, ପାର୍ବଣ ଋତୁ ଦିଲ୍ଲୀର ୨୦ ଲକ୍ଷ ବ୍ୟବସାୟୀଙ୍କ ପାଇଁ ବର୍ଷର ସବୁଠାରୁ ବଡ଼ ବ୍ୟବସାୟିକ ସମୟ । ଧାରଣା ପ୍ରଦର୍ଶନ ଦ୍ୱାରା ବ୍ୟବସାୟ ଗମ୍ଭୀର ଭାବେ ପ୍ରଭାବିତ ହେଉଛି । ଯଦି ଏହିପରି ଧାରଣା ପ୍ରଦର୍ଶନ ଦୀର୍ଘ ଦିନ ଧରି ଚାଲେ ତେବେ ଦିଲ୍ଲୀର ଅର୍ଥବ୍ୟବସ୍ଥା ସଂପୂର୍ଣ୍ଣ ଦୋହଲିଯିବ । ଦିଲ୍ଲୀର ଲକ୍ଷ ଲକ୍ଷ ବ୍ୟବବସାୟୀଙ୍କ ବ୍ୟବସାୟ ବିଗିଡ଼ିଯିବ ।

## ମାତ୍ର ୧୫ ହଜାର ଟଙ୍କା ମାସିକ ଜମାରେ ମିଳିବ ୨୫ ଲକ୍ଷ




**ନୂଆଦିଲ୍ଲୀ,୧୨।୧୦:** ସେୟାର ବଜାରରେ ଲାଗିରହିଥିବା ଅସ୍ଥିରତା ଯୋଗୁଁ ସେୟାରରେ ଟଙ୍କା ବିନିଯୋଗ କରିବାକୁ ଭୟ କରୁଛନ୍ତି କି ? ଆପଣଙ୍କ ପାଇଁ ପୋଷ୍ଟ ଅଫିସର କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକ ଏକ ସବୁଠୁ ଭଲ ବିକଳ୍ପ ହୋଇପାରିବ । ଏଥିରେ ବିନିଯୋଗ ହୋଇଥିବା ଟଙ୍କା ବୁଡ଼ିଯିବାର କୌଣସି ସମ୍ଭାବନା ନଥାଏ, କାରଣ ଏହାର ସୁରକ୍ଷା ଗ୍ୟାରେଣ୍ଟି ସ୍ୱୟଂ ସରକାର ଦେଇଥାନ୍ତି। ଏହାସହ ସରକାର ଏହି ସ୍କିମ୍ଗୁଡ଼ିକରେ ଆକର୍ଷଣୀୟ ସୁଧ ମଧ୍ୟ ପ୍ରଦାନ କରୁଛନ୍ତି, ଯାହାଦ୍ୱାରା ଛୋଟ ଛୋଟ ସଞ୍ଚୟରୁ ଏକ ବଡ଼ ପାଣ୍ଠି ପ୍ରସ୍ତୁତ କରାଯାଇପାରିବ । ଏଭଳି ଏକ ଲୋକପ୍ରିୟ ଯୋଜନା ହେଉଛି ପୋଷ୍ଟ ଅଫିସର ରିକରିଂ ଡିପୋଜିଟ୍ ସ୍କିମ୍। ଜିରୋ ରିସ୍କ ସଞ୍ଚୟ ଯୋଜନା: ଆଜିକାଲି ପ୍ରତ୍ୟେକ ବ୍ୟକ୍ତି ନିଜ ଆୟରୁ କିଛି ନା କିଛି ସଞ୍ଚୟ କରି ଏପରି ଏକ ସ୍ଥାନରେ ବିନିଯୋଗ କରିବାକୁ ଚାହାଁନ୍ତି, ଯେଉଁଠାରେ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ସହ ଭଲ ରିଟର୍ନ ମଧ୍ୟ ମିଳିବ । ଏହି ଦୃଷ୍ଟିରୁ ସରକାରୀ ପରିଚାଳିତ ପୋଷ୍ଟ ଅଫିସ ସ୍କିମ୍ଗୁଡ଼ିକ ଅତ୍ୟନ୍ତ ଲାଭଦାୟକ । ଏହି ସରକାରୀ ଯୋଜନାଗୁଡ଼ିକରେ ଛୋଟ ହେଉ କିମ୍ବା ବଡ଼ ବିନିଯୋଗ, ସୁରକ୍ଷାର ଗ୍ୟାରେଣ୍ଟି ସରକାର ନିଜେ ନେଇଥାନ୍ତି, ଯାହା ଏହାକୁ ଏକ 'ଜିରୋ ରିସ୍କ' ସ୍କିମ୍ ଭାବେ ପରିଚିତ କରିଥାଏ। ପୋଷ୍ଟ ଅଫିସ ଆରଡି ସ୍କିମ୍ରେ ଟଙ୍କା ବୁଡ଼ିଯିବାର କୌଣସି ଚାନ୍ସ ନଥିବାବେଳେ, ସରକାରଙ୍କ ପକ୍ଷରୁ ନିବେଶକମାନଙ୍କୁ ୬.୭ ପ୍ରତିଶତ ପର୍ଯ୍ୟନ୍ତ ଦମଦାର ସୁଧ ଦିଆଯାଉଛି । ଏହି ରିକରିଂ ଡିପୋଜିଟ୍ ସ୍କିମ୍ରେ ମାତ୍ର ୧୦୦ ଟଙ୍କାର ପ୍ରାରମ୍ଭିକ ବିନିଯୋଗ ସହିତ ଆକାଉଣ୍ଟ ଖୋଲାଯାଇପାରିବ । ଏଥିରେ ସର୍ବାଧିକ ବିନିଯୋଗ ପାଇଁ କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ, ଅର୍ଥାତ୍ ଆପଣ ଯେତେ ଚାହାଁନ୍ତି ବିନିଯୋଗ କରି ସେତେ ଅଧିକ ଲାଭ କମାଇପାରିବେ ।

## ଜନ୍ତରମନ୍ତର ଦମନ ବିରୋଧରେ ସିପିଆଇଏମ ଓ ସିଆଇଟିୟୁ'ର ପ୍ରତିବାଦ




**ଯାଜପୁର ରୋଡ଼,୧୨।୧୦ (ସଂଚାର ବ୍ୟୁରୋ):** ଦିଲ୍ଲୀ ଜନ୍ତରମନ୍ତରରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ହୋଇଥିବା ଆନ୍ଦୋଳନ ଉପରେ ପୋଲିସ ଦମନ ପ୍ରତିବାଦରେ ଯାଜପୁର ରୋଡରେ ପ୍ରତିବାଦ ସଭା ହୋଇଛି। ସିଆଇଟିୟୁ'ର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଗୋପବନ୍ଧୁ ଛକରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ରେଳ ଷ୍ଟେସନରୁ ଶୋଭାଯାତ୍ରା ବାହାରି ସେଠାରେ ପହଞ୍ଚିଥିଲା। ସଭାରେ ଜିଲ୍ଲା ସମ୍ପାଦକ ଡା. ନିର୍ମଳ ରଥ କହିଥିଲେ, ବିଜେପି ସରକାର ଦିଲ୍ଲୀକୁ ସେନା ଛାଉଣୀ କରି ଅଘୋଷିତ ଜରୁରୀ ପରିସ୍ଥିତି ଲାଗୁ କରିଛନ୍ତି। ଆନ୍ଦୋଳନକାରୀଙ୍କ ଉପରେ ଲାଠିଚାର୍ଜ, ଦୁର୍ବ୍ୟବହାର ଓ ଗିରଫ କରାଯାଇଛି। ଏହି ଅବସରରେ ଗଣେଶ ସାହୁ, ପନି କିସ୍କୁ, ମାଳତୀ ହାଁସଦା, ଲାଲମଣି ମୁଣ୍ଡା ପ୍ରମୁଖଙ୍କ ସମେତ ଅନେକ ନେତା ଓ କର୍ମୀ ମାନେ ଉପସ୍ଥିତ ରହି ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବି କରିଥିଲେ।

# ଗୋପରେ ଜନଶୁଣାଣି ନା ଜନଗହଳି

## ୮୭ ଅଭିଯୋଗକାରୀଙ୍କ ସମସ୍ୟା ମଧ୍ୟରେ ଅବ୍ୟବସ୍ଥା, ଭିନ୍ନକ୍ଷମ ଓ ବୟସ୍କଙ୍କ ଦୁର୍ଦ୍ଦଶା

**ଗୋପ,୧୨।୧୦ (ସଂଚାର ବ୍ୟୁରୋ):** ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଆୟୋଜିତ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଗୋପ ବ୍ଲକରେ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ଗୋପ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୮୭ ଜଣ ଅଭିଯୋଗକାରୀ ବ୍ୟକ୍ତିଗତ, ସାମୂହିକ ଓ ଅନୁଷ୍ଠାନିକ ସମସ୍ୟା ଉପସ୍ଥାପନ କରିଥିଲେ। ଚାଷୀଙ୍କ ସମସ୍ୟା, ଆବାସ ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ନିଗମାନନ୍ଦ ହାଇସ୍କୁଲ ଖେଳପଡ଼ିଆର ଉନ୍ନତିକରଣ ଭଳି ପ୍ରସଙ୍ଗ ଉଠିଥିଲା।

ତେବେ ଶିବିରର ପରିଚାଳନାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଦୂରଦୂରାନ୍ତରୁ ଆସିଥିବା ଭିନ୍ନକ୍ଷମ ଓ ବୟସ୍କଙ୍କ ପାଇଁ ଆବଶ୍ୟକ ବନ୍ଦୋବସ୍ତ



ନଥିବାରୁ କେତେକଙ୍କୁ କାନ୍ଧରେ ବୋହି ଅଭିଯୋଗ ପ୍ରକୋଷ୍ଠକୁ ନେବାକୁ ପଡ଼ିଥିଲା। ଏଭଳି ଦୃଶ୍ୟ ପ୍ରଶାସନର ପୂର୍ବପ୍ରସ୍ତୁତି ଉପରେ ପ୍ରଶ୍ନ ଉଠାଇଛି।

ଅନ୍ୟପଟେ ଗୋପ କଲେଜ ଛାତ୍ର ସଂସଦ ନିର୍ବାଚନ ସ୍ଥଗିତକୁ ବିରୋଧ କରି ଶତାଧିକ ଛାତ୍ରଛାତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ପ୍ରବେଶ କରିବା ସହ ଚାଷୀଙ୍କ ହୋହଲ୍ଲା ଯୋଗୁଁ ପରିସ୍ଥିତି ଅଶାନ୍ତ ହୋଇପଡ଼ିଥିଲା। ଫଳରେ ଜନଶୁଣାଣି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା।

ଚଳିତ ବର୍ଷ ଅଭିଯୋଗ ସଂଖ୍ୟା ଅଧିକ ଥିବା ସତ୍ତ୍ୱେ ସମାଧାନ ହାର କମ୍ ରହିଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶିବିରରେ ପୁରୀ ଏସ୍‌ପି ପ୍ରତୀକ ସିଂ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଏଡିଏମ୍ ସୁଶାନ୍ତ କୁମାର ପତି, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ସୂର୍ଯ୍ୟ ଶଙ୍କର ଦାଶଙ୍କ ସମେତ ଅନ୍ୟ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ।

ଲୋକଙ୍କ ଅଭିଯୋଗ ଶୁଣିବାକୁ ଆୟୋଜିତ ଶିବିରରେ ଯଦି ମୌଳିକ ସୁବିଧା ଓ ଶୃଙ୍ଖଳିତ ପରିଚାଳନାର ଅଭାବ ରହେ, ତେବେ ସମାଧାନର ଆଶା କ୍ଷୀଣ ହେବା ସ୍ୱାଭାବିକ। ଅଭିଯୋଗ ଶୁଣିବାର ଆୟୋଜନ ହେଲା, ହେଲେ ଅବ୍ୟବସ୍ଥା ଭିତରେ ହଜିଗଲା ଜନଶୁଣାଣିର ଉଦ୍ଦେଶ୍ୟ। ଆଗାମୀ ଦିନରେ ଏଭଳି ସ୍ଥିତିର ପୁନରାବୃତ୍ତି ରୋକିବା ସହ ଅଭିଯୋଗଗୁଡ଼ିକର ସମୟବଦ୍ଧ ସମାଧାନ ପାଇଁ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଉପରେ ନଜର ରହିଛି।

## ଶିଶୁ ମହୋତ୍ସବ ଓ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ଫୁଲବାଣୀ,୧୨।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଗୁଡାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଏବଂ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କଲାଡ଼ି ଗ୍ରାମ ସ୍ଥିତ ମା ବରାଳଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗୀତା ଏବଂ ତର୍କ, ବକ୍ତୃତା, ପ୍ରବନ୍ଧଲିଖନ, ଶ୍ରୁତଲିଖନ, ସୁନ୍ଦର ହସ୍ତାକ୍ଷର , ଚିତ୍ରାଙ୍କନ,କୁଇଜ,ସଙ୍ଗୀତ,ନୃତ୍ୟ,ପି.ଏମ ପୋଷଣ ଚିତ୍ରକଳା, ହସ୍ତଶିଳ୍ପ, ମୌଳିକ ସାକ୍ଷରତା,ସଂଖ୍ୟାଜ୍ଞାନ ଆଧାରିତ ଚିତ୍ରାଙ୍କନ, ଗଣିତ ଦୌଡ଼,ଗଣିତ କୁଇଜ ଓ ଗଳ୍ପକଥନ ଭଳି ପ୍ରତିଯୋଗୀତା ଗୁଡ଼ିକ ଆୟୋଜିତ ହୋଇଥିଲା । ଏଥିରେ ଗୁଡାରୀ କଷ୍ଟର ର ଦଶ ଗୋଟି ବିଦ୍ୟାଳୟର ୧୩୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ମହୋତ୍ସବରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ସହିତ ପୁରସ୍କାର ବଣ୍ଟନ କରାଯାଇଥିଲା ।

## କୋରେଇ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ଶିବିର




**କୋରେଇ, ୧୨।୧୦ (ସଂଚାର ବ୍ୟୁରୋ):** କୋରେଇ ବ୍ଲକ ସମ୍ମିଳନୀ ଗୃହରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ବିଡିଓ ଅବନୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୭୪ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୧୮ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪୭ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଏସପି ଯଶ ପ୍ରତାପ ଶ୍ରୀମଲ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ବ୍ୟାସନଗର ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ସିଡିଏମଓ ନଗେନ୍ଦ୍ରନାଥ ମହାପାତ୍ର, କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନନ୍ଦିକରେ ଜନଅଭିଯୋଗ ଶୁଣାଣି




**ହିଞ୍ଜିଳିକାଟୁ, ୧୨।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ନନ୍ଦିକ ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି | ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେରକେଟା ,ଏବିଡିଓ ଅରୁଣ କୁମାର ପ୍ରଧାନ ,ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ୀ ,ଜିଲ୍ଲା ପରିଷଦ ସଭ୍ୟ ତଥା ବିଧାୟକଙ୍କ ପ୍ରତିନିଧି ଏ .ସୁଦର୍ଶନ, ବ୍ଲକ ଉପାଧକ୍ଷ ସୁନୀଲ କୁମାର ଗନ୍ତାୟତ ଓ ସରପଂଚ କୃଷ୍ଣ ଚନ୍ଦ୍ର ଭୋଳ ମଞ୍ଚାସୀନ ଥିଲେ | ସମୁଦାୟ ୮ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିବା ବେଳେ ସେଥିମଧ୍ୟରୁ ୩ ଟି ତ୍ୱରିତ ଅଭିଯୋଗ ସମାଧାନ ହୋଇଛି | କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ |



## ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା ସ୍ଥାୟୀ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି ସମ୍ପର୍କିତ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୧୨।୧୦(ସଂଚାର ବ୍ୟୁରୋ):** କୃଷି ଓ ଶିଳ୍ପଜାତ ବର୍ଜ୍ୟବସ୍ତୁ ତଥା ଉପଜାତ ପଦାର୍ଥର ବିନିଯୋଗ ମାଧ୍ୟମରେ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି ସମ୍ପର୍କିତ ଗବେଷଣା ଓ ଆଧୁନିକ ଜ୍ଞାନକୁ ନେଇ ପ୍ରସ୍ତୁତ ପୁସ୍ତକ 'ଫିସ୍ ଫିଡ୍ ଫର୍ମୁଲେସନ୍ ୱିଥ୍ ଆଗ୍ରୋ-ଇଣ୍ଡଷ୍ଟ୍ରିଆଲ୍ ୱେଷ୍ଟସ୍ ଆଣ୍ଡ ବାଏପ୍ରଡକ୍ଟସ୍'କୁ ନିକଟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉନ୍ମୋଚିତ କରିଛନ୍ତି।

ସୋଆର ଶିଳ୍ପ ଜୈବପ୍ରଯୁକ୍ତି ଗବେଷଣା କେନ୍ଦ୍ର (ସିଆଇବିଆର)ର ନିର୍ଦ୍ଦେଶକ ପ୍ରଫେସର ହୃଦୟନାଥ ଥାଟୋଇ, ପଶ୍ଚିମବଙ୍ଗର ରାଇଗଞ୍ଜ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ପ୍ରଫେସର ଡକ୍ଟର ପ୍ରଦୀପ କେ. ଦାସ ମହାପାତ୍ର, ଅହମ୍ମଦାବାଦସ୍ଥିତ ଫିନେ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପାର୍ଥ ବାନାର୍ଜୀ ଏବଂ ସିଆଇବିଆରର ସହକାରୀ ପ୍ରଫେସର ଡକ୍ଟର ସୌରଭ ଚଟ୍ଟରାଜଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପୁସ୍ତକରେ ଦେଶ ଓ ବିଦେଶର ବିଭିନ୍ନ ଗବେଷକ, ବୈଜ୍ଞାନିକ ଓ ଅଧ୍ୟାପକଙ୍କ ଗବେଷଣାଲବ୍ଧ ଜ୍ଞାନ ଓ ଅଭିଜ୍ଞତାକୁ ସ୍ଥାନ ଦିଆଯାଇଛି। ଆକ୍ୱାକଲ୍‌ଚର, ମତ୍ସ୍ୟ ବିଜ୍ଞାନ, ଜୈବପ୍ରଯୁକ୍ତି, ପୁଷ୍ଟି ବିଜ୍ଞାନ ଓ ପରିବେଶ ବିଜ୍ଞାନ ଭଳି ବିଭିନ୍ନ କ୍ଷେତ୍ରର ଜ୍ଞାନକୁ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି।

ଦ୍ରୁତଗତିରେ ବିକାଶଶୀଳ ଜଳକୃଷି କ୍ଷେତ୍ର ପାଇଁ ସ୍ଥାୟୀ ଓ ପରିବେଶ ଅନୁକୂଳ ସମାଧାନ ଖୋଜିବା ଦିଗରେ ଏହି ପୁସ୍ତକର ପ୍ରକାଶନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଏହି ପୁସ୍ତକ ଗବେଷକ, ଶିକ୍ଷକ, ଛାତ୍ରଛାତ୍ରୀ, ନୀତି ନିର୍ଦ୍ଧାରକ, ଜଳକୃଷି ବିଶେଷଜ୍ଞ, ମତ୍ସ୍ୟ ଖାଦ୍ୟ ଉତ୍ପାଦନକାରୀ ଏବଂ ମତ୍ସ୍ୟଚାଷୀଙ୍କ ପାଇଁ ଏକ ଉପାଦେୟ ସନ୍ଦର୍ଭ ପୁସ୍ତକ ଭାବେ କାର୍ଯ୍ୟ କରିବ ବୋଲି ପ୍ରଫେସର ଥାଟୋଇ ଆଶା ପ୍ରକାଶ କରିଛନ୍ତି। ଏହା ସ୍ଥାୟୀ ମତ୍ସ୍ୟ ଖାଦ୍ୟ ପ୍ରଯୁକ୍ତିର ବିକାଶ, ଗବେଷଣା ଓ ନୂତନ ଉଦ୍ଭାବନକୁ ଉତ୍ସାହିତ କରିବା ସହ ଜଳକୃଷିକୁ ଅଧିକ ସୁଲଭ, ସୁଦୃଢ଼ ଓ ପରିବେଶ ଅନୁକୂଳ କରିବାରେ ସହାୟକ ହେବ।

ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ସମେତ ସୋଆର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଗଠିତ

**ମାଲକାନଗିରି, ୧୨।୧୦ (ସଂଚାର ବ୍ୟୁରୋ):** ମାଲକାନଗିରି ଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଘ (ଷ୍ଟାଫ୍ଟେକନଗର, ଭୁବନେଶ୍ୱର, ଓଡ଼ିଶା) ପକ୍ଷରୁ ମାଲକାନଗିରି ଜିଲ୍ଲା ଶାଖା ସଂସ୍ଥାର ନିର୍ବାଚନ ତଥା ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରିର ମାନ୍ୟବର ବିଧାୟକ ଶ୍ରୀ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ।

ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଶ୍ରୀମତୀ ତାପସା ପ୍ରଧାନ ଯୋଗଦେଇଥିଲେ। ଏହି ଜିଲ୍ଲା ସ୍ତରୀୟ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଗଠନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲାର ପ୍ରତି ବ୍ଲକରୁ ଚୟନ ହୋଇଥିବା ବହୁସଂଖ୍ୟକ ଶିକ୍ଷକ ଓ ଶିକ୍ଷୟିତ୍ରୀ




ଉପସ୍ଥିତ ରହି ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

ଏହି ନିର୍ବାଚନରେ ସଭାପତି ଭାବରେ ପୂର୍ଣ୍ଣ ଚନ୍ଦ୍ର ଖଣ୍ଡପାଣି, ଉପସଭାପତି ଭାବରେ ସଂଗୀତା ମହାନ୍ତି, ଟି ବିଚମ, ସମ୍ପାଦକ ଭାବରେ ଦାମଦୋର ଡୁରୁକା, ସାଙ୍ଗଠନିକ ସମ୍ପାଦକ ଭାବରେ ଅମ୍ରିତଲାଲ ସରକାର,କୋ୍‌ଡିନେଟର ଆନନ୍ଦ ମାଡ଼ି, ଜୋନାଲ ସମ୍ପାଦକ ବୁଧଦେବ ଖିଲ, ଗୋଲକ ବିହାରୀ ମହାନ୍ତି, ଘନଶ୍ୟାମ ନାୟକ, କୋଷାଧକ୍ଷ ଗଦାଧର ସେଠୀ ନିର୍ବାଚିତ ହୋଇଛନ୍ତି।

ସଭାରେ ସମ୍ମାନିତ ଅତିଥି ଭାବେ ତ୍ରିନାଥ ହରିଜନ, ଚିତ୍ରଞ୍ଜନ ରାୟ, ଦିଲ୍ଲୀପ ଆନସାନା, ଅଜିତ୍ କୁମାର ନାୟକ, ଶ୍ରୀଯୁକ୍ତ ଦେବକୁମାର ବିଶ୍ୱାଳ, ରାମେଶ୍ୱର ନାୟକ, ବାମ ଶବର ଏବଂ ଦିଲୀପ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହାବ୍ୟତୀତ ବିଭିନ୍ନ ବ୍ଲକରୁ ଆସିଥିବା କର୍ମକର୍ତ୍ତାମାନେ ଶିକ୍ଷକ ସମାଜର ବିଭିନ୍ନ ସମସ୍ୟା ଓ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର

**ହିଞ୍ଜିଳିକାଟୁ,୧୨।୧୦(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ମିନି ଷ୍ଟାଡିୟମ ପରିସରରେ ଥିବା ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ରରେ ସହରରେ ପ୍ରଥମ ଥର ପାଇଁ ଓଡ଼ିଆ ସାହିତ୍ୟ ଏକାଡେମୀ ଓ ଓଡ଼ିଆ ଭାଷା ସାହିତ୍ୟ ସମିତିର ମିଳିତ ଆନୁକୂଲ୍ୟରେ ସାହିତ୍ୟିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବ୍ରହ୍ମାକୁମାର ନିତ୍ୟାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ମହନ୍ତ ଡ଼.ହରିହର ଦାସ ଉଦଘାଟନ କରିଥିଲେ। ଶରତ ଚନ୍ଦ୍ର ପାଠୀ, ଡ଼. ହରେକୃଷ୍ଣ ନାୟକ ଆଲୋଚକ ରୂପେ ଯୋଗ ଦେଇଥିବା ବେଳେ ପୌର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ଥିଲେ।ଆଞ୍ଚଳିକ ସାହିତ୍ୟର




ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ପରବର୍ତ୍ତୀ ଅଧିବେଶନ କବୟିତ୍ରୀ ରିତାଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ରୂପେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ନୃସିଂହ ପ୍ରସାଦ ପଟ୍ଟନାୟକ ଅତିଥି ରୂପେ ଯୋଗ ଦେଇଥିଲେ |ସମିତି ସଭାପତି ଆକାଶ ପଟ୍ଟନାୟକ ସଂଯୋଜନା କରିଥିଲେ। ଅଞ୍ଚଳର ବରିଷ୍ଠ ସାହିତ୍ୟିକ ଓ ସାମ୍ବାଦିକ ଯୋଗ ଦେଇଥିଲେ |

### ଛାତ୍ର ସଂସଦ ନିର୍ବାଚନ ପାଇଁ ଉଷ୍ମ ହେଲାଣି କଲେଜ କ୍ୟାମ୍ପସ

## ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରଣନୀତି ଆପଣାଇଲେଣି ଛାତ୍ରନେତା



**ବାଲିଆପାଳ, ୧୨।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଦେଭୋକ ସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଓ ଜଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଅକ୍ଟୋବର ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ କଲେଜ କେମ୍ପସ ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଛି। ମୈଦାନରେ ଥିବା ତିନି ଦଳର ପ୍ରାର୍ଥୀମାନେ ଛାତ୍ର ଛାତ୍ରୀ ମାନଙ୍କୁ ଧରି ଜୋରଦାର ପ୍ରଚାରରେ ଲାଗିଛନ୍ତି। ନିଜ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ପ୍ରାର୍ଥୀ ମାନେ କଲେଜରେ ବିଭିନ୍ନ ମୁଦ୍ଦା ନେଇ ପ୍ରଚାରକୁ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ରାଜନୈତିକ ଦଳର ପୂର୍ବତନ ଛାତ୍ର ନେତା ବାହାରେ ରହି ନିଜ ନିଜର ସମର୍ଥିତ ପ୍ରାର୍ଥୀ ମାନଙ୍କ ସହିତ ରାଜନୈତିକ ଗୁଟି ଚାଳନା କରିଥିବାର ଦେଖିବାକୁ ମିଳିଛି।

ପ୍ରାର୍ଥୀ ମାନଙ୍କର ପ୍ରଚାରରେ ମୁଖ୍ୟ ଅସ୍ତ୍ର ଭାବରେ ସୋସିଆଲ ମିଡିଆ ପ୍ରମୁଖ ମାଧ୍ୟମ ହୋଇଥିବା ବେଳେ, ଛାତ୍ରୀ ଛାତ୍ରୀ ମାନଙ୍କ ଘରକୁ ଘର ଏବଂ ହଷ୍ଟେଲକୁ ଯାଇ ପିଲାଙ୍କୁ ଭେଟି ତାଙ୍କ ସପକ୍ଷରେ ଭୋଟ ଦେବାକୁ କହୁଛନ୍ତି। ବିଶେଷ କରି କଲେଜର ବିକାଶ ଉପରେ ଧ୍ୟାନ ଦେବାର ମୁଖ୍ୟ ମୁଦା ରଖିଥିବା କଲେଜର ଲାଇବ୍ରେରୀ,ଷ୍ଟଡି ରୁମ୍, ଶୌଚାଳୟ, ଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱ ଦେଉଛନ୍ତି ପ୍ରାର୍ଥୀମାନେ।

ଅନ୍ୟ ପଟରେ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି। କଲେଜ ଷ୍ଟାପ ମାନଙ୍କ ଦ୍ୱାରା ଗ୍ରୁପ କରାଯାଇଛି। କଲେଜ କର୍ତ୍ତୃପକ୍ଷ, ସ୍ଥାନୀୟ ଆଇଆଇସି, ବିଡିଓ, ତହସିଲଦାରଙ୍କୁ ବୈଠକ ଅନୁଷ୍ଠିତ ହେଉଛି। ଏପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ରହିଛି। ଅଣ ଛାତ୍ର ମାନଙ୍କ ପ୍ରବେଶକୁ ସୁବର୍ଣ୍ଣରେଖା କଲେଜର ଅଧ୍ୟକ୍ଷା ତ୍ରୀବେଣି ଧଡା ଏବଂ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ପ୍ରଧ୍ୟାପକ ରତିକାନ୍ତ ବେହେରା ବାରଣ କରିଛନ୍ତି।

### ମଙ୍ଗଳା ମହାବିଦ୍ୟାଳୟରେ କଟକଣାକୁ ଫୁଁ'

## ନିୟମ ତା' ବାଟରେ, ପ୍ରଚାର ଅନ୍ୟ ବାଟରେ

**କାକଟପୁର/ଅସ୍ତରଙ୍ଗ, ୧୨।୧୦ (ସଂଚାର ବ୍ୟୁରୋ):** ଛାତ୍ର ସଂସଦ ନିର୍ବାଚନ। ଶୁଣିଲେ ଲାଗେ ଛୋଟ ନିର୍ବାଚନ। ହେଲେ ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ଚିତ୍ର ଓଲଟା। ଏଠି ନିୟମ ଗୋଟେ ବାଟରେ, ପ୍ରଚାର ଅନ୍ୟ ବାଟରେ। ଲିଙ୍ଗଡୋ କମିଶନ ନିୟମକୁ ଏଠି ଖୋଲାଖୋଲି ଧ୍ୱଜା ଉଡାଯାଇଛି। ଭୋଟକୁ ଆଉ ମାତ୍ର ୨ ଦିନ ବାକି, ହେଲେ କ୍ୟାମ୍ପସ ଏବେ ଠୁ ରଙ୍ଗୀନ ଫ୍ଲେକ୍ସ, ବ୍ୟାନରରେ ଭରି ଗଲାଣି।କ୍ୟାମ୍ପସ ବାହାରେ ଫ୍ଲେକ୍ସ ଛାଇଯାଇଛି, କିନ୍ତୁ ପ୍ରଶାସନ ନିରବଦ୍ରଷ୍ଟା।

କ୍ୟାମ୍ପସ ଭିତରେ କିମ୍ବା କ୍ୟାମ୍ପସ ସାମ୍ନାରେ କୌଣସି ପ୍ରିଣ୍ଟେଡ୍ ପୋଷ୍ଟର, ଫ୍ଲେକ୍ସ, ବ୍ୟାନର ଲଗାଇ ପାରିବେ ନାହିଁ। କେବଳ ହାତ ଲେଖା ପୋଷ୍ଟର ଲଗାଇବେ। ପ୍ରାର୍ଥୀ ସର୍ବାଧିକ ୫ ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ବାହାର ରାଜନୈତିକ ବ୍ୟକ୍ତି କ୍ୟାମ୍ପସରେ ପଶି ପାରିବେ ନାହିଁ। ଯାନବାହନ ବ୍ୟବହାର ମନା।

କିନ୍ତୁ ମଙ୍ଗଳା ମହାବିଦ୍ୟାଳୟରେ କ'ଣ ଚାଲିଛି ଯାହା ନାମାଙ୍କନ ଦାଖଲ ଦିନ ଏହାର କିଛି ଆଭାସ ଦେଖିବାକୁ ମିଳିଥିଲା । କଲେଜ ମୁଖ୍ୟ ଗେଟ୍ ଠୁ ବଜାର ଯାଏଁ ଶହେ ରୁ ଅଧିକ ବଡ ବଡ ଫ୍ଲେକ୍ସ। ଗୋଟେ ଫ୍ଲେକ୍ସର ଦାମ ୧ ହଜାର ଟଙ୍କାରୁ ଅଧିକ। ତେବେ କେବଳ ଫ୍ଲେକ୍ସରେ ଲକ୍ଷେ ଟଙ୍କା ଖର୍ଚ୍ଚ। ଫ୍ଲେକ୍ସରେ ପ୍ରାର୍ଥୀଙ୍କ ଫଟୋ ସହ ନିର୍ଦ୍ଦିଷ୍ଟ ଦଳର ରଙ୍ଗ। ଯାହା ନିୟମର ସିଧା ଉଲ୍ଲଂଘନ।

ଏହା ପରେ ଆସୁଛି ଭୋଜି ରାଜନୀତି। କ୍ୟାମ୍ପସ ବାହାରେ ଚା' ଦୋକାନ, ହୋଟେଲରେ ବଡ ନେତାଙ୍କ ଡେରା। ସେଠି ବସି ସବୁ ପରିଚାଳନା ହେଉଛି। ଛାତ୍ରଙ୍କୁ ଦିନରେ ଭୋଜି ଭାତ, ରାତିରେ ବିରିୟାନୀ ପାର୍ଟି ଦିଆଯାଉଛି। ଜଣେ ଛାତ୍ର ନାମ ଗୋପନ ରଖି କହିଲେ, "ଗୋଟେ ଭୋଟ ପାଇଁ ୫୦୦ ଟଙ୍କାରୁ ଅଧିକ ଖାଇବା ଖର୍ଚ୍ଚ ହେଉଛି।

ଏଥର ସବୁଠୁ ନୂଆ ଓ ବିପଜ୍ଜନକ ହେଉଛି ମୋଟୁ ପତଲୁ ପ୍ରଚାର। ଲିଙ୍ଗଡୋ ନିୟମରେ ସୋସିଆଲ ମିଡିଆରେ ଅତି ପ୍ରଚାର ମନା। ଇନଷ୍ଟା, ଫେସବୁକରେ ୧୦ ରୁ ଅଧିକ ଫେକ୍ ପେଜ୍ ଖୋଲି ନିଜ ପାଇଁ ପ୍ରଚାର ଓ ଅନ୍ୟ ପାଇଁ ଅପପ୍ରଚାର ଚାଲିଛି। ରିଲ୍ସ ଭାଇରାଲ ହେଉଛି। ୫ ହଜାର ନିୟମ କେବଳ କାଗଜରେ। ବାସ୍ତବରେ ଲକ୍ଷ ଲକ୍ଷ ଟଙ୍କା ଉଡୁଛି। ଏ ସବୁ ଦେଖି ସାଧାରଣ ଛାତ୍ରୀ କହିଛନ୍ତି , "ଆମେ ପାଠ ପଢିବାକୁ ଆସୁ, ଏଠି ରାଜନୀତିର ବଜାର।" କଲେଜ ପକ୍ଷରୁ ସୂଚନା "ନୋଟିସ ଦେଇଛୁ, କେହି ମାନୁ ନାହାଁନ୍ତି।" ପ୍ରଶ୍ନ ହେଉଛି, କାର୍ଯ୍ୟାନୁଷ୍ଠାନ ନେବ କିଏ ? ଅଧ୍ୟକ୍ଷ ଚୁପ୍ କାହିଁକି ? ଛାତ୍ର ଜୀବନରୁ ଯଦି ନିୟମ ଭାଙ୍ଗିବା ଶିଖିବେ, ଭବିଷ୍ୟତର ଗଣତନ୍ତ୍ର କେଉଁ ଦିଗରେ ଯିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା।

## ସତୀର୍ଥ ତରଫରୁ ସୁକାନ୍ତ ସାରଙ୍କ ଶୋକସଭା



**କେନ୍ଦ୍ରାପଡ଼ା,୧୨।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅନୁଷ୍ଠାନ ସତୀର୍ଥ ତରଫରୁ ଦିବଂଗତ ସୁକାନ୍ତ ଚରଣ ବରାଳଙ୍କ ଉଦ୍ଦେଶ୍ୟରେ ଶୋକସଭା ସଭାପତି ଅମର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ସତୀର୍ଥ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ଗୁରୁଚରଣ ନାୟକ, ସମ୍ମାନିତ ଅତିଥି ଭାବରେ ଭାଗିରଥୀ ଜେନା ଯୋଗ ଦେଇଥିଲେ। ପ୍ରଥମେଦିବଂଗତ ସୁକାନ୍ତ ବରାଳଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ କୈଳାସ ରାଉତ ବେଦପାଠ କରିଥିଲେ। ସୁକାନ୍ତ ବାବୁ ଜଣେ ଦକ୍ଷ ଶିକ୍ଷକ, ବନ୍ଧୁବତ୍ସଳ, ଶାନ୍ତ ସ୍ୱଭାବ ଓ ଅମାୟିକ ବ୍ୟକ୍ତି ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସତୀର୍ଥ ସଂପାଦକ ମନ୍ମଥ ବରାଳ, ଭାଗବତ ଷଡ଼ଙ୍ଗୀ, ମହେଶ୍ୱର ନାୟକ, ମାଧବ ମଲିକ, ଶଙ୍କର୍ଷଣ ସାହୁ, ନାରାୟଣ ପ୍ରଧାନ ପ୍ରମୁଖ ସ୍ୱର୍ଗତ ବରାଳଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଗଗନ ବିହାରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲା ବେଳେ ଚୈତନ୍ୟ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ହିଞ୍ଜିଳିକାଟୁ ଛାତ୍ର ସଂସଦ ନିର୍ବାଚନ

## କ୍ୟାମ୍ପସରେ ଛାତ୍ରଙ୍କ ଲଢ଼େଇ, ବାହାରେ ବରିଷ୍ଠଙ୍କ ଅଙ୍କକଷା

### ବାଜିରେ ଲାଗିଲା ଦଳର ସମ୍ମାନ

### ଡୋର୍-ଟୁ-ଡୋର୍ ଚାଲିଛି କ୍ୟାମ୍ପେନ

**ହିଞ୍ଜିଳିକାଟୁ,୧୨।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ କ୍ୟାମ୍ପସରେ ଜମିଲାଣି ନିର୍ବାଚନୀ ମାହୋଲ | କିଏ ସୋସିଆଲ୍ ମିଡିଆରେ ପ୍ରଚାର କରୁଛନ୍ତି ତ ଆଉ କିଏ ଚକୋଲେଟ୍ ବାଣ୍ଟି ଛାତ୍ରଛାତ୍ରୀଙ୍କ ମନ ଜିତିବାକୁ ଉଦ୍ୟମ କରୁଛନ୍ତି । ପ୍ରାର୍ଥୀଙ୍କ ପ୍ରଚାର ସହ ବଢ଼ୁଛି ଛାତ୍ରଛାତ୍ରୀଙ୍କ ଉତ୍ସାହ । ତେବେ ଉକ୍ତ କଲେଜରେ ୧୭ଟି ପଦବୀ ନିମନ୍ତେ ୩୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ୁଛନ୍ତି | ସକାଳୁ ହେବାଠୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ଚାଲିଛି ନିର୍ବାଚନୀ ଆଲୋଚନା। କେଉଁ ପ୍ରାର୍ଥୀ କେମିତି କାମ କରିବେ ? କାହାର ମୁଦ୍ଦା ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସହ




ଜଡ଼ିତ ? କାହାକୁ ଭୋଟ୍ ଦେବେ ? ଏସବୁକୁ ନେଇ ଚାଲିଛି ତର୍କ ଓ ଆଲୋଚନା। କ୍ୟାମ୍ପସରେ ଯାହା ଘଟୁଛି, ତାହାର ଝଲକ ମଧ୍ୟ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି ।

ଏହାରି ଭିତରେ ବାଜିରେ ଲାଗିଛି ସବୁ ରାଜନୈତିକ ଦଳଙ୍କ ଭାଗ୍ୟ । ତେଣୁ କ୍ୟାମ୍ପସ ଲଢେଇ ପାଇଁ ବାହାରେ ରହି ରଣନୀତି କରୁଛନ୍ତି ବିଭିନ୍ନ ଦଳର ସ୍ଥାନୀୟ ନେତା। କିଏ ସାମ୍ନାକୁ ଆସୁଥିବା ବେଳେ କିଏ ପଛରେ ରହି ଗୋଟି ଚଳାଉଛନ୍ତି | ଏହାରି ଭିତରେ କ୍ୟାମ୍ପସ ହୋଇଛି ରାଜନୈତିକ କୁରୁକ୍ଷେତ୍ର | ଅନ୍ୟପଟେ କ୍ୟାମ୍ପସରେ ଛାତ୍ରଙ୍କ ଲଢେଇ ଜାରି ରହିଥିବା ବେଳେ ବାହାରେ ବରିଷ୍ଠଙ୍କ ଚାଲିଛି ଅଙ୍କକଷା । ଲାଗୁଛି ଯେମିତି ଛାୟା ବିଧାନସଭା ନିର୍ବାଚନର ଲଢେଇ ଚାଲିଛି ।

୮ ବର୍ଷ ପରେ ପୁଣି ଥରେ କଲେଜ କ୍ୟାମ୍ପସକୁ ଛାତ୍ର ନିର୍ବାଚନ ଫେରିଛି। ହେଲେ ଏଥର ନିର୍ବାଚନର ଅନ୍ଦାଜ ଭିନ୍ନ । ନିର୍ବାଚନ କଲେଜର ଛାତ୍ର ଛାତ୍ରୀ ଲଢୁଛନ୍ତି ସତ । ହେଲେ ସ୍ଥାନୀୟ ବରିଷ୍ଠ ନେତାଙ୍କ ପତିଆରା ବାଜିରେ ଲାଗିଲା ପରି ଅନୁମାନ ହେଉଛି। ଏହାରି ଭିତରେ ଏବିଭିପି, ଛାତ୍ର ବିଜେଡି ଓ ଛାତ୍ର କଂଗ୍ରେସ ନିଜ ନିଜର ଏଜେଣ୍ଡା ସହ କ୍ୟାମ୍ପସରେ ବିଭାଗକୁ ବିଭାଗ ବୁଲି ପ୍ରଚାରରେ ମାତିଛନ୍ତି।

ଅନ୍ୟପକ୍ଷରେ କଲେଜ ନିର୍ବାଚନ ପାଇଁ ହେଉଥିବା ଖର୍ଚ୍ଚ ଦେଖିଲେ ବିଶ୍ୱାସ କରିବା ସହଜ ହେଉ ନାହିଁ । ଏତେ ଅର୍ଥ ଆସୁଛି କେଉଁଠୁ ? ଖର୍ଚ୍ଚ ପାଇଁ ନିୟମ ଅଲଗା, ହେଲେ ସବୁ କିଛି କାଗଜ କଲମରେ । କଲେଜ କ୍ୟାମ୍ପସ ନିକଟସ୍ଥ ପରିସରରେ ହୋଡିଂ ଓ ପୋଷ୍ଟର ଲମ୍ବା ଧାଡି ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ସମସ୍ତ ରଣକୌଶଳ ଆପଣାଉଛନ୍ତି ସମସ୍ତ ପ୍ରମୁଖ ଦଳ । ଏଥିସହ ଶାନ୍ତି ବଜାୟ ରଖିବାକୁ ଛାତ୍ର ସଂଗଠନଗୁଡ଼ିକୁ ପୋଲିସ ପକ୍ଷରୁ ନିବେଦନ କରାଯାଇଥିବା ବେଳେ ପୋଲିସ ଟିମ୍ ଜଗିରହି ସ୍ଥିତି ଉପରେ ନଜର ରଖିଛି ।

## ବେଲେଶ୍ୱର ମହାବିଦ୍ୟାଳୟରେ ପ୍ରଥମ ଥର ନିର୍ବାଚନ, ପ୍ରାର୍ଥୀ ଉତ୍ସାହିତ

**ହିଞ୍ଜିଳିକାଟୁ, ୧୨।୧୦ (ସଂଚାର ବ୍ୟୁରୋ):** ପ୍ରଥମ ଥର ଲାଗି ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଗଣ୍ଡଳା - ବେଲ ଗାଁ ବେଲେଶ୍ୱର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ସଭାପତି ପଦ ଲାଗି ନାରାୟଣ ପାଣିଗ୍ରାହୀ, ପୂଜା ବେହେରା ଓ ଇତିଶ୍ରୀ ଗୌଡ଼ ଲଢ଼ୁଥିବା ବେଳେ ଉପସଭାପତି ପଦରେ ପ୍ରୀତି କୁମାରୀ ଗୌଡ଼ ଓ ଅଭିଷେକ ନାୟକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସାଧାରଣ ସମ୍ପାଦକ ଲାଗି ସାଗର ସାହୁ, ସ୍ୱାଧୀନ କୁମାର ଦାସ, ଲକ୍ଷ୍ମୀ ନାରାୟଣ ନାୟକ ଓ ସହ ସାଧାରଣ ସମ୍ପାଦକ ଲାଗି ସୁମିତ ବେହେରା, ଅରୁଣ କୁମାର ସାହୁଙ୍କ ମଧ୍ୟରେ ଲଢେଇ ହେବ। ନାଟ୍ୟ ସଂସଦ ସମ୍ପାଦକ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ଥିବା ବେଳେ କ୍ରୀଡ଼ା ସଂସଦ ସମ୍ପାଦକ ଲାଗି




ଆଶିଷ ସାହୁ ଓ ଆଶିଷ ଦଳ ବେହେରା ନାମାଙ୍କନ ଭରିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ରାମ କୃଷ୍ଣ ଗୌଡ଼ ସୂଚନା ଦେଇଛନ୍ତି |କଲେଜ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ସମାପନ ନିମନ୍ତେ ବେଲ ଗାଁ ଥାନାଧିକାରୀ ସ୍ମିତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଛି |

# ପରିବେଶ





# କମିଯିବ ଧାନ, ଗହମ ଉତ୍ପାଦନ!

**ପାଣିପାଗ ପରିବର୍ତ୍ତନର ଅନ୍ୟତମ ପ୍ରଭାବ ସ୍ୱରୂପ, ସମୁଦ୍ରଜଳ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଫଳରେ ମାଛମାନେ କୂଳ ଛାଡ଼ି ଗଭୀର ଜଳ ଥିବା ଶୀତଳ ଅଞ୍ଚଳକୁ ସ୍ଥାନାନ୍ତରିତ ହେବାରେ ଲାଗିଛନ୍ତି, ଯାହା ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ୍ୟ ସଂକଟ ଆଣିଛି।**

ଜଳବାୟୁରେ ଦେଖାଦେଇଥିବା ପରିବର୍ତ୍ତନର ପ୍ରଭାବ ହେତୁ ଭାରତରେ ଧାନ ଓ ଗହମ ଉତ୍ପାଦନରେ ୧୦ ପ୍ରତିଶତ ଯାଏ ହ୍ରାସ ଘଟିବ ବୋଲି ପୂର୍ବାନୁମାନ କରାଯାଇଛି। ଫଳରେ ଆଗକୁ କୋଟି କୋଟି ଲୋକଙ୍କର ଖାଦ୍ୟ ଚାହିଦା ଭରଣା କରିବା କଷ୍ଟକର ହୋଇପଡ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଚିନ୍ତା ପ୍ରକଟ କରିଛନ୍ତି।

ଏଥି ସହିତ ପାଣିପାଗ ପରିବର୍ତ୍ତନର ଅନ୍ୟତମ ପ୍ରଭାବ ସ୍ୱରୂପ, ସମୁଦ୍ରଜଳ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ଫଳରେ ମାଛମାନେ କୂଳ ଛାଡ଼ି ଗଭୀର ତଥା ଶୀତଳ ଅଞ୍ଚଳକୁ ସ୍ଥାନାନ୍ତରିତ ହେବାରେ ଲାଗିଛନ୍ତି, ଯାହା ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ୍ୟ ସଂକଟ ଆଣିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ଗହମ ଉତ୍ପାଦନ ୧୧.୩୩ କୋଟି ମେଟ୍ରିକ୍ ଟନ୍ ରହିଥିଲା, ଯାହା ସମଗ୍ର ବିଶ୍ୱର ଗହମ ଉତ୍ପାଦନର ୧୪ ପ୍ରତିଶତ। ସେହିପରି ଭାରତରେ ଧାନ ଉତ୍ପାଦନ ସର୍ବାଧିକ ୧୩.୭ କୋଟି ମେଟ୍ରିକ୍ ଟନ୍‌ରେ ପହଞ୍ଚିଥିଲା। ଏଣେ ନାସନାଲ୍ ଇନୋଭେସନ୍ସ ଇନ୍ କ୍ଲାଇମେଟ୍ ରେଜିଲିଏଣ୍ଟ୍ ଏଗ୍ରିକଲଚର୍ (ନିକ୍ରା)ର ଆକଳନ ଅନୁଯାୟୀ, ଚଳିତ ଶତାବ୍ଦୀର ଶେଷ ଆଡ଼କୁ ଦେଶର ଗହମ ଉତ୍ପାଦନ ୬ରୁ ୨୫ ପ୍ରତିଶତ କମି ଆସିଥିବ ଏବଂ ସେହିପରି ୨୦୫୦ ବେଳକୁ ଧାନ ଉତ୍ପାଦନରେ ୭ ପ୍ରତିଶତ ଯାଏ ଓ ୨୦୮୦ ବେଳକୁ ୧୦ ପ୍ରତିଶତ ହ୍ରାସ ଦେଖାଯିବ। ସାମ୍ପ୍ରତିକ ସ୍ଥିତିରେ ଦେଶର ୧୪୦ କୋଟି ଲୋକଙ୍କର ପ୍ରଧାନ ଖାଦ୍ୟଶସ୍ୟ ହେଉଛି ଧାନ ଓ ଗହମ। ସେହିପରି ବିଭିନ୍ନ ସରକାରୀ ଯୋଜନାରେ ରିହାତିଯୁକ୍ତ ଖାଦ୍ୟଶସ୍ୟ ଉପରେ ନିର୍ଭର କରୁଥିବା ପ୍ରାୟ ୮୦ ପ୍ରତିଶତ ଲୋକଙ୍କ ଚାହିଦା ମଧ୍ୟ ଏଥିରୁ ଭରଣା ହୋଇଥାଏ। ସୁତରାଂ ଧାନ ଓ ଗହମ ଉତ୍ପାଦନରେ ଏଭଳି ହ୍ରାସ ଦେଶର ଚାଷୀ ଏବଂ ଖାଦ୍ୟ ସୁରକ୍ଷା ଉପରେ ଭୀଷଣ ଭାବରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। ସେହିପରି ବୈଶ୍ୱିକ ଉତ୍ତପ୍ତୀକରଣ ଯୋଗୁଁ ଉତ୍ତରପଶ୍ଚିମ ଭାରତରେ ହୋଇ ଆସୁଥିବା ଶୀତଦିନିଆ ବର୍ଷା ଓ ବରଫପାତରେ ବିଭ୍ରାଟ ଘଟୁଛି। ଫଳରେ ହିମାଳୟ ଅବବାହିକାରେ ବସବାସ କରୁଥିବା ଲୋକେ ନିକଟ ଭବିଷ୍ୟତରେ ଭୟାବହ ଜଳାଭାବର ସମ୍ମୁଖୀନ ହେବା ଆଶଙ୍କାକୁ ମଧ୍ୟ ଦୂରେଇ ଦିଆଯାଇନପାରେ।

# ବର୍ଜ୍ୟ ବିରୋଧରେ ନୀଳିମାଙ୍କ ଯୁଦ୍ଧ

ପୋଲାର୍ ଏକ୍ସପ୍ଲୋରର୍ ରୋବର୍ଟ ସ୍ୱାନ୍ କହିଛନ୍ତି, "ଆମ ଗ୍ରହକୁ ଆସି ଆଉ କେହି ଏହାକୁ ରକ୍ଷା କରିବେ, ଏଭଳି ଭାବନା ହିଁ ପୃଥିବୀ ପାଇଁ ଏବେ ସବୁଠାରୁ ବଡ଼ ବିପଦ ପାଲଟିଛି।" ଅର୍ଥାତ୍ ଆମ ପୃଥିବୀର ସୁରକ୍ଷା ଆମ ହାତରେ। କିନ୍ତୁ ଦିନକୁ ଦିନ ବଢ଼ିଚାଲିଥିବା ଔଦ୍ୟୋଗିକ ବର୍ଜ୍ୟ, ପ୍ଲାଷ୍ଟିକ୍ ଓ ଘରୋଇ ଆବର୍ଜନା ଏବେ ବୈଶ୍ୱିକ ଚିନ୍ତାର କାରଣ ପାଲଟିଛି। ଯେଉଁଠାରେ ଦେଖିବ ଏବେ କୁଢ଼ କୁଢ଼ ଅଳିଆ ସାଙ୍ଗକୁ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ ଓ ପଲିଥିନ୍‌ର ବିଶାଳ ପାହାଡ଼। ଏସବୁର ଉପଯୁକ୍ତ ପରିଚାଳନାର ଉଦ୍ଦେଶ୍ୟ ନେଇ ନୀଳିମା ମିଶ୍ର ଆରମ୍ଭ କରିଛନ୍ତି ତାଙ୍କର ଷ୍ଟାର୍ଟ-ଅପ୍ 'ସାଏବା ଗ୍ରିନ୍ ସଲ୍ୟୁସନ୍'।

ଏଥିରେ ସେ ଶୁଖିଲା ଓ ଓଦା ବର୍ଜ୍ୟ ପରିଚାଳନା ନେଇ କାମ କରୁଥିବା ବେଳେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରଛାତ୍ରୀ, କର୍ପୋରେଟ ଅନୁଷ୍ଠାନ ଆଦିକୁ ଯାଇ ଆବର୍ଜନା ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ନୀଳିମା କହିଛନ୍ତି, ୨୦୧୯ ମସିହାରେ ସେ ଉତ୍ତର ମେରୁ ପରିଭ୍ରମଣରେ ଯାଇଥିଲେ। ସେଠାରେ ସେ ପାହାଡ଼ ଭଳି ଆବର୍ଜନା ପଡ଼ିଥିବା ଦେଖିଥିଲେ, ତାହା ତାଙ୍କୁ ବିଚଳିତ କରିଥିଲା। ସେଠାରୁ ଭୁବନେଶ୍ୱର ଫେରିବା ପରେ ସହର ସାରା ଅଳିଆ ଆବର୍ଜନା ପଡ଼ିଥିବା ଦେଖିଥିଲେ। ପୁଣି ଏହାକୁ ଗାଈଗୋରୁ ଖାଇ ମୃତ୍ୟୁମୁଖରେ ପଡ଼ିବା ତାଙ୍କୁ ବ୍ୟଥିତ କରିଥିଲା। ଅନେକ ଏହି ଅଳିଆରେ ନିଆଁ ଲଗାଇ ଦେଉଥିଲେ। ନ ହେଲେ ସେ ଅଳିଆ ରାସ୍ତାରେ ସେମିତି ଗଦା ହୋଇ ରହିବା ଫଳରେ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ମଧ୍ୟ ରହୁଥିଲା।




ଏଣୁ ସହରକୁ ଆବର୍ଜନାମୁକ୍ତ କରିବାକୁ ତଥା ଆବର୍ଜନାର ଉପଯୁକ୍ତ ପରିଚାଳନା ଲାଗି 'ସାଏବା ଗ୍ରିନ୍ ସଲ୍ୟୁସନ୍' ଆରମ୍ଭ କରିଥିଲେ ନୀଳିମା। ଏଥିସହ ସେ ଡୋର୍‌ଷ୍ଟେପ୍ ଡ୍ରାଏ ୱେଷ୍ଟ କଲେକ୍ସନ୍ ସର୍ଭିସ୍ ଅର୍ଥାତ୍ ଦ୍ୱାର ଦ୍ୱାର ବୁଲି ଶୁଖିଲା ଅଳିଆ ସଂଗ୍ରହ ସେବା ପାଇଁ ମୋବାଇଲ୍ ଆପ୍ 'ରିସାଇକଲ୍ ପେ'ର ଶୁଭାରମ୍ଭ କରିଛନ୍ତି। ଏହି ଆପ୍ ଦ୍ୱାରା ଜଣେ ନିଜ ଘର ବା କାର୍ଯ୍ୟାଳୟର ଅଳିଆ ଖାଲି କରିବା ସହ ତାହାକୁ ବିକ୍ରି କରିପାରିବ। ସୂଚନା ପାଇବା ପରେ ଏହି ଆପ୍ ପକ୍ଷରୁ ଏକ ଇଲେକ୍ଟ୍ରିକ୍ ଗାଡ଼ି ସହ କିଛି କର୍ମଚାରୀ ଆସି ପୁନଃପ୍ରକ୍ରିୟାକରଣ ଯୋଗ୍ୟ ଆବର୍ଜନାକୁ ବାଛି ନେବେ ଓ ଓଜନ ଅନୁସାରେ ଟଙ୍କା ପୈଠ କରିବେ। ଏହି ସଂଗୃହୀତ ଅଳିଆକୁ ଅନୁଷ୍ଠାନ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ରାଧିକୃତ ସଂସ୍ଥାକୁ ପୁନଃପ୍ରକ୍ରିୟାକରଣ ପାଇଁ ପଠାଇ ଦିଆଯାଇଥାଏ। ଏବେ ଏହି ସେବା କଟକ, ଭୁବନେଶ୍ୱର ଓ ପୁରୀ ସହରରେ ସଫ୍ଟ ଲଞ୍ଚ ହୋଇଛି। ଆଗକୁ ଓଡ଼ିଶାର ଅନ୍ୟ ସହରରେ ବି 'ରିସାଇକଲ୍ ପେ' ସେବା ଯୋଗାଇବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।



# ବିପଦରେ ଚନ୍ଦ୍ର!

**ମହାକାଶ ଅନୁସନ୍ଧାନର ଏକ ନୂତନ ଯୁଗ ଆରମ୍ଭ ହେବା ସହିତ ପ୍ରାରମ୍ଭିକ ଚନ୍ଦ୍ର ଅବତରଣର ଭୌତିକ ଅବଶେଷ ଆଜି ବିପଦରେ ପଡ଼ିଛି, ଯାହା ସାମୂହିକ ମାନବ ସଫଳତାର ଏହି ସ୍ଥାୟୀ ପ୍ରତୀକଗୁଡ଼ିକୁ ବିନଷ୍ଟ କରିଦେଇପାରେ।**

ବିଶ୍ୱ ଐତିହ୍ୟ ପାଣ୍ଠି (ଡବଲ୍ୟୁଏମ୍ଏଫ୍) ମହାକାଶ ଐତିହ୍ୟର ପ୍ରତୀକ ଚନ୍ଦ୍ରକୁ ତାହାର ବିପଦପୂର୍ଣ୍ଣ ସ୍ଥାନ ତାଲିକାରେ ସାମିଲ କରିଛି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ବିଲୁପ୍ତପ୍ରାୟ ସାଂସ୍କୃତିକ ଐତିହ୍ୟ ସ୍ଥାନଗୁଡ଼ିକପ୍ରତି ଦୃଷ୍ଟି ଆକର୍ଷଣ କରାଇବା ପାଇଁ ଡବଲ୍ୟୁଏମ୍ଏଫ୍ ଏକ ତାଲିକା ପ୍ରକାଶ କରିଥାଏ। ଚଳିତବର୍ଷ ଏହି ତାଲିକାରେ ସ୍ଥାନ ପାଇଥିବା ଭାରତର ମୁଷିନଦୀ ତଟସ୍ଥ କୋଠାବାଡ଼ି, ଗାଜାର ଫେବ୍ରିକ୍ ଗୃହ ଓ ପର୍ତ୍ତୁଗାଲ୍‌ର ଆଶ୍ରମ ସମେତ ବିଶ୍ୱର ୨୫ଟି ସ୍ଥାନ ମଧ୍ୟରେ ଏକମାତ୍ର ମହାକାଶୀୟ ସ୍ଥଳ ତଥା ଆମର ଏକମାତ୍ର ଉପଗ୍ରହ ଚନ୍ଦ୍ର ମଧ୍ୟ ସ୍ଥାନ ପାଇଛି। ଡବଲ୍ୟୁଏମ୍ଏଫ୍ ଦର୍ଶାଇଛି ଯେ, ମହାକାଶ ଅନୁସନ୍ଧାନର ଏକ ନୂତନ ଯୁଗ ଆରମ୍ଭ ହେବା ସହିତ ପ୍ରାରମ୍ଭିକ ଚନ୍ଦ୍ର ଅବତରଣର ଭୌତିକ ଅବଶେଷ ଆଜି ବିପଦରେ ପଡ଼ିଛି, ଯାହା ସାମୂହିକ ମାନବ ସଫଳତାର ଏହି ସ୍ଥାୟୀ ପ୍ରତୀକଗୁଡ଼ିକୁ ବିନଷ୍ଟ କରିଦେଇପାରେ। ମହାକାଶ ଦୌଡ଼ରେ ସାମିଲ ଥିବା ବିଭିନ୍ନ ଦେଶର ଧନୀକ ଗୋଷ୍ଠୀ ଓ ସରକାରଙ୍କ ମଧ୍ୟରେ ମହାକାଶ ଯାତ୍ରା ପାଇଁ ବଢ଼ୁଥିବା ଆଗ୍ରହ ସହିତ ଚନ୍ଦ୍ରପୃଷ୍ଠରେ ମାନବ ଅବଶେଷ ପରିବେଶରେ ଗମ୍ଭୀର କ୍ଷତି ପହଞ୍ଚାଇପାରେ। ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ଆପୋଲୋ-୧୧ ଅବତରଣ କରିଥିବା ତଥା ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ପାଦ ଥାପିଥିବା ପ୍ରଶାନ୍ତ ସ୍ଥଳ (ଟ୍ରାଙ୍କୁଲିଟି ବେସ୍) ସମେତ ୯୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଡବଲ୍ୟୁଏମ୍ଏଫ୍ ସତର୍କ କରାଇ ଦେଇଛି। ଆଗାମୀ ମହାକାଶ ଅଭିଯାନ ଓ ଘରୋଇ ଚନ୍ଦ୍ର ଅନୁସନ୍ଧାନଗୁଡ଼ିକରେ ହେବାକୁ ଥିବା ଶୋଷଣମୂଳକ ପରିଦର୍ଶନ, ସ୍ମୃତିକରଣ ଓ ଲୁଣ୍ଠନ ଆଦି ଶେଷରେ ଏହି ପ୍ରାକୃତିକ ଅନନ୍ୟ ସାଂସ୍କୃତିକ ଐତିହ୍ୟର କ୍ଷତି ପହଞ୍ଚାଇପାରେ, କଳାକୃତିକୁ ଅପସାରଣ କରିପାରେ ଏବଂ ଚନ୍ଦ୍ରପୃଷ୍ଠରୁ ପ୍ରସିଦ୍ଧ ଚିହ୍ନ ଓ ଭୂମିରୂପକୁ ସବୁଦିନ ପାଇଁ ଲିଭାଇଦେଇପାରେ ବୋଲି ଡବଲ୍ୟୁଏମ୍ଏଫ୍ ଆଶଙ୍କା ପ୍ରକଟ କରିଛି। ସୂଚନାଯୋଗ୍ୟ, ଆପୋଲୋ୧୧ର ମହାକାଶଚାରୀମାନେ ଚନ୍ଦ୍ରରେ ଶାନ୍ତିର ପ୍ରତୀକ ଭାବେ ଏକ ସୁବର୍ଣ୍ଣ ତରୁଶାଖା ଛାଡ଼ିଥିବା ବେଳେ ଗତବର୍ଷ ସ୍ପେସ-ଏକ୍ସର ଏକ ରକେଟ୍ ଶିଳ୍ପୀ ଜେଫ୍ କୁନ୍‌ସଙ୍କ ଦ୍ୱାରା ନିର୍ମିତ ୧୨୫ଟି କ୍ଷୁଦ୍ର ମୂର୍ତ୍ତି ଧରି ଚନ୍ଦ୍ରକୁ ଯାଇଥିଲା।

## ଅଙ୍କୁର ବିଚାର

# ପଲିଥିନ୍ ବ୍ୟବହାର ରୋକିବା



ଗାଁରେ ଆମର ଗୋଟେ ଗାଈ ଅଛି-ନାଁ ତା'ର ମାଣିକ। ସେ ଆମ ସମସ୍ତଙ୍କର ବହୁତ ଗେହ୍ଲା। ସବୁଦିନ ସକାଳୁ ଆଈ ତାକୁ ଖାଇବା ଦେବାପରେ ବାହାରକୁ ଛାଡ଼ିଦିଏ ଚରିବା ପାଇଁ। ଦିନେ ତା'ର ଦେହ ବହୁତ ଖରାପ ହେଲା। ପେଟ ଫୁଲିବାକୁ ଲାଗିଲା। ଡାକ୍ତର ଡାକି ଚିକିତ୍ସା ପରେ ଜଣାପଡ଼ିଲା ଆମ ମାଣିକ ପଲିଥିନ୍ ଖାଇଦେଇଛି। ପ୍ରାୟ ଏକ କେଜି ପଲିଥିନ୍ ତା' ପେଟରୁ ବାହାରିଲା। ଆମେ ସମସ୍ତେ ବହୁ ଚିନ୍ତାରେ ରହିଲୁ ତା'ର ଦେହ ଠିକ୍ ହେବା ଯାଏ। ସେଥିପାଇଁ ମନରେ ସବୁବେଳେ ପ୍ରଶ୍ନ ଆସେ ସରକାରଙ୍କଦ୍ୱାରା ହେଉଥିବା ନିୟମ କ'ଣ କେହି ମାନୁ ନାହାନ୍ତି? ପଲିଥିନ୍ ବ୍ୟାନ୍ ଘୋଷଣା କରାଯାଇଛି ସତ କିନ୍ତୁ ଏହାକୁ କେହି ମାନୁ ନାହାନ୍ତି। ଚାରିଆଡ଼େ ପଲିଥିନ୍ ମାଳ ମାଳ ହୋଇ ପଡ଼ି ରହୁଛି, ଯାହାଦ୍ୱାରା ପଲିଥିନ୍ ପ୍ରଦୂଷଣ ବଢୁଛି। ନଦୀ, ନାଳ, ପଡ଼ିଆ ସବୁଆଡ଼ ପଲିଥିନ୍‌ମୟ। ଲୋକମାନଙ୍କ ଅବହେଳା ଗୋରୁଗାଈଙ୍କ ଦେହକୁ ଅସୁସ୍ଥ କରୁଛି। ଏମିତିକି ବହୁ ପଶୁପକ୍ଷୀ ମୃତ୍ୟୁବରଣ କରୁଛନ୍ତି। ଆମେ କ'ଣ ତା' ବଦଳରେ କାଗଜ ବ୍ୟାଗ୍, କପଡ଼ା ବ୍ୟାଗ୍ ବ୍ୟବହାର କରିପାରିନି କି? ସମସ୍ତେ ଏଥିପ୍ରତି ଟିକେ ସଜାଗ ହେବାକୁ ପଡ଼ିବ। ଆମ ଭଳି ପଶୁପକ୍ଷୀଙ୍କର ମଧ୍ୟ ପିଲାପରିବାର ଅଛନ୍ତି। ସେମାନଙ୍କ କଥାକୁ ଆମକୁ ଚିନ୍ତା କରିବାକୁ ପଡ଼ିବ। ଆଜିଠାରୁ କପଡ଼ା ଓ କାଗଜ ବ୍ୟାଗ ବ୍ୟବହାର କରିବା ଆରମ୍ଭ କରିଦେବା।

**- ସୋନାକ୍ଷୀ ସାମଲ, ଅଷ୍ଟମ ଶ୍ରେଣୀ**
**ଜୟଦେବ ଶିଶୁ ମନ୍ଦିର, ସିଆର୍‌ପି, ଭୁବନେଶ୍ୱର**

# ବିଲୁପ୍ତି ଅଭିମୁଖେ ଜଳଚର ଜୀବ

ପରିବେଶ ପତ୍ରିକା 'ନେଚର୍'ରେ ପ୍ରକାଶିତ ଏକ ପରିସଂଖ୍ୟାନ ଜୀବବିଜ୍ଞାନୀମାନଙ୍କୁ ବିବ୍ରତ କରିଛି। ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ପୃଥିବୀର ମଧୁରଜଳରେ ରହୁଥିବା ପ୍ରାୟ ୨୫ ପ୍ରତିଶତ ପ୍ରାଣୀ ବିଲୁପ୍ତ ହୋଇଯିବାର ଆଶଙ୍କା ଦେଖାଯାଇଛି। ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂଘ (ଆଇୟୁସିଏନ୍) ଦ୍ୱାରା ମାଛ ସମେତ ଚିଙ୍ଗୁଡ଼ି ଓ କଙ୍କଡ଼ା ପରି କଠିନ ଆବରଣଯୁକ୍ତ ଜଳଚର ପ୍ରାଣୀ ଏବଂ କଙ୍କି ପରି ପତଙ୍ଗଙ୍କ ସମେତ ୨୩,୪୯୬ ଜାତିର ଜୀବଙ୍କର ସ୍ଥିତିକୁ ପର୍ଯ୍ୟବେକ୍ଷଣ କରି ଏପରି ନିର୍ଯାସ ମିଳିଛି। ଏହି ଚିନ୍ତାଜନକ ଫଳାଫଳ ପର୍ଯ୍ୟାବରଣ ପ୍ରଣାଳୀର ଏହି ଗୁରୁତ୍ୱପୂର୍ଣ୍ଣ ଜାତିର ସଂରକ୍ଷଣର ଗୁରୁତ୍ୱକୁ ଉତ୍ଥାପନ କରିଛି। ପ୍ରଦୂଷଣ ସାଙ୍ଗକୁ ବନ୍ଧ ଜଳ ନିଷ୍କାସନ ଏବଂ କୃଷିରେ କୀଟନାଶକ ପ୍ରୟୋଗ ଯୋଗୁଁ ୩୦ ପ୍ରତିଶତ କଙ୍କଡ଼ା ଜାତୀୟ ପ୍ରାଣୀ, ୨୬ ପ୍ରତିଶତ ମାଛ ଓ ୧୬ ପ୍ରତିଶତ କଙ୍କିଜାତୀୟ ଉଡ଼ନ୍ତା ପତଙ୍ଗ ସବୁଠୁ ଅଧିକ ବିପନ୍ନ ହୋଇପଡ଼ିଥିବା କୁହାଯାଇଛି। ଏହିସବୁ ପ୍ରାଣୀ ମୁଖ୍ୟତଃ ହ୍ରଦ, ନଦୀ ଓ ଆର୍ଦ୍ରଭୂମି ପରି ମଧୁରଜଳ ଇଲାକାରେ ରହି ଆସୁଥିବା ବେଳେ ୧୯୭୦ ପରଠାରୁ ଏହି ମଧୁରଜଳ ଅଞ୍ଚଳ ଆକାରରେ ପ୍ରାୟ ଏକ-ତୃତୀୟାଂଶ ହ୍ରାସ ଘଟିଛି। ଆଫ୍ରିକାର ଭିକ୍ଟୋରିଆ ହ୍ରଦ ଓ ଦକ୍ଷିଣ ଆମେରିକାର ଟିଟିକାକା ହ୍ରଦ ଏହିସବୁ ବିପନ୍ନ ପ୍ରାଣୀଙ୍କ ମୁଖ୍ୟ ଇଲାକା ହୋଇଥିବା ଜଣାଯାଇଛି। ଉଭୟ ହ୍ରଦରେ ପ୍ରଦୂଷଣ ଓ ମାତ୍ରାଧିକ ମାଛଧରା ଯୋଗୁଁ ଏପରି ଜଳଚର ପ୍ରାଣୀଙ୍କ ପାଇଁ ସଂକଟଜନକ ସ୍ଥିତି ଉପୁଜିଛି। ବିଶେଷ କରି ଅଙ୍ଗାର ଆହରଣ ଓ ଖାଦ୍ୟ ସମ୍ବଳ ପରି ଅତ୍ୟାବଶ୍ୟକ ସେବା ପାଇଁ ଏହି ସବୁ ମଧୁରଜଳ ପ୍ରାଣୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ସେମାନଙ୍କର ଏଭଳି ବିପନ୍ନ ସ୍ଥିତି ପରିବେଶ ସନ୍ତୁଳନରେ ବିଭ୍ରାଟ ଆଣିବ ବୋଲି ଜୀବବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। ସେମାନଙ୍କ ଭିତରୁ ପ୍ରାୟ ୯୦ ପ୍ରକାର ଜାତିର ପ୍ରାଣୀ ବିଲୁପ୍ତ ହୋଇ ସାରିଥିବା ବେଳେ ବଳକା ପ୍ରାଣୀଙ୍କର ସଂରକ୍ଷଣ ଜରୁରି ହୋଇପଡ଼ିଛି।



## ଚରମ ବିପଦରେ ୨୫ ପ୍ରତିଶତ

## ଛୋଟ ଛୋଟ ପରିବର୍ତ୍ତନ ଦ୍ୱାରା ପରିବେଶ ସୁରକ୍ଷା

# ସମୟର ଆହ୍ୱାନ



ଅଙ୍ଗାରକାମ୍ଳ ନିର୍ଗମନ ଦ୍ୱାରା ପ୍ରେରିତ ତାପମାତ୍ରା ବୃଦ୍ଧି ଜନିତ ଜଳବାୟୁ ପରିବର୍ତ୍ତନ ସ୍ଥିତିକୁ କୌଣସିମତେ ଧିମେଇ ଆଣିବା ହେଉଛି ସମୟର ଆହ୍ୱାନ। ସେଥିପାଇଁ ଅଙ୍ଗାରକାମ୍ଳ ନିର୍ଗମନରେ ହ୍ରାସ ନିମନ୍ତେ କିଛି ବ୍ୟକ୍ତିଗତ ଉଦ୍ୟମ ସହାୟକ ହୋଇପାରିବ। ବିଗତ ୨୦୨୪ରେ ପ୍ରଥମଥର ପାଇଁ ପ୍ରାକ୍ ଶିଳ୍ପଯୁଗ ତାପମାତ୍ରା ବୃଦ୍ଧିର ୧.୫ ଡିଗ୍ରି ସେଲସିଅସ୍ ପରି ଚରମ ସୀମାରେଖା ବର୍ଷ ତମାମ ଉଲ୍ଲଂଘନ ହୋଇଛି। ସୁତରାଂ ବିଶ୍ୱସ୍ତରୀୟ ଅଙ୍ଗାରକାମ୍ଳ ନିର୍ଗମନକୁ ଦ୍ରୁତ ବେଗରେ କମାଇବା ଜରୁରି ହୋଇପଡ଼ିଛି। ଅକ୍ଷୟ ଶକ୍ତିର ବୃଦ୍ଧିଠାରୁ ଆରମ୍ଭ କରି ତୈଳ, ଗ୍ୟାସ ଓ କୋଇଲା ଉତ୍ପାଦନ ବନ୍ଦ ଯାଏ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଆବଶ୍ୟକ ହେଉଥିବା ଅନେକ ପଦକ୍ଷେପ ବ୍ୟକ୍ତିଗତ ସ୍ତରରେ ଯଦିଓ ଅସମ୍ଭବ ମନେହୁଏ, ତେବେ କିଛି ବ୍ୟକ୍ତିଗତ କାର୍ଯ୍ୟ ଏ ଦିଗରେ ସକାରାତ୍ମକ ପ୍ରଭାବ ପକାଇବ। ଆକଳନ ଅନୁଯାୟୀ ଆମ ଖାଦ୍ୟରେ ମାଂସର ଚାହିଦା ଯୋଗୁଁ ୨୦୩୩ ମସିହା ବେଳକୁ ପୃଥିବୀରେ ୨୦୦ କୋଟି ଗୋସମ୍ପଦ, ୧୦୦ କୋଟି ଘୁଷୁରି, ୩,୨୦୦ କୋଟି କୁକୁଡ଼ା ଓ ପାଖାପାଖି ୩୦୦ କୋଟି ଛେଳି ଓ ମେଣ୍ଢାର ଆବଶ୍ୟକତା ପଡ଼ିବ। ପାଖାପାଖି ୩,୮୦୦ କୋଟି ପ୍ରାଣୀଙ୍କ ଦ୍ୱାରା ବିପୁଳ ପରିମାଣର ମିଥେନ୍ ଓ ନାଇଟ୍ରସ୍ ଅକ୍ସାଇଡ୍ ପରି ସବୁଜଗୃହ ବାଷ୍ପ ବାୟୁମଣ୍ଡଳରେ ମିଶିବ, ଯାହା ଅଙ୍ଗାରକାମ୍ଳ ତୁଳନାରେ ଯଥାକ୍ରମେ ୨୮ ଓ ୨୬୫ ଗୁଣ ଅଧିକ ତାପମାତ୍ରା ବଢ଼ାଇବ। ତେଣୁ ଏଥିଜନିତ ବିଶ୍ୱ ଉତ୍ତପ୍ତୀକରଣକୁ ରୋକିବା ପାଇଁ ଆମକୁ ଯଥାସାଧ ନିରାମିଷ ଭୋଜନ ଆପଣେଇବା ଉଚିତ ହେବ। ସାଧାରଣତଃ ଆମିଷାଶୀଙ୍କ ତୁଳନାରେ ନିରାମିଷାଶୀମାନେ କମ୍ ଜଳ ବ୍ୟବହାର କରିଥା'ନ୍ତି ଯାହା ଜୈବବିବିଧତା ପାଇଁ ଅନୁକୂଳ। ସେହିପରି ବିମାନ ଚଳାଚଳ ଯୋଗୁଁ ଅଧିକ ଅଙ୍ଗାର ବାୟୁମଣ୍ଡଳରେ ମିଶୁଛି। ତେଣୁ ବ୍ୟକ୍ତିଗତ ସ୍ତରରେ ବିମାନଯାତ୍ରା କମାଇ ଯଥା ସମ୍ଭବ ଟ୍ରେନ୍ ବା ବସ୍‌ରେ ଯାତ୍ରାକଲେ ସେଥିରୁ ପରିବେଶକୁ କିଛି ମାତ୍ରାରେ ଲାଭ ମିଳିବ। ସେହିପରି ପ୍ରଦୂଷଣ ନିର୍ଗମନର ୮ରୁ ୧୦ ପ୍ରତିଶତ ପାଇଁ ଦାୟୀ ହେଉଛି ଫ୍ୟାସନ୍ ଶିଳ୍ପ। ତଜ୍ଜନିତ ଅଙ୍ଗାର ନିର୍ଗମନ ହ୍ରାସ ପାଇଁ କମ୍ ବସ୍ତ୍ର ବ୍ୟବହାର ଉପରେ ଗୁରୁତ୍ୱ ଦେବା ଉପାଦେୟ। ତେଣୁ ପୁରୁଣା ପୋଷାକକୁ ପ୍ରାଧାନ୍ୟ ଦେଇ ଅଳ୍ପ ନୂତନ ବସ୍ତ୍ର କିଣିବା ଠିକ୍ ହେବ।

ଘରେ ପୋଷାପ୍ରାଣୀ ପାଳିବା ସବୁବେଳେ ପରିବେଶ ଅନୁକୂଳ ନୁହେଁ। କାରଣ ଗୋଟିଏ ପୋଷାଜୀବ ତାହାର ଜୀବନକାଳ ଭିତରେ ହାରାହାରି ୩ ଟନ୍ ଅଙ୍ଗାରକାମ୍ଳ ଛାଡ଼ିଥାଏ। ସେମାନଙ୍କୁ ମାଂସ ଭିନ୍ନ ଅନ୍ୟ ଖାଦ୍ୟରେ ଅଭ୍ୟସ୍ତ କରି ପାରିଲେ ଏହି ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରାଯାଇପାରେ। ସେହିପରି ଘରେ ଗ୍ୟାସ୍ ବା କାଠ ପରି ଜାଳେଣି ବଦଳରେ ସୌରଶକ୍ତି ପରି ବିକଳ୍ପ ଉତ୍ସର ବ୍ୟବହାର କଲେ ମଙ୍ଗଳ ହେବ।

ଜୀବାଶ୍ମ ଜାଳେଣିରୁ ଉତ୍ପନ୍ନ ରାସାୟନିକ ପଦାର୍ଥରେ ହିଁ ୯୯ ପ୍ରତିଶତ ପ୍ଲାଷ୍ଟିକ୍ ପ୍ରସ୍ତୁତ ହୋଇଥାଏ। ତେଣୁ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ୍‌ର ବ୍ୟବହାରକୁ କମାଇ ଦେଇ ମଧ୍ୟ ସେ ଦିଗରେ କିଛି ଲାଭ ମିଳିପାରିବ।



# ଅଙ୍ଗନବାଡି କର୍ମଚାରୀଙ୍କ ବିଶାଳ ଶୋଭାଯାତ୍ରା




କନ୍ଧମାଳ,୧୨।୧୦ (ସଂଚାର ବ୍ୟୁରୋ): ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଅଲ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ କନ୍ଧମାଳ ଶାଖା ପକ୍ଷରୁ କର୍ମଚାରୀ ମାନଙ୍କର ଦୀର୍ଘଦିନର ସମସ୍ୟା ଗୁଡ଼ିକ ସରକାରଙ୍କ ଦୃଷ୍ଟିଗୋଚର କରିବା ଓ ଏହାର ସମାଧାନ କରିବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ କନ୍ଧମାଳ ରେ ଜିଲାପାଳ ଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ କେବଳ ମଜୁରୀ କିମ୍ବା ସେବା ସର୍ତ୍ତାବଳୀ ମଧ୍ୟରେ ସୀମିତ ନୁହେଁ। ଏଗୁଡ଼ିକ ସାମାଜିକ ସୁରକ୍ଷା, ଶ୍ରମର ମର୍ଯ୍ୟାଦା, ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା, ଉଚିତ ପାରିଶ୍ରମିକ, ନିରାପଦ କାର୍ଯ୍ୟ ପରିବେଶ, କର୍ମଚାରୀ ଓ ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷା ସହିତ ଜଡ଼ିତ। ଦୀର୍ଘ ଦିନର ଦାବୀ ମଧ୍ୟରେ ପଞ୍ଚାବନ ବର୍ଷରେ ଚାକିରୀର ସମୀକ୍ଷା ଓ ଛଟେଇ ନୀତି ବନ୍ଦ, ଅଙ୍ଗନବାଡି ବିଭାଗ ଆଉଗରୁ ଏଭଳି ନୀତି ନାହିଁ ବା କୌଣସି ବିଭାଗରେ ଲାଗୁ ହେଉ ନାହିଁ। ଆମ ମାନଙ୍କୁ ସିଧା ସଳଖ ୬୦ ବର୍ଷ ପରିବର୍ତ୍ତେ ୬୨ ବର୍ଷ ପର୍ଯ୍ୟନ୍ତ ଚାକିରୀ ନିୟମ ଲାଗୁ କରାଯାଉ। ଖାଡିଏ ବର୍ଷରୁ ୬୨ ବର୍ଷ ବୃଦ୍ଧି କ୍ଷେତ୍ରରେ କର୍ମୀ ମାନଙ୍କୁ ହଇରାଣ କରାଯାଉଛି। ଅଙ୍ଗନୱାଡ଼ି ଓ ସହାୟିକା ମାନଙ୍କୁ କର୍ମଚାରୀ ମାନ୍ୟତା, ସମ୍ମାନ ଜନକ ବେତନ ପ୍ରଦାନ, ଅବସର କାଳୀନ ଗ୍ରାଚ୍ୟୁଇଟି ଦଶ ଲକ୍ଷ, କାର୍ଯ୍ୟକ୍ଷେତ୍ରରେ ମୃତ୍ୟୁ ହେଲେ ଦଶ ଲକ୍ଷ ଟଙ୍କା ସହାୟତା ଓ ପରିବାରର ଜଣକୁ ନିଯୁକ୍ତି ଏବଂ ଯୋଗ୍ୟତା ଭିତ୍ତିରେ ପ୍ରମୋସନ ଦାବୀ କରାଯାଇଛି। ଦୁଇ ବର୍ଷ ତଳେ ଗତ ନିର୍ବାଚନରେ ଦିଆ ଯାଇଥିବା ପ୍ରତିଶୃତି ମୁତାବକ ୨୦୨୪ ମସିହାରୁ ଅଙ୍ଗନୱାଡ଼ି ଓ ସହାୟିକାଙ୍କ ମାନଦେୟ ବୃଦ୍ଧି କରିବା ଦାବୀପତ୍ରରେ ଉଲ୍ଲେଖ ରହିଛି। ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ସମସ୍ତ କର୍ମଚାରୀଙ୍କ ଭଳି 'ସମାନ କାମ ପାଇଁ ସମାନ ଦରମା' ଲାଗୁ କରାଯାଉ। ସରକାରୀ ମାନ୍ୟତା ନ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ଟ.୩୦, ୦୦୦/- ଓ ସହାୟିକାଙ୍କର ୧୮, ୦୦୦କୁ ବୃଦ୍ଧି କରାଯାଉ।ଆମକୁ 'ଆୟୁଷ୍ମାନ ଭାରତ ଯୋଜନା' ସହିତ ସଂଯୋଗ କରାଯାଉ। ଏହି ଶୋଭାଯାତ୍ରାରେ ଭାରତୀୟ ମଜଦୁର ସଂଘର ସଭାପତି ଅଶୋକ ପରିଡା, ଗୋପାଳ ବେହେରା, କାହ୍ନୁ ବେହେରାଙ୍କ ସହ ଅଙ୍ଗନବାଡି ଜିଲା ସଭାପତି ଶର୍ମିଷ୍ଠା ନାୟକ ଓ ବିଭିନ୍ନ ବ୍ଲକର ସମ୍ପୃକ୍ତ ଜେନା ରାଗରାଣୀ ପ୍ରଧାନ ରଶ୍ମୀ ନାୟକ, ଆରତୀ ବେହେରା, ମୀରା ସାହୁ, ମାଳାସିନୀ ନାୟକ, ଜ୍ୟୋସ୍ନାରାଣୀ ପ୍ରଧାନ, କୁମୁଦିନୀ କହଁର, ନମିତା ବେହେରା, ଦିବ୍ୟ ଦିଗାଲ, ପ୍ରଭାସିନୀ ସାହୁ, ସୁଜାତା ଦାସ, ସରସ୍ୱତୀ ସାହୁ, ଶ୍ୟାମା ନାୟକ, ସୁନନ୍ଦା ବେହେରା କୁନି ସାହୁ, ସନ୍ତୋଷୀ ମଲିକ ଗୀତାଞ୍ଜଳୀ ପାଲଙ୍କ ସହ ଚାରି ହଜାରରୁ ଅଧିକ କର୍ମୀ ଓ ସହାୟିକା ଏହି ଆନ୍ଦୋଳନରେ ଭାଗ ନେଇଥିଲେ।

ସେବା ସଂକଳ୍ପ ଅଭିଯାନ ଅବସରେ

## ମହିଳା ବାଇକ୍ ଚାଳକଙ୍କୁ ହେଲମେଟ ବଣ୍ଟନ



ଧାମନଗର,୧୨।୧୦ (ସଂଚାର ବ୍ୟୁରୋ): ଧାମନଗର ସେବା ସଂକଳ୍ପ ଅଭିଯାନ ଅବସରରେ ମହିଳା ବାଇକ୍ ଚାଳକମାନଙ୍କୁ ହେଲମେଟ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ପୂର୍ବାହ୍ନରେ ଧାମନଗର ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ପ୍ରାୟ ଶହେ ମହିଳା ବାଇକ ଚାଳକମାନଙ୍କୁ ହେଲମେଟ ପ୍ରଦାନ କରାଯାଇଥିଲା। ଦୁର୍ଘଟଣା ସମୟରେ ମୁଣ୍ଡକୁ ସୁରକ୍ଷା ଦେବା ସହ ସଡ଼କ ଦୁର୍ଘଟଣାଜନିତ ଗୁରୁତର ଆଘାତରୁ ରକ୍ଷା ପାଇବା ପାଇଁ ହେଲମେଟର ବ୍ୟବହାର ଅତ୍ୟନ୍ତ ଜରୁରୀ। ଏହି ପଦକ୍ଷେପ ମହିଳା ବାଇକ୍ ଚାଳକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ସହ ହେଲମେଟ ପିନ୍ଧି ଗାଡ଼ି ଚଳାଇବା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି। ଏହି ଅବସରରେ ମନ୍ତ୍ରୀଙ୍କ ନଗର ପ୍ରତିନିଧି ଆଶୋକ ପ୍ରଧାନ, ବ୍ଲକ ପ୍ରତିନିଧି ଆଶୋକ ପ୍ରଧାନ, ଏସ ଡି ପି ଓ ବିଷ୍ଣୁ ଚରଣ ବାରିକ, ଧାମନଗର ଥାନ ଆଇ ଆଇ ସି ସୁବ୍ରତୀତ ଦାସ, ଏମ ଭି ଆଇ ଶୁଭେନ୍ଦୁ ରଞ୍ଜନ ରାଏ, ଆର ଟି ଓ ପ୍ରିୟା ପ୍ରଧାନ, ବିଡ଼ିଓ ବନବିହାରୀ ଦାନ୍ଦା ଙ୍କ ସମେତ ବହୁ ସାଧାରଣ ଲୋକ ଉପସ୍ଥିତ ଥିଲେ। ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କ ସୁରକ୍ଷା ଓ ସଚେତନତାକୁ ଗୁରୁତ୍ୱ ଦେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାରୁ ଏହାକୁ ଧାମନଗର ଅଞ୍ଚଳରେ ସ୍ୱାଗତ କରାଯାଇଛି।

## ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ



ବାଲିଆପାଳ,୧୨।୧୦ (ସଂଚାର ବ୍ୟୁରୋ): ବ୍ଲକର ଅନ୍ୟତମ ପୁରାତନ ହାଇସ୍କୁଲ ପଟୁଲୋଚନ ଉଚ୍ଚ ବିଦ୍ୟାଳୟ, ଜଗାଇ ନିଜର ଗୌରବମୟ ୭୯ ବର୍ଷ ଅତିକ୍ରମ କରି ପ୍ଲାଟିନମ୍ ଜୁବୁଲି ପାଳନ କରିବାକୁ ଯାଉଛି। ଏହି ଐତିହାସିକ ଉତ୍ସବକୁ ସଫଳ, ସୁନ୍ଦର ତଥା ସ୍ମରଣୀୟ କରିବା ପାଇଁ ଶନିବାର ବିଦ୍ୟାଳୟ ପରିସରରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଦ୍ୟାଳୟ ର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମିହିର କୁମାର ଦତ୍ତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ର ବର୍ତ୍ତମାନର ପ୍ରଧାନଶିକ୍ଷକ ଅଜୟ କୁମାର ବେହେରା ପ୍ଲାଟିନମ୍ ଜୁବୁଲି ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଦେଇଥିଲେ। ବୈଠକ ରେ ଉପସ୍ଥିତ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଶିକ୍ଷକ ଦଶରଥ ରାଉତ, ଉପେନ୍ଦ୍ର ପଣ୍ଡା, ଅସିତ୍ କୁମାର ଦାସ, ନାରାୟଣ ବିଶ୍ୱାଳ ଉତ୍ସବ ପାଳନ ସମ୍ପର୍କରେ ସେମାନଙ୍କର ମତବ୍ୟକ୍ତ କରିଥିଲେ। କୋଡ଼ିଏଟି ବ୍ୟାଚର ପ୍ରାୟ ଷାଠିଏ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏଇ ବୈଠକରେ ଯୋଗଦେଇ ବିଦ୍ୟାଳୟର ଐତିହାସିକ ତଥା ଗୌରବମୟ ଅତୀତକୁ ସ୍ମରଣ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କଳ୍ପ ନେବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିବା ସହିତ ଆସନ୍ତା ନଭେମ୍ବର ତଉଦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବୈଠକରେ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦାନ କରିବାର ଆଶା ରଖାଯାଇଛି।

## ଯୁଗ୍ମ ଅଭିଯୋଗ ଶୁଣାଣି: ୫୯ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୧୨।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧୀକ୍ଷକ ଶ୍ରୀ ନାରାୟଣ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଏହି ଶିବିରରେ ସର୍ବମୋଟ ୫୯ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୪ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ଦରଖାସ୍ତ ଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମ୍ଆରଏଫ୍) ସମ୍ବନ୍ଧୀୟ ୨ଟି ଏବଂ ରେଡ୍‌କ୍ରସ୍ ପାଣ୍ଠି ସମ୍ବନ୍ଧୀୟ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଗୋଟିଏ ଦରଖାସ୍ତର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ସମସ୍ତ ଦରଖାସ୍ତଗୁଡ଼ିକର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶ୍ରୀ ଅଶ୍ୱିନୀ ମେହେର ଓ ଅତିରିକ୍ତ ତହସିଲଦାର ରୋହିତ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ସହକାରୀ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମହେଶ୍ୱର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ବିଦ୍ୟୁତ୍ ପରିଷଦ ଆଲୋଚନା ଚକ୍ର

ସୁବର୍ଣ୍ଣପୁର,୧୨।୧୦ (ସଂଚାର ବ୍ୟୁରୋ): ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଠାରେ ଜିଲ୍ଲା ବିଦ୍ୟୁତ୍ ପରିଷଦ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଥନ ରଖିଥିଲେ। କମିଟିର ସଂପାଦକ ଶାନ୍ତନୁ କୁମାର ଆଚାର୍ଯ୍ୟ ଓ ସଦସ୍ୟା ଶ୍ରୀମତୀ ପ୍ରଣତି କୁମାର ଉପସ୍ଥିତ ଥିଲେ। ସ୍ଥାନୀୟ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସୁଭାସ ଚନ୍ଦ୍ର ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ପ୍ରତ୍ୟେକ ଶିଶୁ ମନ୍ଦିରରୁ ଆଚାର୍ଯ୍ୟ / ଆଚାର୍ଯ୍ୟା ଓ ସହରରେ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ଜଣେ



ମୁଖ୍ୟ ବକ୍ତା ଡ. ଅନିରୁଦ୍ଧ କୁରକୁରିଆ ପଞ୍ଚ ପରିବର୍ତ୍ତନ ବିଷୟରେ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ସଭାପତି ଡ. ହରପ୍ରସାଦ ମିଶ୍ର ଉପସ୍ଥିତ ରହି ପଞ୍ଚ ପରିବର୍ତ୍ତନ ଉପରେ ଦିଗଦର୍ଶନ ଦେଇଥିଲେ। ଜିଲ୍ଲା ପ୍ରମୁଖ ଶ୍ରୀଯୁକ୍ତ ବିଭୂତି ଭୂଷଣ ଓଝା ଉଦ୍ଦେଶ୍ୟରେ ଲେଖାଏଁ, ପ୍ରତି ଶିଶୁ ମନ୍ଦିରରେ ଗଠିତ ହୋଇଥିବା ବିଦ୍ୟୁତ ପରିଷଦରୁ ଜଣେ ଜଣେ ଆସି ପଞ୍ଚ ପରିବର୍ତ୍ତନ ଉପରେ ପ୍ରତିନିଧିତ୍ୱ କରିଥିଲେ। ମୋଟ ୧୦୦ ଜଣ ଉପସ୍ଥିତ ଥିଲେ। ଶେଷରେ ବିଭାଗ ନିରୀକ୍ଷକ ଜୟ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦ୍‌ଯାପିତ ହେଲା ଚତୁର୍ଥ ବାର୍ଷିକ 'ମା' କନକଦୁର୍ଗା ମହୋତ୍ସବ'



ବାଲିପାଟଣା,୧୨।୧୦(ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବାରଲେପୁରଠାରେ 'ଆଦର୍ଶ ଯୁଥ୍ ଫାଉଣ୍ଡେସନ ଟ୍ରଷ୍ଟ' ଆନୁକୂଲ୍ୟରେ ଏବଂ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଦୁଇ ଦିନିଆ ଚତୁର୍ଥ ବାର୍ଷିକ 'ମା' କନକଦୁର୍ଗା ମହୋତ୍ସବ' ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଗତ ଅକ୍ଟୋବର ୧୦ ଏବଂ ୧୧ ତାରିଖ, ଦୁଇ ଦିନ ଧରି ମହାସମାରୋହରେ ଅନୁଷ୍ଠିତ ଏହି ସାଂସ୍କୃତିକ ମହୋତ୍ସବରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଆଦର୍ଶ ଯୁଥ୍ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁରେଶ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କବି ଭଗବାନ ସାହୁ, ଶିକ୍ଷାବିତ୍ ମୁରଲୀଧର ସାହୁ, ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଏବଂ ପ୍ରକୃତି ବନ୍ଧୁ ଦାନବନ୍ଧୁ ଭୋଇ ପ୍ରମୁଖ ଯୋଗଦେଇ ଟ୍ରଷ୍ଟର ଏଭଳି ସାମାଜିକ ତଥା ସାଂସ୍କୃତିକ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।ଆଶୁତୋଷ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ରାକେଶ କୁମାର ନାୟକ, କୋଷାଧ୍ୟକ୍ଷ ଗୁରୁପ୍ରସାଦ ଦାସ ଏବଂ ଟ୍ରଷ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଟେଲି ମାନସ କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୧୨।୧୦(ସଂଚାର ବ୍ୟୁରୋ): ଜିଲ୍ଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ସୋମବାର ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ଉପଲକ୍ଷେ ଟେଲି ମାନସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ବଡ଼ଗାଁ ଜନ ସ୍ୱାସ୍ଥ୍ୟ ଅଧିକାରୀ ଚିତ୍ତରଞ୍ଜନ ସାହୁ ବିଷୟ ବିଶାରଦ ଭାବେ ଯୋଗଦେଇଥିଲେ। ଆରମ୍ଭ ରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ ଏବଂ କହିଥିଲେ ସୁସ୍ଥ ମାନସିକ ସ୍ଥିତି ର ଭିତ୍ତି ସ୍ଥାପନା ନାଗାଇ ସୁସ୍ଥ ଜୀବନର ପରିକଳ୍ପନା କରାଯାଇନପାରେ। ପାଶ୍ଚାତ୍ୟ ସଭ୍ୟତାର ବଶବର୍ତ୍ତୀ ହୋଇ ବର୍ତ୍ତମାନ ଭାରତୀୟ ସଭ୍ୟତା, ସଂସ୍କୃତି ର ବିଲୟ ହେଉଥିବା ସମୟରେ ପରିଣାମ ସ୍ୱରୂପ ଶତକଡା ୯୦ ପ୍ରତିଶତ ବ୍ୟକ୍ତି ଙ୍କ ଠାରେ ମାନସିକ ବିଷାଦ ପରିଲକ୍ଷିତ ହୋଇଥାଏ। ଏଣୁ ମାନସିକ ସ୍ୱାସ୍ଥ୍ୟ ସଚେତନତା ଅନିବାର୍ଯ୍ୟ ହୋଇଉଠିଛି। ବିଷୟ ବିଶାରଦ ଚିତ୍ତରଞ୍ଜନ ସାହୁ ମାନସିକ ଚାପ ର ବିଭିନ୍ନ କାରଣ ଓ ପ୍ରଭାବ ଉପରେ ଗଭୀର ଭାବେ ଆଲୋଚନା କରି ତାର ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସେ କହିଥିଲେ, ସୁନ୍ଦର ଜୀବନଚର୍ଯ୍ୟା ସହିତ ଯୌଗିକବନ୍ଧ ହୋଇ ଯୋଗ ପ୍ରାଣାୟାମ ଆଦି କୁ ଆପଣାଇଲେ ମାନସିକ ବିଷାଦ ରୁ ମୁକ୍ତି ମିଳିବ ଏବଂ ଟେଲି ମାନସ ର ହେଲ୍ପ ଲାଇନ ନମ୍ବର ୧୪୪୧୬ ରେ ଯେ କୌଣସି ବ୍ୟକ୍ତି ଯୋଗାଯୋଗ କରିଲେ ନିଶ୍ଚିତ ସହାୟତା ର ସୁଯୋଗ ରହିଛି।

## ଦୋକାନରୁ ଦେଢ଼ ଲକ୍ଷ ଲୁଟ୍, ଜଣେ ଗିରଫ

ହାଟଡିହୀ/ଛେନାପଦୀ,୧୨।୧୦ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ହାଟଡିହୀ-ଜଳକଳଙ୍ଗ ବଜାରରେ ବ୍ୟାଙ୍କ ନିକଟରେ ଥିବା ଏକ ଗ୍ରୋସରୀ ଦୋକାନରୁ ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ସୋମବାର ନନ୍ଦିପଦା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୬୫ ହଜାର ଟଙ୍କା ଜବତ କରିଛି। ଏନେଇ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବେଡିରା ଗ୍ରାମର ଦୀପରଞ୍ଜନ ପାତ୍ରୀ ହାଟଡିହୀ-ଜଳକଳଙ୍ଗ ବଜାରରେ ବ୍ୟାଙ୍କ ନିକଟରେ ଏକ ଗ୍ରୋସରୀ ଦୋକାନ କରିଛନ୍ତି। ଗତ ରବିବାର ରାତିରେ ଜଳକଳଙ୍ଗ ଗ୍ରାମର ସଞ୍ଜୟ ସେଠୀ (୨୪) ଦୋକାନର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ସେଠାରେ ଲାଗିଥିବା ସେଲୁମ୍ୟାନ୍‌କୁ ଛୁରି ଦେଖାଇ ଭୟଭୀତ କରିବା ପରେ କ୍ୟାସ୍ ଡ୍ରୟରରୁ ନଗଦ



ଦେଢ଼ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ଦୋକାନ ମାଲିକ ଦୀପରଞ୍ଜନ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ ୩୭୬/୨୦୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ନର୍ଲାରେ ବଢ଼ୁଛି ରାଜନୈତିକ ସକ୍ରିୟତା

# ଛାତ୍ର ସଂସଦ ନିର୍ବାଚନରୁ ବାଜିବ ବିଗୁଲ୍

ମ.ରାମପୁର/ନର୍ଲା,୧୨।୧୦ (ସଂଚାର ବ୍ୟୁରୋ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ନର୍ଲା ନିର୍ବାଚନମଣ୍ଡଳୀରେ ଧୀରେ ଧୀରେ ରାଜନୈତିକ ଗତିବିଧି ବଢ଼ିବାରେ ଲାଗିଛି। ନିର୍ବାଚନକୁ ଆଉରି କିଛି ସମୟ ଥିଲେ ମଧ୍ୟ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ କର୍ମୀମାନେ ନିଜ ନିଜ ସଂଗଠନକୁ ସକ୍ରିୟ କରିବା ସହ ଗ୍ରାମାଞ୍ଚଳରେ ଜନସମ୍ପର୍କ ବଢ଼ାଇବାରେ ଲାଗିଛନ୍ତି। ଏହା ଫଳରେ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ମଧ୍ୟ ଦେଖିବାକୁ ମିଳୁଛି।ବିଜେପି, ବିଜେଡି ଦଳର କର୍ମୀମାନେ ନିଜ ନିଜ ଅଞ୍ଚଳରେ ବୈଠକ, ଆଲୋଚନା ଓ ଜନସମ୍ପର୍କ କାର୍ଯ୍ୟକ୍ରମ କରୁଥିବା ଜଣାପଡୁଛି। ଅଥଚ କଂଗ୍ରେସ ଦଳର ସାଙ୍ଗଠନିକ ସ୍ଥିତି ଟିକେ ଦୁର୍ବଳ ଥିବା ଜଣା ଅନୁମେୟ ହେଉଛି।ତେବେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ପାଇଁ ତଳସ୍ତରର ସଂଗଠନକୁ ଅଧିକ ସକ୍ରିୟ କରିବା, କର୍ମୀଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଓ ଲୋକଙ୍କ ସହ ନିୟମିତ ଯୋଗାଯୋଗ ରଖିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇପାରେ। ଏହା ସହ ଦଳ ପକ୍ଷରୁ ଏହି ଅଭିଯୋଗ ଉପରେ କି ପ୍ରତିକ୍ରିୟା ଦିଆଯାଉଛି, ତାହା ମଧ୍ୟ ରାଜନୈତିକ ଚର୍ଚ୍ଚାରେ ଗୁରୁତ୍ୱ ବହନ କରିବ। ବିଜେପି ଓ ବିଜେଡି ର ନେତା କର୍ମୀ କେତେକ ସ୍ଥାନରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହେବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ଦଳୀୟ କର୍ମୀମାନେ ଉଦ୍ୟମ କରୁଛନ୍ତି। ଏଥିସହ ଦଳୀୟ ସଂଗଠନ ତଳସ୍ତରକୁ ସକ୍ରିୟ କରିବା ଏବଂ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।ପଞ୍ଚାୟତ ନିର୍ବାଚନରେ ସ୍ଥାନୀୟ ପ୍ରସଙ୍ଗର ଗୁରୁତ୍ୱ ଅଧିକ ଥିବାରୁ ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଆବାସ, କୃଷି ଓ ସରକାରୀ ଯୋଜନାର ସୁଫଳ ଆଦି ପ୍ରସଙ୍ଗ ନେଇ ମଧ୍ୟ ଆଲୋଚନା ହେଉଛି। ସ୍ଥାନୀୟ ଲୋକଙ୍କ ଆଶା ଓ ଅଭିଯୋଗକୁ ନେଇ ବିଭିନ୍ନ ଦଳ ନିଜ ନିଜ ଭାବେ ଲୋକଙ୍କ ସହ ଯୋଗାଯୋଗ କରୁଥିବା ଦେଖାଯାଉଛି।ଅନ୍ୟପଟେ, ପଞ୍ଚାୟତ ସ୍ତରରେ ଦଳୀୟ ସମୀକରଣ ସହ ସ୍ଥାନୀୟ ନେତୃତ୍ୱ ଓ ବ୍ୟକ୍ତିଗତ ଜନସମ୍ପର୍କ ମଧ୍ୟ ଗୁରୁତ୍ୱ ରଖିଥାଏ। ଏହି କାରଣରୁ ବିଭିନ୍ନ ଦଳର ସମ୍ଭାବ୍ୟ ସ୍ଥାନୀୟ ନେତା ଓ କର୍ମୀମାନେ ନିଜ ନିଜ ଅଞ୍ଚଳରେ ସକ୍ରିୟତା ବଢ଼ାଇଥିବା ଚର୍ଚ୍ଚା ହେଉଛି। ତେବେ କିଏ ପ୍ରାର୍ଥୀ ହେବେ କିମ୍ବା କେଉଁ ଅଞ୍ଚଳରେ କେଉଁ ଦଳର ସ୍ଥିତି କିପରି ରହିବ, ସେ ସମ୍ପର୍କରେ ଏବେଠାରୁ ସ୍ପଷ୍ଟ ଚିତ୍ର ମିଳିନାହିଁ।

# ପ୍ରକାଶିତ ହେଲା ବିଗୁଲ ପ୍ରଭା ସାପ୍ତାହିକ ପତ୍ରିକା

ସୁବର୍ଣ୍ଣପୁର,୧୨।୧୦ (ସଂଚାର ବ୍ୟୁରୋ): ସୋନପୁର ଟାଉନ୍ ହଲ୍ ଠାରେ ବିଗୁଲ ଟିଭି ର ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟଘାଟ ସହ ବିଗୁଲ ପ୍ରଭା ସାପ୍ତାହିକ ଖବର କାଗଜ ର ଉନ୍ମୋଚନ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓଝା, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାଏକ୍, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଏ ଡି ଏମ୍ ଓ ଡ୍ରା, ଦୁର୍ଗା ଦତ୍ତ ବାଣ ଯୋଗ ଦେଇ ବିଗୁଲ ଟିଭି ଚ୍ୟାନେଲ ମାଧ୍ୟମ ରେ ଲୋକ ଙ୍କ ପାଖକୁ ସବୁ ଖବର ପହଞ୍ଚି ପାରିଛି ଓ ସମସ୍ୟା ସମାଧାନ ଦିଗରେ



ଏହା ଉପରେ ଅଟଳ୍ୟ ବର୍ଷକ ଙ୍କ ଆଶା ଭରସା ରହି ଆସିଛି ବୋଲି ମନ୍ତ୍ରୀ କହିଛନ୍ତି । ସଭା କୁ ଅଭିନାଶ ହୋତା ସଂଯୋଜନା କରିଥିବାବେଳେ କୁଳିଅଦ୍ ଫିଲ୍ମ ହିରୋ ଶ୍ରୀୟଂସ ପ୍ରସାଦ ରଥ, ଦେବାଶିଷ ରଥ, ଯୁବ ଉଦ୍ୟୋଗୀ ମମତା ଦାସ ଓ ବିଭିନ୍ନ ପ୍ରତିଭା ଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଗୁଲ ଟିଭି ଚ୍ୟାନେଲର ଅଧ୍ୟକ୍ଷ ସନ୍ତୋଷ ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୁମକୁ ଝୁମାନ, ପର୍ବୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ତପସ୍ୱୀ ବ୍ରଜ ବିହାରୀଙ୍କ ଜୟନ୍ତୀ ସମାରୋହ

ସୁବର୍ଣ୍ଣପୁର,୧୨।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ମହାନଦୀ ଯୋଗ ବିହାରସ୍ଥିତ ଗୋପାଳକୃଷ୍ଣ ଯୋଗାଶ୍ରମ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସୁବର୍ଣ୍ଣପୁର ଶାଖା ପକ୍ଷରୁ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ତଥା ବୈଦିକ ବିଦ୍ୱାନ ତପସ୍ୱୀ ବ୍ରଜ ବିହାରୀଙ୍କ ୧୦୬ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ସନ୍ତୋଷ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବହୁ ସାହିତ୍ୟିକ, ଶିକ୍ଷାବିତ୍ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ଉତ୍ସବରେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ମୁଖ୍ୟବକ୍ତା, ଡକ୍ଟର ଭବାନୀ ଶଙ୍କର ପଟେଲ ମୁଖ୍ୟ ଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ଶଙ୍କର ରଥ ସ୍ୱତନ୍ତ୍ର ଅତିଥି ଏବଂ ପରିଷଦର ଉପଦେଷ୍ଟା ଗୋରେଖନାଥ ସାହୁ ଓ ଡକ୍ଟର ଜ୍ୟୋତିରଞ୍ଜନ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତାମାନେ ତପସ୍ୱୀ ବ୍ରଜ ବିହାରୀଙ୍କ ଜୀବନୀ, ସାଧନା ଓ ସାହିତ୍ୟକୃତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତାଙ୍କର ଅପ୍ରକାଶିତ ପାଣ୍ଡୁଲିପିଗୁଡ଼ିକୁ ପ୍ରକାଶ କରିବା ସହ ଉଚ୍ଚଶିକ୍ଷାର ପାଠ୍ୟକ୍ରମରେ ତାଙ୍କ ସାହିତ୍ୟକୃତିକୁ ସ୍ଥାନ ଦେବା ପାଇଁ ସମ୍ମିଳିତ ଉଦ୍ୟମ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା। ସଭାରେ ମଞ୍ଜୁଶ୍ରୀ ବାବୁ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଯଜ୍ଞେଶ୍ୱର ପୂଜାରୀ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ।

# ବୃହତ୍ ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ

ବୈଶିଙ୍ଗା,୧୨।୧୦ (ସଂଚାର ବ୍ୟୁରୋ): ରାଜ୍ୟ ସରକାର ଇତି ମଧ୍ୟରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର କରିବା ପାଇଁ ଯୋଜନା କରିଥିବା ଖବର ବେଶ୍ ରୋଚକ ହୋଇଛି। କାରଣ ଦୀର୍ଘ ଦିନ ଧରି ଏହି ଶୀତଳ ଭଣ୍ଡାର ଆବଶ୍ୟକତାକୁ ପୂରଣ କରିବା ପାଇଁ ପୂର୍ବ ସରକାର ୨୪ ବର୍ଷ ଶାସନ କରିବା ପରେ ମଧ୍ୟ ଖାଲି ପ୍ରତିଶୃତି ରେ ରହିଗଲା। ନୂଆ ବିଜେପି ସରକାର ଅଢ଼େଇ ବର୍ଷ ଶାସନରେ ରହିଥିଲେ ମଧ୍ୟ କେମିତି ସବୁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରାଯିବ ତାର ହିସାବ ପାଉନାହିଁ କିମ୍ବା କରିବାର ଇଚ୍ଛା ମଧ୍ୟ ନ ଥିବାର ଜଣାପଡେ। ବୈଶିଙ୍ଗା ନିକଟସ୍ଥ ବୁଡା ବଳଙ୍ଗ ନଦୀ ଅବବାହିକାରେ ଗଣ୍ଡର୍ଡ଼ା, କାକରାପାଳ, ଶଙ୍କରପୁର, ପତୁଲ, ନାଗିରା, ପାଟଳିପୁରା, ଖଣ୍ଡଦେଉଳା, ଗୋରିଶକୋଠ, ଶାଳ ଗାଁ ଆଦି ଗ୍ରାମ ମାନଙ୍କରେ ରବି ଋତୁରେ ପ୍ରଚୁର ପରିମାଣରେ ପରିବା ଚାଷ କରାଯାଇଥାଏ, ଏହି ପରି ପରିବା ସାଧାରଣତଃ ବର୍ତ୍ତମାନ ସମୟରେ ସେଠାଁ ପରିବା କିଲୋ ପ୍ରତି ଅଶୀ ଟଙ୍କା ବିକ୍ରୀ ହେଉଛି ତାହା ରବି ଋତୁରେ ଦଶ ଟଙ୍କାରେ ବିକ୍ରୀ ହୋଇଥାଏ। ଏପରିକି ବିକ୍ରୀ ହୋଇ ନ ପାରିଲେ ଚାଷୀ ମାନେ କୁଣ୍ଡାଳ କୁଣ୍ଡାଳ ପନି ପରିବା ନଷ୍ଟ କରି ଦିଅନ୍ତି। ଏ ସବୁ କୁ ସଂରକ୍ଷଣ କରି ରଖିବା ପାଇଁ ଶୀତଳ ଭଣ୍ଡାର ଟିଏ ଥିଲେ ଚାଷୀ ଉପକୃତ ହୋଇପାରନ୍ତେ। ଏହି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ବିଭିନ୍ନ ଖବର କାଗଜରେ ଏହି ଖବର ପ୍ରଷ୍ଠା ମନ୍ଦ କରିଛି ସବୁ ମାତ୍ର ସରକାର କିମ୍ବା କୃଷି ବିଭାଗ ଅଧିକାରୀଙ୍କ ଦୃଷ୍ଟିରେ ପଡ଼ିନାହିଁ। ନିର୍ବାଚିତ ପ୍ରତିନିଧିଙ୍କ କଥା ନ କହିବା ଭଲ କାରଣ ସେମାନେ ନିଜ ସ୍ୱାର୍ଥ ପାଇଁ ଯେଉଁଠି ଅଧିକ ପିସି ମିଳିବ ସେ ପାଇଁ ଆଗଭର ହେବା ବ୍ୟତୀତ କିଛି ଚିନ୍ତା କରନ୍ତି ନାହିଁ। ମାତ୍ର ଭୋଟ ବେଳେ ଆସିଲେ ପ୍ରତିଶୃତିରେ ପୋତି ପକାନ୍ତି। ତାପରେ ସେ ଅଞ୍ଚଳକୁ ଆଉ ଆସନ୍ତି ନାହିଁ। ତେବେ ମୋହନ ସରକାର କେତେ ଯତ୍ନବାନ ହେଉଛନ୍ତି ଦେଖିବାକୁ ବାକି ରହିଲା।

